READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୫ ସଂଖ୍ୟା-୨୨ ୧୪ - ୨୦ ଜୁନ୍, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-22 14th - 20th JUNE, 2021 BHUBANESWAR ₹ 5/- (8 Pages)

# ସଂକ୍ରମଣ ଖସୁଛି; ବିପଦ ଟଳିନି

**ନୂଆଦିଲ୍ଲୀ / ଭୁବନେଶ୍ୱର :** ଦେଶରେ ମହାମାରୀ କରୋନା ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏବେ ଭାରତରେ ଦୈନିକ ସଂକ୍ରମଣ ଲକ୍ଷେ ତଳକୁ ଖସିଛି। ବିଭିନ୍ନ ରାଜ୍ୟରେ ମଧ୍ୟ ସଂକ୍ରମଣ କମୁଥିବାରୁ ସେଠାରେ ଅନଲକ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସଂକ୍ରମଣ କମୁଥିଲେ ହେଁ ଏବେ ବି ପାର୍ଟି କରିବାର ସମୟ ଆସିନି। ସମସ୍ତଙ୍କୁ ଅଧିକ ସତର୍କ ରହିବାକୁ ପଡିବ ବୋଲି କେନ୍ଦ୍ର ସରକାର କହିଛନ୍ତି। ଏଥିସହ ଖୁବ୍‌ଶୀଘ୍ର ଜାତୀୟ ସେରୋସର୍ଭେ ଆରମ୍ଭ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ନୀତି ଆୟୋଗ ସଦସ୍ୟ ଡା ଭିକେ ପଲ କହିଛନ୍ତି ଯେ, ଆମେ ଏବେ ଅନଲକ ଓ ସ୍ଥିତି ସ୍ୱାଭାବିକ କରିବା ଦିଗରେ ବଢୁଛେ। କିନ୍ତୁ



ଏହି ସମୟରେ ଆମେ ଯଦି ସତର୍କ ନ ରହିବା ଓ କରୋନା କଟକଣାକୁ ନ ମାନିବା, ତା'ହେଲେ ବହୁତ ଅସୁବିଧା ହେବ। ଆମେ ବାରମ୍ବାର ଏକଥା କହି ଆସୁଛୁ। ଆମକୁ ମାସ୍କ ପରିଧାନ ଓ ସାମାଜିକ ଦୂରତା ନିୟମକୁ କଡାକଡି ଭାବେ ପାଳନ କରିବାକୁ ପଡିବ। ରାଜ୍ୟ ସରକାରମାନେ ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଦରକାର। ସଂକ୍ରମଣ କମିଥିଲେ ହେଁ ଏଯାଏଁ ପାର୍ଟି କରିବାର ସମୟ ଆସିନାହିଁ। ସବୁବେଳେ ସମସ୍ତେ ମାସ୍କ ପିନ୍ଧନ୍ତୁ। ସଂକ୍ରମଣ ଗତି, ଏହାର ଭୟାବହତା ଓ ଗତିବିଧିକୁ ଦୃଷ୍ଟିରେ ରଖି ଆମକୁ ରାଜ୍ୟସ୍ତରୀୟ ସେରୋସର୍ଭେ ମଧ୍ୟ କରିବାକୁ ପଡିବ। ଏହାର ନିଷ୍ପତ୍ତି ଜିଲ୍ଲା ଓ ରାଜ୍ୟସ୍ତରରେ ହେବା ଉଚିତ। ହଟସ୍ପଟ ବ୍ୟତୀତ ଆଉ ସବୁ ସ୍ଥାନରେ ଅନଲକ ହୋଇପାରିବ। ସର୍ଭେଲାନ୍ସ ତଥ୍ୟ ସଂଗ୍ରହ କରିବା ସହ ସିକ୍ୱେନ୍ସିଂ ମଧ୍ୟ କରିବାକୁ ହେବ। ବର୍ତ୍ତମାନ ମହାମାରୀର କେଉଁ ଢାଞ୍ଚା ଚାଲିଛି, ତା'କୁ ଦେଖିବାକୁ ପଡିବ ବୋଲି ସେ କହିଛନ୍ତି। ଟିକା ସମ୍ପର୍କରେ ଡା ପଲ କହିଛନ୍ତି ଯେ, ଏବେ ଟିକାର ଉପଲବ୍ଧତା ବୃଦ୍ଧି ପାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ କୋର୍ଡିନେସନ ମଧ୍ୟ ବୃଦ୍ଧି ହେବ। ଯେଉଁମାନେ ଟିକାର ପ୍ରଥମ ଡୋଜ୍ ନେଇଛନ୍ତି, ସେମାନେ ଦ୍ୱିତୀୟ ଡୋଜ୍ ଦିଅନ୍ତୁ। ଅନେକ ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖଯୋଦ୍ଧା ଓ ବୟସ୍କ ବ୍ୟକ୍ତିମାନେ ଏଯାଏ ଦ୍ୱିତୀୟ ଡୋଜ୍ ନେଇନାହାନ୍ତି। ଦ୍ୱିତୀୟ ଡୋଜ୍ ନେବା ସେମାନଙ୍କର ଦାୟିତ୍ୱ। ସେମାନେ ଦ୍ୱିତୀୟ ଡୋଜ୍ ନେବାକୁ ଆଗେଇ ଆସିବା ଉଚିତ୍ ବୋଲି ସେ କହିଛନ୍ତି।

ଓଡ଼ିଶାରେ କରୋନାର ଦୈନିକ ସଂକ୍ରମଣ ମଧ୍ୟ ୫ ହଜାର ତଳକୁ ଖସି ଆସିଛି। ଗତ ଏପ୍ରିଲ ୨୧ ତାରିଖରେ ରାଜ୍ୟରେ ଶେଷଥର ଲାଗି ୫ ହଜାରରୁ କମ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା। ୫୦ଦିନ ପରେ ପୁଣି ରାଜ୍ୟ ଏଭଳି ସ୍ଥିତିକୁ ଫେରିଛି। ଓଡ଼ିଶାରେ ପଜିଟିଭ୍ ହାର ୭.୯%କୁ ଖସିଆସିଛି। ରାଜ୍ୟର କେତେକ ଜିଲ୍ଲାରେ ପଜିଟିଭ୍ ହାର ୫%ରୁ ମଧ୍ୟ କମ ରହିଛି। ➤ ପୃ-୬

## କୋୱିନ୍ ପୋର୍ଟାଲର ଜାଲ୍ ୱେବ୍‌ସାଇଟ୍ କରିଛି ଚୀନ୍

# ଚୋରି କରୁଛି ତଥ୍ୟ

**ନୂଆଦିଲ୍ଲୀ / ଭୁବନେଶ୍ୱର :** ଭାରତରୁ କୋଟି କୋଟି ଟଙ୍କା ଲୁଟି ଚାଲିଛନ୍ତି ସାଇବର ଠକ। ଅନ୍‌ଲାଇନ୍ ମାଧ୍ୟମରେ ଠକେଇ କରୁଛନ୍ତି। ଏଭଳି ଠକେଇ ଘଟଣାରେ ଆଗରେ ରହିଛି ଚାଇନିଜ୍ ଡେଟିଂ ଆପ୍। ଚୀନ୍ ସହ ଆଫଗାନିସ୍ତାନ, ଥାଇଲାଣ୍ଡ ଓ ଇରାକର ସାଇବର ଠକ ମାନେ ସାମିଲ ହୋଇ ଭାରତରୁ ଏଭଳି ଲୁଟ୍ ଚଳାଇଛନ୍ତି। ୬ଜଣ ସାଇବର ଲୁଟେରା ଗିରଫ ହେବା ପରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ବେଙ୍ଗାଲୁରୁର ସାଇବର ସେଲ୍ ଏହି ଠକ ମାନଙ୍କୁ ଗିରଫ କରିଛି। ଏପର୍ଯ୍ୟନ୍ତ ୨୦ଜଣ ବଡ ବଡ ସାଇବର ଠକ ଗିରଫ ହେବା ପରେ ଅନ୍‌ଲାଇନ୍ ଠକେଇକୁ ନେଇ ସମସ୍ତଙ୍କ ଚିନ୍ତା ବଢ଼ିଛି। ଏମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ମଧ୍ୟ ଜଣେ ରହିଛନ୍ତି। ପଶ୍ଚିମବଙ୍ଗ ଉଲବେରିଆ ଅଞ୍ଚଳର ସାଇବର ଠକ ସେକ୍ ରବିନ୍ ଅନ୍‌ଲାଇନ୍ ଠକେଇ ମାମଲାର ମୁଖ୍ୟ କାର୍ପଟଦାର



ବୋଲି ଜଣାପଡିଛି। ସେକ୍ ରବିନ୍ ଟେଲିଗ୍ରାମ୍ ଆପ ଜରିଆରେ ଚୀନ୍ ହ୍ୟାକରଙ୍କ ସହ ସମ୍ପର୍କ ଯୋଡିଥିଲା। ତାଙ୍କ ସହ ମିଶି ସେ ଭାରତରେ ଏହି ଠକେଇ ଆପ ଚଳାଉଥିଲା। ନିଷ୍କ୍ରିୟ ହୋଇଯାଇଥିବା ୧୦୦ରୁ ଊର୍ଦ୍ଧ୍ୱ କମ୍ପାନୀକୁ ଟାର୍ଗେଟ କରି ସେ ଜାଲ ସଂସ୍ଥା ଖୋଲିଥିଲା। ନିଜେ ଖୋଲିଥିବା ଜାଲ ସଂସ୍ଥା ଜରିଆରେ ଟଙ୍କା କ୍ରିପ୍ଟୋକରେନ୍ସିକୁ ବଦଳାଇ ଏହି ଟଙ୍କାକୁ ବିଦେଶକୁ ପଠାଉଥିଲା। ପୋଲିସ ଗୋଇନ୍ଦା ବିଭାଗ ଏହି ଠକଙ୍କର ମୁଖ୍ୟ ➤ ପୃ-୬

# ଏଥର ମଧ୍ୟ ବିନା ଭକ୍ତରେ ପୁରୀରେ ରଥଯାତ୍ରା

**ଭୁବନେଶ୍ୱର :** କରୋନା ସଂକ୍ରମଣର ଆଶଙ୍କାକୁ ନଜରରେ ରଖି ଏଥର ମଧ୍ୟ ବିନା ଭକ୍ତରେ ଶ୍ରୀ ଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସ୍ନାନ ଯାତ୍ରା, ଗୁଣ୍ଡିଚ଼ା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ, ନୀଳାଦ୍ରିବିଜେରେ ପୁରୀ ସହରରେ କର୍ଫ୍ୟୁ ଲାଗିବ। ଜୁଲାଇ ୧୨ରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ସାରା ରାଜ୍ୟରେ ରଥଯାତ୍ରାରେ ହଜାର ହଜାର ରଥ ଗଡୁଥିଲେ ବି ଏଥର କେବଳ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ରଥ ଗଡ଼ିବ। ଆଉ କେଉଁଠି ରଥଯାତ୍ରା ହେବନି କି ମହାପ୍ରଭୁ ମନ୍ଦିର



ବାହାରକୁ ଆସିବେନି। ସବୁ ନୀତିକାନ୍ତି ମନ୍ଦିର ଭିତରେ ହେବ ବୋଲି ସ୍ୱତନ୍ତ୍ର ରିଲିଫ କମିସନର ପ୍ରଦୀପ ଜେନା କହିଛନ୍ତି। ରାଜ୍ୟରେ ଏବେ ବହୁ ସଂଖ୍ୟକ କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିବା ବେଳେ ବିଶେଷଜ୍ଞମାନେ ମତ ଦେଉଛନ୍ତି ଯେ ଭିଡ଼ ହେଲେ କରୋନା ସଂକ୍ରମଣ ବଢ଼ିବ। ଧାର୍ମିକ କାର୍ଯ୍ୟକ୍ରମରେ ଅଧିକ ଶ୍ରଦ୍ଧାଳୁ ଏକାଠି ହେଲେ ସ୍ଥିତି ଅଣାୟତ୍ତ ହୋଇଯିବ। କିନ୍ତୁ ରାଜ୍ୟ ସରକାର କୋଭିଡ-୧୯ରୁ ପ୍ରତିଟି ଜୀବନକୁ ସୁରକ୍ଷିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିବାରୁ ସ୍ନାନଯାତ୍ରାରୁ ଆରମ୍ଭ କରି ରଥଯାତ୍ରା ଶେଷ ହେବା ପର୍ଯ୍ୟନ୍ତ କଟକଣା ଲଗାଯାଇଛି ବୋଲି ଏସ୍‌ଆରସି ଶ୍ରୀ ଜେନା କହିଛନ୍ତି। ପୁରୀରେ ରଥଯାତ୍ରା ବିଧିରେ ସେବାୟତଙ୍କ ବ୍ୟତୀତ ଅନ୍ୟ କେହି ସାମିଲ୍ ହେବେନି। ଯେଉଁ ସେବାୟତମାନେ ଦୁଇ ଡୋଜ୍ ଟିକା ନେଇଥିବେ କିମ୍ବା ରଥଯାତ୍ରାର ୪୮ଘଣ୍ଟା ପୂର୍ବରୁ ଆରଟିପିସିଆର୍ ନେଗେଟିଭ୍ ରିପୋର୍ଟ ଦେଖାଇବେ, ସେମାନେ ହିଁ ➤ ପୃ-୬

# ୪ଟି ନିବେଶ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର :** କରୋନା ମହାମାରୀ ସଂକ୍ରମଣ ଆଶଙ୍କା ମଧ୍ୟରେ ୧୬୩୭.୪୧ କୋଟି ଟଙ୍କାର ୪ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ଅଥରିଟିଙ୍କ ଅନୁମୋଦନ ମିଳିଛି। ଏହି ୪ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ଅତିରିକ୍ତ ୧୧୧୬ଟି ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ଯେଉଁ ୪ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି, ତାହା ମୁଖ୍ୟତଃ ଡାଉନଷ୍ଟ୍ରିମ୍ ମ୍ୟାନୁଫାକଚରିଂ, ମେଟାଲ



ଓ ପାୱାର ସେକ୍ଟରର ରହିଛି। ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ଏସବୁ ପ୍ରକଳ୍ପ ପାଇଁ ଜମି ଓ ଜଳର ବାସ୍ତବ ଆବଶ୍ୟକତା ଆକଳନ ପାଇଁ ଇପିକଲକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁସବୁ ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି ସେଗୁଡିକ ହେଲା ଯୋଡାସ୍ଥିତ ଟାଟା ଷ୍ଟିଲ ଲିଃର ଆଇରନ ଓର ବେନିଫିକେସନ ପ୍ଲାଣ୍ଟ ସମ୍ପ୍ରସାରଣ ସାମିଲ ରହିଛି। ଏହି ପ୍ଲାଣ୍ଟର କ୍ଷମତା ବାର୍ଷିକ ୧୨ ନିୟୁତ ଟନ୍‌ରୁ ୧୭.୬ ନିୟୁତ ଟନ୍‌କୁ ବୃଦ୍ଧି କରାଯିବ। ଏଥିରେ ୯୪୬ କୋଟି ଟଙ୍କା ନିବେଶ ହେବ ଓ ୮୦୩ ଜଣ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ବୌଦ୍ଧରେ ମହାନଦୀ କୋଲ୍ ଫିଲଡ୍ ଦ୍ୱାରା ୫୦ ମେଗାୱାଟ ବିଶିଷ୍ଟ ସୋଲାର ପାୱାର ଜେନେରେସନ ➤ ପୃ-୬

## ବକ୍ରବାଣୀ



ଭଲା ରାଜନୀତି ନାନୀ କଲାରେ
ଶୋଧା ଖାଇ ଖାଇ ଦିନ ଗଲାରେ
ଟ୍ରୋଲ୍ ହେଲେ କିବା ଖାତିରି ବଢ଼େ
ରାଜ୍ୟସଭା ସ୍ୱପ୍ନ ମୁଣ୍ଡରେ ଚଢ଼େ
ଏତେ ଶୋଧା ଗାଳି ଖାଇକି ନାନୀ
ତଥାପି ତାଙ୍କର ମନ ମାନେନି
ରାତି ପାହିଗଲେ ସଜ ହେଇକି
ଭିଡିଓ ଛାଡାନ୍ତି ଗପ କହିକି
ସତେ କିଏ ତାଙ୍କୁ ଦେଇଛି କହି
ଦିଲ୍ଲୀରେ ବସିବେ ଏମ୍ପିଟେ ହେଇ।

—— ଟୁଟୁ

## 'ୟାସ' ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା

# କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିବ ସହାୟତା

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାତ୍ୟା ୟାସ ପ୍ରଭାବିତ ଅଞ୍ଚଳର କୃଷକ ମାନଙ୍କ ପାଇଁ ସହାୟତା ଘୋଷଣା କରିଛନ୍ତି। ୩୩% ବା ତାଠାରୁ ଅଧିକ ଫସଲ କ୍ଷତି ସହିଥିବା ଛୋଟ ଓ ନାମମାତ୍ର ଚାଷୀଙ୍କ ପାଇଁ ଇନପୁଟ ସହାୟତା ଘୋଷଣା କରିଥିବା ବେଳେ ୩୩% ବା ଅଧିକ କ୍ଷତି ସହିଥିବା ଛୋଟ ଓ ନାମମାତ୍ର ଚାଷୀଙ୍କ ସ୍ୱଳ୍ପ ମିଆଦୀରଣ ମଧ୍ୟମ ମିଆଦୀ ଋଣକୁ ପରିବର୍ତ୍ତନ କରିଛନ୍ତି। କୃଷି ଯାନ୍ତ୍ରିକୀକରଣ ପାଇଁ କୋଡ଼ିଏ କୋଟି ଟଙ୍କାର ରିହାତି ସହାୟତା ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ମଇ ୨୬ ତାରିଖ ଦିନ ବାତ୍ୟା ୟାସ ଯୋଗୁଁ ଅନେକ ଜିଲ୍ଲାରେ ଫସଲ ନଷ୍ଟ ହେବା ସହିତ ପଶୁସଂପଦ, ମତ୍ସ୍ୟ, ହସ୍ତତନ୍ତ ଓ ରେଶମ ଚାଷ ଆଦି ବିଭିନ୍ନ କ୍ଷେତ୍ରରେ ବ୍ୟାପକ କ୍ଷତି ହୋଇଛି। ଚାଷୀ ମାନଙ୍କର କ୍ଷତି ଭରଣା ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ଘୋଷଣା କରି ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୃଷିକ୍ଷେତ୍ର ପାଇଁ ୩୩ ପ୍ରତିଶତ ବା ଅଧିକ କ୍ଷତି ହୋଇଥିବା ଫସଲ ପାଇଁ ଅଣଜଳସେଚିତ ଅଞ୍ଚଳରେ ଛୋଟ ଓ ନାମମାତ୍ର ଚାଷୀଙ୍କୁ ହେକ୍ଟରର ପିଛା ୬୮୦୦ ଟଙ୍କା ଇନପୁଟ ସବ୍‌ସିଡ୍ ଦିଆଯିବ। ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୩,୫୦୦ ଟଙ୍କା ଏବଂ ସମସ୍ତ ପ୍ରକାର ସବୁଦିନିଆ ଫସଲ ପାଇଁ



ହେକ୍ଟର ପିଛା ୧୮,୦୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡ୍ ଦିଆଯିବ। ଆମ୍ବ, କାଜୁ, ନଡିଆ, କେତକୀ, ପାନ ଆଦି ଫସଲ ସବୁଦିନିଆ ଫସଲ ଶ୍ରେଣୀରେ ଅନ୍ତର୍ଭୁକ୍ତ। କେବଳ ପ୍ରକୃତ ଚାଷୀ ମାନଙ୍କୁ ଏହି ସହାୟତା ପ୍ରଦାନ କରାଯିବ। ସବୁଦିନିଆ ଫସଲ ପାଇଁ ଚାଷୀ ମାନଙ୍କୁ ସର୍ବନିମ୍ନ ୨୦୦୦ ଟଙ୍କା ଓ ଅନ୍ୟ ଫସଲ ପାଇଁ ସର୍ବନିମ୍ନ ୧୦୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡ୍ ମିଳିବ। ସେହିପରି ପ୍ରଭାବିତ ଜିଲ୍ଲାର ଚାଷୀମାନଙ୍କୁ ୨୦୨୧ ଖରିଫ ଋତୁ ପାଇଁ ବର୍ତ୍ତମାନ ଦିଆଯାଉଥିବା ରିହାତିର ଅଧିକ ୨୫ ପ୍ରତିଶତ ରିହାତି ସହିତ ଦେଢ ଲକ୍ଷ କ୍ୱିଣ୍ଟାଲ ଉନ୍ନତ ମାନର ପ୍ରାମାଣିକ ଧାନ ବିହନ ଯୋଗାଇ ଦିଆଯିବ। ଏହି ରିହାତି ସିଧାସଳଖ ଡିବିଟି ଜରିଆରେ ଚାଷୀଙ୍କ ଆକାଉଣ୍ଟକୁ ଦିଆଯିବ। ଖରିଫ ଋତୁରେ ଅଧିକ ଅମଳ ପାଇଁ ଏକ ଲକ୍ଷ ଏକର ଜମି ପାଇଁ ଏକ ଲକ୍ଷ ଚାଷୀଙ୍କୁ ବିହନ ବିଶୋଧନ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ। ଖରିଫ ଋତୁରେ ଧାନ, ଝୋଟ ଓ ଡାଲି ଜାତୀୟ ଫସଲ ପାଇଁ ପ୍ରଭାବିତ ଅଞ୍ଚଳରେ ୨୫ ହଜାର ଏକର ଜମିରେ ପ୍ରଦର୍ଶନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଧାଡି ବୁଣା ଓ ଧାଡି ରୁଆ ଆଦି ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରୁଥିବା ଚାଷୀ ମାନଙ୍କୁ ୩୬ ହଜାର ଏକର ଜମି ପାଇଁ ହେକ୍ଟର ପିଛା ୧୫୦୦ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ। ୬୦,୦୦୦ ହେକ୍ଟର ଜମିରେ ➤ ପୃ-୬




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

# ସ୍ୱାସ୍ଥ୍ୟବୀମା କାହା ସ୍ୱାର୍ଥରେ ?

**ଭୁବନେଶ୍ୱର, (ଶୀଳଭଦ୍ର ଶାସ୍ତ୍ରୀ) :** ଆମ ଦେଶରେ ଲୋକେ ପ୍ରାୟ ଦୁଇଟି ବୀମା ସହିତ ପରିଚିତ ଥିଲେ। ଗୋଟିଏ ହେଲା ଜୀବନ ବୀମା ଓ ଅନ୍ୟଟି ମୋଟର ଜାନ ବୀମା। ଧୀରେ ଧୀରେ ଜନସାଧାରଣ ଗୃହ, ଦୁର୍ଘଟଣା, କାରଖାନା ବିମା ଇତ୍ୟାଦି ସହ ପରିଚିତ ହେଲେ। କିନ୍ତୁ ଗତ କିଛି ବର୍ଷରେ ଲୋକେ ସ୍ୱାସ୍ଥ୍ୟ ସଚେତନ ହବାକୁ ଲାଗିଲେ ଏବଂ ସେଥିପାଇଁ ସଞ୍ଚୟ ବି କଲେ, ଏହି ସମୟରେ କିଛି ଘରୋଇ ବୀମା କମ୍ପାନୀ ସ୍ୱାସ୍ଥ୍ୟବୀମା ପଲିସି ଆଣି ଲୋକଙ୍କୁ ଆକୃଷ୍ଟ କଲେ। ହେଲେ ବହୁ ଲୋକ ସଚେତନତା ଅଭାବ ସାଙ୍ଗକୁ ବାର୍ଷିକ ପ୍ରିମିୟର ବହୁ ଅଧିକ ହେଉଥିବାରୁ ସେଥିପାଇଁ ବିତସ୍ପୃହ ହେଲେ ଏବଂ କିଛି ଭଲ ରୋଜଗାରିଆ ଲୋକେ ଏହି ବୀମା କଲେ। ତେଣୁ ବଜାର ସ୍ଥିତି, ଲୋକଙ୍କ ଆବଶ୍ୟକତାକୁ ଦେଖି ସରକାର ନିଜର ଆର୍ଥିକ ବୋଝ କମାଇବା ପାଇଁ ବିଭିନ୍ନ ସ୍ୱାସ୍ଥ୍ୟବୀମାକୁ ଯୋଡିଲେ ଏବଂ ଏହି ଯୋଜନାରେ




ଲୋକଙ୍କ ହିତ ତଥା ଜାତୀୟକରଣ ବ୍ୟାଙ୍କରେ ରାଷ୍ଟ୍ରାୟତ ବୀମା କମ୍ପାନୀ ଗୁଡିକୁ ଯୋଡା ଗଲା। ଉଦ୍ଦେଶ୍ୟ ଥିଲା ଲୋକଙ୍କ ବିଶ୍ୱାସଭାଜନ ହେବା ସହ ସେମାନଙ୍କ ପାଇଁ ସୁଲଭ ଦରରେ ସ୍ୱାସ୍ଥ୍ୟବୀମା ଯୋଗାଇ ଏକ ଜନମଙ୍ଗଳ ରାଷ୍ଟ୍ରର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା। ତେଣୁ ବ୍ୟାଙ୍କରେ ଖାତା ଖୋଲିବା, ଋଣ ନେବା, ସ୍ଥାୟୀ ଜମା କରିବା ସମୟରେ ଗ୍ରାହକଙ୍କୁ ବ୍ୟାଙ୍କରେ ସ୍ୱାସ୍ଥ୍ୟ ବୀମା ସମ୍ବନ୍ଧରେ ବୁଝାଇ ସେମାନଙ୍କୁ ବ୍ୟକ୍ତିଗତ ଓ ସମୂହ ପରିବାର ପାଇଁ ବୀମାଭୁକ୍ତ କରାଗଲା। ସେହି ବ୍ୟକ୍ତିମାନଙ୍କ ଭିତରୁ ଏହି ଲେଖକ ମଧ୍ୟ ଅନ୍ୟତମ ଗ୍ରାହକ। ଗତ ପ୍ରାୟ ପାଞ୍ଚବର୍ଷ ତଳେ ୫ଲକ୍ଷ ବୀମା ରାଶିର ବାର୍ଷିକ ପ୍ରିମିୟର ଯାହା ଥିଲା ତାହା ଗତବର୍ଷ କରୋନା ସମୟରେ ବହୁ ଅଧିକ କରି ଦିଆଗଲା। ଦୁଃଖ ଓ ପରିତାପର ବିଷୟ ଯେ, ଏ ବର୍ଷ ୨୦୨୧ ମସିହାରେ ଦେଶରେ କରୋନା ସ୍ଥିତି ଅତି ଦୟନୀୟ ଥିବା ବେଳେ ଏବଂ ପ୍ରାୟ ପୁରା ଦେଶରେ ତାଲା ବନ୍ଦ ଚାଲୁଥିବା ବେଳେ କେବଳ ସରକାରୀ ଚାକିରିଆଙ୍କୁ ଛାଡିଲେ ଅନ୍ୟ ଲୋକେ ଜୀବନ ଓ ଜୀବିକା ପାଇଁ କେବଳ 'ଢୋକେ ପିଇ ଦଣ୍ଡେ ଜୀଇଁ'କୁ ମୂଳମନ୍ତ୍ର କରିଛନ୍ତି। ଏହି ସମୟରେ ଲୋକଙ୍କର ସବୁଠାରୁ ବଡ ଆବଶ୍ୟକତା ହେଉଛି ସୁଲଭ ସ୍ୱାସ୍ଥ୍ୟ ସେବା। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
ଗଳା ଓ ମୁହଁରେ ସମସ୍ୟା ଦେଖାଦେଇପାରେ। ସମାଜରେ ଅନେକ ବରିଷ୍ଠ ବ୍ୟକ୍ତିଙ୍କ ସହ ଯୋଗାଯୋଗ ହେବ। ପରିବାରରେ ଆରାମ ସମୟ କଟିବ। ଛାତ୍ରମାନେ ପଢ଼ାରୁ ଦୂରେଇ ଯିବେ। ଜୀବନସାଥୀ କୌଣସି କାର୍ଯ୍ୟ ପାଇଁ ଜିଦ୍ କରିପାରନ୍ତି।

**ବୃଷ**
ସ୍ୱାସ୍ଥ୍ୟ ଓ ଧନ ଉଭୟ ପ୍ରତି ସତର୍କ ରହନ୍ତୁ। ବ୍ୟବସାୟୀମାନେ ବହୁତ ବିଚାର କରି ଧନ ଲଗାନ୍ତୁ। ପରିବାରରେ ସୁଖସମୟ କଟିବ। ଦୂରଯାତ୍ରା କରିପାରନ୍ତି। ଛାତ୍ରମାନଙ୍କୁ ଏବେର ପାଠର ସଫଳତା ଆଗକୁ ମିଳିବ।

**ମିଥୁନ**
ସ୍ୱାସ୍ଥ୍ୟ ଭଲ ରହିବ। କୌଣସି ବିବାଦରୁ ବାହାରି ପାରନ୍ତି। କୌଣସି ନିଜ ଲୋକ ସହ ଶତ୍ରୁତା ହୋଇପାରେ। ସୁଯୋଗ ହାତଛଡା ହେବ। ଛାତ୍ରମାନେ କଠିନ ପରିଶ୍ରମ କରନ୍ତୁ।

**କର୍କଟ**
ଚିକିତ୍ସାରେ ମାର୍ଗ ପରିବର୍ତ୍ତନ କରନ୍ତୁ। ସ୍ୱାସ୍ଥ୍ୟ ଭଲ ରହିବ। ଋଣ ପରିଶୋଧ କଠିନତା ହୋଇପାରେ। ପରିଭ୍ରମଣର ଚିନ୍ତା କରିପାରନ୍ତି। ଶତ୍ରୁମାନେ ପରାସ୍ତ ହେବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ।

**ସିଂହ**
ଦୁଃଖ ଆସିଲେ ମନକୁ ଶାନ୍ତ ରଖନ୍ତୁ। ଅନ୍ୟକୁ ଦେଖାଇବାକୁ ଯାଇ ଅତ୍ୟଧିକ ଖର୍ଚ୍ଚ କରନ୍ତୁ ନାହିଁ। ବାପା ମାଆଙ୍କ ସହଯୋଗ ମିଳିବ। ପ୍ରେମିକ ମାନେ ରୋମାଣ୍ଟିକ ହେବେ। ଉତ୍ତମ ଭୋଜପ ପ୍ରାପ୍ତିର ଯୋଗ ରହିଛି।

**କନ୍ୟା**
ଖାଦ୍ୟରେ ନିୟନ୍ତ୍ରଣ ରଖନ୍ତୁ। ଅଚାନକ ଧନପ୍ରାପ୍ତିର ଯୋଗ ଅଛି। ପରିବାରରେ ଶାନ୍ତି ପରିଲକ୍ଷିତ ହେବ। କ୍ୟାରିୟରରେ ଉନ୍ନତି ହେବ। ଛାତ୍ରମାନଙ୍କୁ ଆଶାନୁରୂପ ଫଳ ମିଳିବ।

**ତୁଳା**
ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ଘରର ଲୋକଙ୍କ ସମୟ ସମୟ କଟିବ। ଅନେକ ମାର୍ଗରୁ ଧନପ୍ରାପ୍ତି ହେବ। ଘରେ ରହି କାର୍ଯ୍ୟାଳୟର କାମ କରିପାରନ୍ତି। ଛାତ୍ରମାନେ ଲକ୍ଷ୍ୟରୁ ଦୂରେଇଯିବେ।

**ବିଛା**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ସାହାସ ଓ ଆତ୍ମବିଶ୍ୱାସ ବଢ଼ିବ। ସବୁ ନିଷ୍ପତ୍ତି ଠିକ୍ ଠିକ୍ ନେବେ। ଘରର କୌଣସି ଯାନବାହନ ଖରାପ ହୋଇପାରେ। କୌଣସି ନିଷ୍ପତ୍ତି ପୂର୍ବରୁ ଗୁରୁଜନଙ୍କ ଉପଦେଶ ନିଅନ୍ତୁ।

**ଧନୁ**
ଆଖି ଓ ଆଣ୍ଠୁଗଣ୍ଠି କଷ୍ଟରୁ ମୁକ୍ତି ପାଇବେ। ଅଯଥା ଧନ ଖର୍ଚ୍ଚ ହୋଇପାରେ। ପରିବାର ଝଗଡା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ନିଜ କାମର ସଫଳତାର ଲାଭ ଅନ୍ୟ କର୍ମଚାରୀ ନେଇପାରନ୍ତି।

**ମକର**
ସ୍ୱାସ୍ଥ୍ୟରେ ଅବନତି ଘଟିବ। କୌଣସି କାର୍ଯ୍ୟ ଅଟକି ପାରେ। କୌଣସି ବିବାଦରେ ପଡିପାରନ୍ତି। ଛାତ୍ରମାନେ ଆବଶ୍ୟକରୁ ଅଧିକ ସମୟ ଶୁଅନ୍ତୁ ନାହିଁ। ଦମ୍ପତିମାନେ ପରିବାର ବୃଦ୍ଧି ପାଇ ଚିନ୍ତା କରିବେ।

**କୁମ୍ଭ**
ଅଧିକ ଚା ବା କଫି ପିଅନ୍ତୁ ନାହିଁ। ନିଜ ଲୋକ ବ୍ୟବସାୟରେ ବିନିଯୋଗ ପାଇଁ କହିପାରନ୍ତି। ବିଚାର କରନ୍ତୁ, ଅଧିକ ପରିବାରି କାମ କରିପାରନ୍ତି। ବ୍ୟବସାୟରେ କ୍ଷତି ହୋଇପାରେ। ଛାତ୍ରମାନେ ପାଠକୁ ଛାଡି ମନୋରଞ୍ଜନରେ ରୁଚି ରଖିବେ।

**ମୀନ**
ସବୁଜ ପରିବା ଖାଦ୍ୟରେ ନିଅନ୍ତୁ। ସୁଫଳ ପାଇବେ। ଘରୋଇ ଦ୍ରବ୍ୟ କ୍ରୟ କରିପାରନ୍ତି। ପରିବାରରେ ସହଯୋଗ ମିଳିବ। ବ୍ୟବସାୟୀମାନେ ଲାଭବାନ ହେବେ। ଛାତ୍ରମାନେ ଶିକ୍ଷା ଓ ଉଚ୍ଚଶିକ୍ଷାରେ ସଫଳ ହେବେ। ପ୍ରେମିକ ମାନେ ଜଣେ ଅନ୍ୟ ଜଣଙ୍କ ଭୁଲ ବାଛନ୍ତୁ ନାହିଁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କିଶୋର ମାନଙ୍କୁ ବ୍ଲାକ ଫଙ୍ଗସରୁ ରକ୍ଷା ପାଇଁ ନିର୍ଦ୍ଦେଶାବଳୀ ଜାରି



**ନୂଆଦିଲ୍ଲୀ :** କରୋନାର ତୃତୀୟ ଲହରୀ ଆସିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆକଳନ କରୁଥିବା ବେଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କିଶୋର ଏବଂ ୧୮ ବର୍ଷରୁ କମ୍ ପିଲାମାନଙ୍କ ମଧ୍ୟରେ ବ୍ଲାକ ଫଙ୍ଗସ କିମ୍ବା ମ୍ୟୁକର୍ମାଇକୋସିସ୍ ରୋକିବା ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ମ୍ୟୁକର୍ମାଇକୋସିସ୍ ଏକ ଗୁରୁତର ଫଙ୍ଗଲ୍ ସଂକ୍ରମଣ। ଷ୍ଟେରଏଡର ଅତ୍ୟଧିକ ବ୍ୟବହାର, କର୍କଟ, ଷ୍ଟେମ ସେଲ ପ୍ରତିରୋପଣ ସହ ମଧୁମେହ ନିୟନ୍ତ୍ରଣ ନହେଉଥିଲେ ବି ଏହି ସଂକ୍ରମଣ ହୋଇପାରେ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗାଇଡଲାଇନରେ କହିଛି, ମ୍ୟୁକୋର୍ମାଇକୋସିସ୍ ପାଇଁ ଚିକିତ୍ସା ଆରମ୍ଭ କରିବା ପାଇଁ ଟେଷ୍ଟ ଫଳାଫଳକୁ ଅପେକ୍ଷା କରନ୍ତୁ ନାହିଁ କାରଣ ଏହା ଜରୁରୀକାଳୀନ ପରିସ୍ଥିତି। ଏହା ମଧ୍ୟ କୁହାଯାଇଛି ଯେ, ଯେଉଁମାନଙ୍କୁ ଆମ୍ଫୋଟେରାଇସିନ୍ ବି ଦିଆଯାଇପାରିବ ନାହିଁ ସେମାନଙ୍କୁ ପୋସାକୋନାଜୋଲ ଦିଆଯିବା ଉଚିତ୍। ପୋସାକୋନାଜୋଲ ଔଷଧର ମାତ୍ରା ୧୧ ବର୍ଷରୁ କମ୍ ପିଲାମାନଙ୍କୁ ଦିଆଯିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗାଇଡଲାଇନରେ କୁହାଯାଇଛି। ସୂଚନାଥାଉ କି, କରୋନା ଦ୍ୱାରା ସଂକ୍ରମିତ କିମ୍ବା କରୋନାରୁ ସୁସ୍ଥ ଥିବା ରୋଗୀଙ୍କ ଠାରେ କଳା ଫଙ୍ଗସ ସଂକ୍ରମଣ ମାମଲା ଅଧିକ ଦେଖାଯାଇଥାଏ। ଏହି କାରଣରୁ, ରୋଗୀଙ୍କ ଦୃଷ୍ଟି ଶକ୍ତି ନଷ୍ଟ ହୋଇଯାଇଥାଏ। ମଧୁମେହ ଥିବା ଲୋକଙ୍କଠାରେ ଏହାର ସଂକ୍ରମଣ ଦେଖାଯାଉଛି। ଡାକ୍ତରମାନେ କହିଛନ୍ତି ଯେ କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସାରେ ଅତ୍ୟଧିକ ଷ୍ଟେରଏଡ ବ୍ୟବହାର ଫଙ୍ଗଲ ସଂକ୍ରମଣର କାରଣ ହୋଇପାରେ।

## ଜୁଲାଇରୁ ମୌସୁମୀ ଅଧିବେଶନ!



**ନୂଆଦିଲ୍ଲୀ:** ମହାମାରୀ କରୋନା ସଂକ୍ରମଣ ଦ୍ୱିତୀୟ ଲହର ହ୍ରାସ ପାଉଥିବାରୁ ଆସନ୍ତା ଜୁଲାଇରୁ ସଂସଦର ମୌସୁମୀ ଅଧିବେଶନ ବସିବ। ଏହାପୂର୍ବରୁ ଚଳିତ ମାସ ୧୬ ତାରିଖରୁ ସଂସଦୀୟ କମିଟିଗୁଡ଼ିକ କାମ କରିବା ଆରମ୍ଭ କରିବେ। ଜୁନ୍ ୧୬ ଓ ୨୩ ତାରିଖରେ ପବ୍ଲିକ ଆକାଉଣ୍ଟସ କମିଟିର ବୈଠକ ମଧ୍ୟ ଡକାଯାଇଛି। ଶ୍ରମିକ ବ୍ୟାପାର ସଂସଦୀୟ କମିଟିର ଗୋଟିଏ ବୈଠକ ମଧ୍ୟ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସଂସଦୀୟ ବ୍ୟାପର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ପିଟିଆଇକୁ କହିଛନ୍ତି, ମୋର ଆଶା ସଂସଦର ମୌସୁମୀ ଅଧିବେଶନ ସବୁଥର ଭଳି ଜୁଲାଇ ମାସରୁ ଆରମ୍ଭ ହେବ। ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି କରାଯାଉଛି। ସୂଚନାଯୋଗ୍ୟ, ଗତବର୍ଷ କରୋନା ପାଇଁ ଜୁଲାଇ ମାସରେ ସବୁବେଳେ ଆରମ୍ଭ ହେଉଥିବା ସଂସଦର ମୌସୁମୀ ଅଧିବେଶନ ସେପ୍ଟେମ୍ବର ମାସରେ ବସିଥିଲା। ଦେଶରେ କରୋନା ପ୍ରବେଶ କରିବା ଦିନଠାରୁ ସଂସଦର ୩ଟି ଅଧିବେଶନର ସମୟସୀମା ହ୍ରାସ କରାଯାଇଥିବା ବେଳେ ଶୀତ ଅଧିବେଶନକୁ ସଂପୂର୍ଣ୍ଣ ବାତିଲ କରାଯାଇଥିଲା। ସେହିପରି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସଂସଦୀୟ କମିଟିର ବୈଠକକୁ ମଧ୍ୟ ବାତିଲ କରାଯାଇଥିଲା। କିଛି ସାଂସଦ ଭିଡିଓ କନଫରେନ୍ସିଂରେ ସଂସଦୀୟ କମିଟିର ବୈଠକ କରିବାକୁ ଦାବି କରିଥିଲେ ହେଁ ଉଭୟ ସଦନର ପ୍ରିଜାଇଡିଂ ଅଫିସର ଏଥିପାଇଁ ଅନୁମତି ଦେଇ ନଥିଲେ।

# ଟିକାର ଦର ନିର୍ଦ୍ଧାରଣ କଲା କେନ୍ଦ୍ର

**ନୂଆଦିଲ୍ଲୀ:** ଘରୋଇ ହସ୍ପିଟାଲଗୁଡ଼ିକ ଲୋକଙ୍କ ଟିକାକରଣ କରିବା ପରେ କେଉଁ ଟିକା ବାବଦରେ କେତେ ଟଙ୍କା ନେବେ, ତା'ର ମୂଲ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିର୍ଦ୍ଧାରଣ କରିଛି। ନିକଟରେ ମାଗଣା ଟିକା କଥା ଘୋଷଣା କରିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘରୋଇ ହସ୍ପିଟାଲଗୁଡ଼ିକ କମ୍ପାନୀ ଠାରୁ ୨୫% ଟିକା ସିଧାସଳଖ କିଣିପାରିବେ ବୋଲି କହିଥିଲେ। ଏଥିସହ ହସ୍ପିଟାଲଗୁଡ଼ିକ ସର୍ଭିସ ଚାର୍ଜ ବାବଦରେ ୧୫୦ ଟଙ୍କା ଲୋକଙ୍କ ଠାରୁ ନେବେ। ଏହି ଘୋଷଣାର ୨୪ ଘଣ୍ଟା ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଭିନ୍ନ ଟିକାର ଦର ନିର୍ଦ୍ଧାରଣ କରିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଘୋଷଣା ଅନୁଯାୟୀ, ସେରମ ଇନଷ୍ଟିଚ୍ୟୁଟ ଉତ୍ପାଦନ କରୁଥିବା କୋଭିସିଲ୍ଡ ଟିକାର ଗୋଟିଏ ଡୋଜର ଦର ବାବଦରେ ଘରୋଇ ହସ୍ପିଟାଲ ଗୁଡ଼ିକ ସର୍ବାଧିକ ୭୮୦ ଟଙ୍କା ଲୋକଙ୍କ ଠାରୁ ନେଇପାରିବେ। ଭାରତ ବାୟୋଟେକ ପ୍ରସ୍ତୁତ କରିଥିବା କୋଭାକ୍ସିନ ଟିକାର ସର୍ବାଧିକ ଦର ୧୪୧୦ ଟଙ୍କା ରହିଛି। ସେହିପରି ରୁଷ ଟିକା ସ୍ପୁଟନିକ ଭିର ଗୋଟିଏ ଡୋଜ୍‌ର ଦାମ ୧୧୪୫ ଟଙ୍କା ରଖା ଯାଇଛି। ଏହାଠାରୁ ଅଧିକ ଦାମ କୌଣସି ଘରୋଇ ହସ୍ପିଟାଲ ନେଇ ପାରିବେ ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟ କହିଛି ଯେ, କୋଭିସିଲ୍ଡର ଡୋଜ ପିଛା ଦର କମ୍ପାନୀ ୬୦୦ ଟଙ୍କା ରଖିଛି। ଏଥିରେ ୩୦ ଟଙ୍କା ଜିଏସ୍‌ଟି ଓ ସର୍ଭିସ ଚାର୍ଜ ବାବଦରେ ୧୫୦ ଟଙ୍କା ଲାଗିବ। ଅର୍ଥାତ ଏହାର ଗୋଟିଏ ଡୋଜ୍‌ର ମୂଲ୍ୟ ୭୮୦ ଟଙ୍କା ରହିଛି। ସେହିପରି କୋଭାକ୍ସିନର ଡୋଜ ପିଛା ଦାମ କମ୍ପାନୀ ଘରୋଇ ହସ୍ପିଟାଲ ଗୁଡ଼ିକ ପାଇଁ ୧୨ଶହ ଟଙ୍କା ରଖିଛି। ଏଥିରେ ଜିଏସ୍‌ଟି ୬୦ ଟଙ୍କା ଓ ସର୍ଭିସ ଚାର୍ଜ ୧୫୦ ଟଙ୍କା ମିଶାଇଲେ ଏହାର ଦାମ ୧୪୧୦ ଟଙ୍କା ହେଉଛି। ରୁଷ ଟିକାର ଦାମ ୯୪୮ ଟଙ୍କା ରହିଥିବା ବେଳେ ଏହା ଉପରେ ଜିଏସଟି ୪୮ ଟଙ୍କା ଲାଗୁ ହେବୟ ଏଥିସହ ସର୍ଭିସ ଚାର୍ଜ ମଧ୍ୟ ୧୫୦ ଟଙ୍କା ଲାଗିବ। ଏହାକୁ ମିଶାଇଲେ ଗୋଟିଏ ଡୋଜ୍‌ର ମୂଲ୍ୟ ୧୧୪୫ ଟଙ୍କା ହେଉଛି। ସବୁ ଟିକା ଉପରେ ୫% ଜିଏସ୍‌ଟି ଲାଗୁଥିବା କେନ୍ଦ୍ର ସରକାର କହିଛନ୍ତି। ଏହା ଠାରୁ ଅଧିକ ଦାମ କେହି ବି ଚାର୍ଜ କରିପାରିବେ ନାହିଁ। ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ସବୁଦିନ ଏହାକୁ ଚେକ୍ କରାଯିବ ଓ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଘରୋଇ ହସ୍ପିଟାଲ ଉପରେ ନଜର ରଖିବାକୁ କହିଛନ୍ତି। ସେମାନେ ଯେମିତି ସର୍ଭିସ ଚାର୍ଜ ବାବଦରେ ୧୫୦ ଟଙ୍କାରୁ ଅଧିକ ନନେବେ, ତା' ନିଶ୍ଚିତ କରିବାକୁ ରାଜ୍ୟ ସରକାରମାନେ ପଦକ୍ଷେପ ନେବେ। ଏହି ଦର କେବଳ ଘରୋଇ ହସ୍ପିଟାଲଗୁଡ଼ିକରେ ଲାଗୁ ହେବ। ସରକାରୀ ଟିକାକରଣ କେନ୍ଦ୍ରରେ ଲୋକମାନେ ମାଗଣାରେ ଡୋଜ୍ ନେଇପାରିବେ।

# ଚିନ୍ତା ବଢ଼ାଉଛି ଡେଲଟା ଭାରିଏଣ୍ଟ

**ନୂଆଦିଲ୍ଲୀ :** ପ୍ରଥମେ ଭାରତରେ ଚିହ୍ନଟ ହୋଇଥିବା କରୋନାର ଡେଲଟା ବା ବି.୧.୧୬୭.୨ ଭାରିଏଣ୍ଟ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ଡେଲଟା ଭାରିଏଣ୍ଟରେ ଆକ୍ରାନ୍ତ ଲୋକଙ୍କ ଶରୀରରେ ନୂଆ ନୂଆ ଲକ୍ଷଣ ଦେଖାଯାଉଥିବା ବେଳେ ଏହା ବହୁତ ଦ୍ରୁତଗତିରେ ଜଣଙ୍କ ପାଖରୁ ଆଉ ଜଣଙ୍କ ପାଖରେ ପହଞ୍ଚି ଯାଉଛି। ଏହି ଡେଲଟା ଭାଇରସ ପାଇଁ ହିଁ ଭାରତରେ ସଂକ୍ରମଣ ବଢ଼ିଥିବା ବିଶେଷଜ୍ଞମାନେ କହିଛନ୍ତି। ଏବେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ଡାକ୍ତରମାନେ ଡେଲଟା ଭାରିଏଣ୍ଟ ଅନ୍ୟ ଷ୍ଟ୍ରେନଗୁଡ଼ିକ ଠାରୁ କେତେ ମାରାତ୍ମକ, ତା'ର ତଥ୍ୟ ହାସଲ କରିବାରେ ଲାଗିଛନ୍ତି। ବିଶ୍ୱ ସଂଗଠନ କିଛିଦିନ ତଳେ ଭାରତରେ ଠାବ ହୋଇଥିବା ଭାରିଏଣ୍ଟର ନାଁ ଡେଲଟା ରଖିଥିଲା। ଏଥିସହ ଗତବର୍ଷ ବ୍ରିଟେନରେ ଠାବ ହୋଇଥିବା ଆଲପା ଭାରିଏଣ୍ଟ ଠାରୁ ଡେଲଟା ଅଧିକ ବିପଦଜନକ ବୋଲି କହିଥିଲା। ଡାକ୍ତରମାନଙ୍କ କହିବା କଥା ଡେଲଟା ଭାରିଏଣ୍ଟରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ପାଖରେ ଶ୍ରବଣ ଶକ୍ତି ହ୍ରାସ, ଭୟଙ୍କର ଗ୍ୟାଷ୍ଟ୍ରିକ୍ ଓ ରକ୍ତ ଜମାଟ ଭଳି ଲକ୍ଷଣ ଦେଖାଯାଉଛି। ତେଣୁ



ସେମାନଙ୍କୁ ହସ୍ପିଟାଲରେ ଆଡମିଶନ ହେବାକୁ ପଡୁଛି। କିନ୍ତୁ ଆଲଫା, ବିଟା ଓ ଗାମା ଭାରିଏଣ୍ଟରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ଶରୀରରେ ଏଭଳି ଲକ୍ଷଣ ବହୁତ କମ ଥିଲା କିମ୍ବା ଆଦୌ ଦେଖାଯାଉ ନଥିଲା। ଏହି ନୂଆ ଲକ୍ଷଣକୁ ନେଇ ଡାକ୍ତରମାନେ ମଧ୍ୟ ଚିକିତ୍ସା କରିବା ପୂର୍ବରୁ ଦ୍ୱନ୍ଦ୍ୱରେ ପଡୁଛନ୍ତି। ବିଶେଷକରି ରକ୍ତ ଜମାଟ ବାନ୍ଧୁଥିବାରୁ ଲୋକଙ୍କ ଜୀବନ ପ୍ରତି ଅଧିକ ବିପଦ ସୃଷ୍ଟି ହେଉଥିବା ସେମାନେ କହିଛନ୍ତି। ଭାରତରେ ପ୍ରଥମେ ଠାବ ହୋଇଥିବା ଏହି ଡେଲଟା ଭାରିଏଣ୍ଟ ଏଯାଏ ୬୦ଟି ଦେଶରେ ଚିହ୍ନଟ ହେଲାଣି। ବ୍ରିଟେନରେ ଡେଲଟା ଭାରିଏଣ୍ଟ ଦ୍ୱାରା ଆକ୍ରାନ୍ତ ହେଉଥିବା ଲୋକଙ୍କୁ ଅଧିକ ମାତ୍ରାରେ ହସ୍ପିଟାଲ ଚିକିତ୍ସାର ଆବଶ୍ୟକ ପଡୁଛି। ପୂର୍ବରୁ ଅନ୍ୟ ଭାରିଏଣ୍ଟରେ ଏପରି ସ୍ଥିତି ଦେଖାଯାଇ ନଥିଲା। କିଛି ବିଶେଷଜ୍ଞ କହିଛନ୍ତି, ଡେଲଟା ଭାରିଏଣ୍ଟ ବିରୋଧରେ କରୋନା ଟିକା ମଧ୍ୟ ସେତେଟା ପ୍ରଭାବ ଦେଖାଇ ପାରୁନି। ତେଣୁ ଏହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିବାର ଆଶଙ୍କା ରହିଛି। ସେହିପରି ଆଲଫା ତୁଳନାରେ ଡେଲଟା ଭାରିଏଣ୍ଟର ସଂକ୍ରମଣ କରିବାର କ୍ଷମତା ୫୦% ଅଧିକ ବୋଲି ସେମାନେ କହିଛନ୍ତି।

# କୋଭାକ୍ସିନ ଠାରୁ ପ୍ରଭାବଶାଳୀ କୋଭିସିଲ୍ଡ

**ନୂଆଦିଲ୍ଲୀ :** କରୋନା ମହାମାରୀକୁ ଚେକ୍ ଦେବା ପାଇଁ ଦେଶରେ ଟିକାକରଣ କାର୍ଯ୍ୟକ୍ରମ ଜାରି ରହିଛି। ଦେଶର ଲୋକଙ୍କୁ କୋଭୋଶିଲ୍ଡ ଏବଂ କୋଭାକ୍ସିନ ଦୁଇଟି କରୋନା ଟିକା ଦିଆଯାଉଛି। କରୋନା ଟିକାକୁ ନେଇ ଭାରତରେ କରାଯାଇଥିବା ଏକ ଗବେଷଣା ରିପୋର୍ଟରୁ ଜଣାପଡିଛି ଯେ କୋଭାକ୍ସିନ ତୁଳନାରେ କୋଭିଶିଲ୍ଡ ଟିକାରେ ଅଧିକ ଆଣ୍ଟିବଡି ତିଆରି ହୁଏ। କୋଭାଶିଲ୍ଡ, କୋଭାକ୍ସିନ ଅପେକ୍ଷା ଅଧିକ ପ୍ରଭାବଶାଳୀ। ଏହି ଅଧ୍ୟୟନ କରୋନା ଭାଇରସ୍ ଭ୍ୟାକ୍ସିନ୍- ଇନଡେକ୍ଟେଡ ଆଣ୍ଟିବଡି ଟାଇଟର୍ (କୋଭାଟ୍) ଦ୍ୱାରା କରାଯାଇଛି। ଏହି ଅଧ୍ୟୟନରେ ଡାକ୍ତର ଏବଂ ନର୍ସମାନେ ସାମିଲ ହୋଇଥିଲେ। ଏହି ପରୀକ୍ଷା ସମୟରେ ଲୋକମାନେ ଦୁଇଟି ଟିକାର ଗୋଟିଏ ଗୋଟିଏ ଡୋଜ ନେଇଥିଲେ। ଯେଉଁଥିରୁ ଜଣାପଡ଼ିଛି ଯେ ଉଭୟ ଟିକା ପ୍ରଭାବଶାଳୀ କିନ୍ତୁ କୋଭିଶିଲ୍ଡର ଆଣ୍ଟିବଡି ହାର ଭଲ। ୪୫୬ ଜଣ କୋଭିଶିଲ୍ଡର ପ୍ରଥମ ଡୋଜ ଏବଂ ୮୬ ଜଣ କୋଭାକ୍ସିନର ପ୍ରଥମ ଡୋଜ ନେଇଥିଲେ। ଏହାପରେ ୭୯.୩ ପ୍ରତିଶତ ଲୋକଙ୍କଠାରେ ଆଣ୍ଟିବଡି ତିଆରି ହୋଇଥିଲା। ଅଧ୍ୟୟନରୁ ଜଣାପଡିଛି ଯେ



ଯେଉଁମାନେ କୋଭିଶିଲ୍ଡ ନେଇଛନ୍ତି ସେମାନଙ୍କ ମଧ୍ୟରେ ୮୬.୮ ପ୍ରତିଶତ ଆଣ୍ଟିବଡି ଏବଂ କୋଭାକ୍ସିନ ଟିକା ନେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୪୩.୮ ପ୍ରତିଶତ ଆଣ୍ଟିବଡି ତିଆରି ହୋଇଛି। ଅଧ୍ୟୟନରୁ ଜଣାପଡିଛି ଯେ କୋଭାଶିଲ୍ଡ ନେବା ପରେ ଶରୀରରେ ଭଲ ଆଣ୍ଟିବଡି ତିଆରି ହୁଏ ଏବଂ ଯେଉଁମାନେ କୋଭାଶିଲ୍ଡ ନେଇଛନ୍ତି ସେମାନଙ୍କ ଶରୀରରେ କୋଭାକ୍ସିନ ତୁଳନାରେ ଅଧିକ ଆଣ୍ଟିବଡି ବିକଶିତ ହୁଏ। ଅଧ୍ୟୟନର ଫଳାଫଳ ଅନୁଯାୟୀ ଉଭୟ ଟିକା କରୋନା ଭାଇରସ ଉପରେ ପ୍ରଭାବଶାଳୀ।

## ଭାରତକୁ ହୁ'ର ଚେତାବନୀ

# ଅବହେଳା କଲେ, ପରିଣାମ ଭୋଗିବ

**ନୂଆଦିଲ୍ଲୀ :** ଭାରତକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ଚେତାବନୀ। ଦେଶରେ କରୋନା କଟକଣାକୁ କୋହଳ କରାଯିବାକୁ ନେଇ ସତର୍କ କରାଇଛି ହୁ'। ବିପଜ୍ଜନକ ଡେଲ୍‌ଟା ଭାରିଏଣ୍ଟ ସହ ଦେଶ ଯୁଝୁଥିବା ବଳେ ଏଭଳି କଟକଣା କୋହଳ ବିପଦଜନକ ହୋଇପାରେ ବୋଲି ସ୍ୱାସ୍ଥ୍ୟ ସଂଗଠନ କହିଛି। ସମ୍ପ୍ରତି ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି। ଗତ କିଛି ସପ୍ତାହ ପୂର୍ବେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୪ଲକ୍ଷ ଟପିଥିବା ବେଳେ ଏବେ ଏହା ୧ଲକ୍ଷକୁ ଖସି ଆସିଛି। ଗତ ୨୪ଘଣ୍ଟା ମଧ୍ୟରେ ୮୬ ହଜାର କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨ ହଜାର ୧୨୩ ଜଣଙ୍କ ମୃତ୍ୟୁ ହୋଇଛି। ଚଳିତଥର କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ଲକ୍‌ଡାଉନ୍ କଟକଣା ଘୋଷଣା କରାଯାଇନଥିବା ବେଳେ ରାଜ୍ୟ ସରକାରମାନେ ନିଜ ନିଜ ରାଜ୍ୟର ସ୍ଥିତି ଅନୁଯାୟୀ ଲକ୍‌ଡାଉନ୍ କଟକଣା ଲାଗୁ କରିଛନ୍ତି। ବର୍ତ୍ତମାନ ସ୍ଥିତି କ୍ରମଶଃ ସୁଧୁରିବାରୁ




କୋହଳ ମଧ୍ୟ କରିଛନ୍ତି। ଦିଲ୍ଲୀ ଓ ମହାରାଷ୍ଟ୍ର ଭଳି ସର୍ବାଧିକ ପ୍ରଭାବିତ ରାଜ୍ୟ ମଧ୍ୟ କଟକଣାକୁ କୋହଳ କରିବାରେ ଲାଗିଛନ୍ତି। ଆଉ ଏହି କଟକଣା କୋହଳକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ ଟେଡ୍ରୋସ୍ ଆଧାନୋମ ଗେବ୍ରିୟେସସ୍। ଲକ୍‌ଡାଉନ୍ କଟକଣା କୋହଳ କରାଯିବାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ସ୍ୱାସ୍ଥ୍ୟସଂଗଠନ ମୁଖ୍ୟ। ସଂକ୍ରମିତଙ୍କ ସଂଖ୍ୟା କମିଥିଲେ ମଧ୍ୟ ଟିକାକରଣ ପ୍ରକ୍ରିୟା ପୂରା ହୋଇପାରିନି। ଯେଉଁମାନେ ଏଯାବତ୍ କରୋନା ଟିକା ନେଇନାହାନ୍ତି ସେମାନଙ୍କ ପାଇଁ କଟକଣାକୁ କୋହଳ କରିବା ବିପଦଜନକ ହୋଇପାରେ। ଏହା ପୂର୍ବରୁ 'ହୁ' କରୋନା ଡେଲ୍‌ଟା ଷ୍ଟ୍ରେନ୍‌କୁ ନେଇ ଚିନ୍ତା ବ୍ୟକ୍ତ କରିଥିଲେ। କରୋନାର ଏହି ଷ୍ଟ୍ରେନ୍ ସର୍ବପ୍ରଥମେ ଭାରତରେ ଦେଖିବାକୁ ମିଳିଥିଲା ବେଳେ ଏ ଷ୍ଟ୍ରେନ୍‌କୁ ଭାରିଆଣ୍ଟ ଅଫ୍ କନସର୍ନ ଭାବେ ଘୋଷଣା କରିଥିଲା 'ହୁ'। ତେବେ କରୋନା ତୃତୀୟ ପ୍ରବାହ ନେଇ ବିଶେଷଜ୍ଞମାନେ ପୂର୍ବାନୁମାନ କରିଥିବା ବେଳେ ଏ ନେଇ ଏସ୍‌ବିଆଇ ପକ୍ଷରୁ କରାଯାଇଥିବା ଗବେଷଣାଲବ୍ଧ ରିପୋର୍ଟ ପ୍ରକାଶ ପାଇଛି। ଯେଉଁଥିରେ ପ୍ରାୟ ୯୦ଦିନରୁ ଅଧିକ ସମୟ ଧରି କରୋନା ତାଣ୍ଡବ ରଚିବ ବୋଲି ଉଲ୍ଲେଖ ରହିଛି। ଏଣୁ ଟିକାକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ସରିନଥିବା ବେଳେ କେବଳ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ଦୃଷ୍ଟିରୁ କଟକଣାରେ କୋହଳ କରାଯିବା ଆଲୋଚନା ବିଷୟ। କିନ୍ତୁ ଲୋକଙ୍କ ସତର୍କତା ଓ ସଚେତନତା ହିଁ କରୋନା ମୁକାବିଲା ଦିଗରେ ଅଧିକ ଗୁରୁତ୍ୱପୂର୍ଣ୍ଣ।

## କରୋନା ଚିକିତ୍ସା ମାର୍ଗଦର୍ଶିକାରେ ବଡ଼ ପରିବର୍ତ୍ତନ

# ରୋଗୀଙ୍କୁ ଆଇଭର୍‌ମେକ୍ଟିନ୍ ଓ ଡକ୍ସିସାଇକ୍ଲିନ୍ ବ୍ୟବହାର ମନା

**ନୂଆଦିଲ୍ଲୀ :** କରୋନା ଟେଷ୍ଟରେ ରିପୋର୍ଟ ପଜିଟିଭ୍ ଆସିଲା ମାତ୍ରେ ଲକ୍ଷଣ ଥାଉ କି ନଥାଉ ଡାକ୍ତର ମାନେ ଲେଖୁଥିଲେ ଗଣ୍ଡା ଗଣ୍ଡା ଔଷଧ। ଏବେ ଏତେ ପରିମାଣରେ ଔଷଧ ଖାଇବା ସମସ୍ତେ ଖାଇବା ଠିକ୍ ନୁହେଁ ବୋଲି ଅନୁଭବ କରିଛନ୍ତି ସରକାର। ତେଣୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକ (ଡିଜିଏସଏସ) ଏହି ନିୟମରେ ପରିବର୍ତ୍ତନ କରିଛନ୍ତି। ଯେଉଁଥିରେ ସ୍ପଷ୍ଟ ଭାବରେ କୁହାଯାଇଛି ଯଦି ଲକ୍ଷଣ ନଥିଲେ କିମ୍ବା ହାଲକା ଲକ୍ଷଣ ଥିଲେ ଆଣ୍ଟିପିୟରେଟିକ (ଜ୍ୱର) ଏବଂ ଆଣ୍ଟିଟ୍ୟୁସିବ୍ (ଥଣ୍ଡା)କୁ ଛାଡ଼ି ଦେଲେ ଆଉ ବାକି ଔଷଧ ଖାଇବା ଦରକାର ନାହିଁ। ଡିଜିଏସଏସଙ୍କ ଏହି ନିଷ୍ପତ୍ତି ଆଇସିଏମଆର ନିକଟରେ କରିଥିବା ଏକ ସର୍ଭେ ରିପୋର୍ଟ ପରେ ଆସିଛି। ଯେଉଁଥିରେ ଆଇସିଏମଆର କହିଥିଲା ଅଧିକ ଶକ୍ତିଶାଳୀ ଆଣ୍ଟିବାୟୋଟିକ୍ ଅଧିକାଂଶଙ୍କ ପାଇଁ ପୋଷ୍ଟ କୋଭିଡ ବେଳେ ଘାତକ ସାଜିଛି। ଡାକ୍ତରମାନେ ଆକ୍ରାନ୍ତଙ୍କ ପାଇଁ ପ୍ରେସକ୍ରିପସନ ବେଳେ ଅଧିକ ଶକ୍ତିଶାଳୀ ଆଣ୍ଟିବାୟୋଟିକ୍ ଔଷଧ ଲେଖିଥିବାରୁ ଅନେକଙ୍କର ମୃତ୍ୟୁ ହେଉଥିବା ବେଳେ ଆଉ କେହି ବ୍ଲାକ ଫଙ୍ଗସ ଭଳି ରୋଗର ଶିକାର ହେଉଛନ୍ତି। ତେଣୁ ଜୀବନ ରକ୍ଷା କରିବାକୁ ଯାଇ ବ୍ୟବହାର କରାଯାଇଥିବା ଆଣ୍ଟିବାୟୋଟିକକୁ ଅତିରିକ୍ତ ବ୍ୟବହାର ଉପରେ ରୋକ୍ ଲଗାଇବା




ଦରକାର ବୋଲି ଆଇସିଏମଆର ବିଶେଷଜ୍ଞ ଚେତାବନୀ ଦେଇଥିଲେ। ମେ ୨୭ରେ ଡିଜିଏସଏସ ଜାରି କରିଥିବା ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଲକ୍ଷଣ ବିହୀନ କିମ୍ବା ହାଲୁକା ଲକ୍ଷଣ ଥିବା ବ୍ୟକ୍ତିଙ୍କ ପାଇଁ ଔଷଧରେ ପରିବର୍ତ୍ତନ କରିଛନ୍ତି। ହାଇଡ୍ରୋକ୍ସି କ୍ଲୋରୋକୁଇନ୍, ଆଇଭରମେକ୍ଟିନ, ଡକ୍ସିସାଇକ୍ଲିନ୍, ଜିଙ୍କ, ମଲ୍ଟିଭାଇଟାମିନ୍ ଇତ୍ୟାଦି ରହିଛି। ଏଥିରେ ଡାକ୍ତରଙ୍କୁ କୁହାଯାଇଛି ଯେ ଯଦି ଆବଶ୍ୟକ ନାହିଁ ତାହେଲେ ରୋଗୀଙ୍କୁ ସିଟି ସ୍କାନ କରିବାକୁ ପରାମର୍ଶ ଦିଅନ୍ତୁ ନାହିଁ। କରୋନାରେ ସଂକ୍ରମିତ ହୋଇ ଲକ୍ଷଣ ନଥିଲେ ସେମାନେ କରୋନା ପାଇଁ ଔଷଧ ଖାଇବା ଦରକରା ନାହିଁ। କିନ୍ତୁ କରୋନାରେ ସଂକ୍ରମିତ ହେବା ପୂର୍ବରୁ ଏହି ବ୍ୟକ୍ତି ଯଦି ଅନ୍ୟ ରୋଗରେ ଆକ୍ରାନ୍ତ ହୋଇଥିବେ ତାହେଲେ ସେହି ରୋଗକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ତା ଉପରେ ଗୁରୁତ୍ୱ ଦିଆଯିବ ଦରକାର ବୋଲି ଡିଜିଏସଏସ କହିଛନ୍ତି। ତେବେ ସଂକ୍ରମିତ ବ୍ୟକ୍ତି ସନ୍ତୁଳିତ ଆହାର ନେବା ଦରକାର ବୋଲି କୁହାଯାଇଛି। ଲକ୍ଷଣ ହାଲୁକା ଥିଲେ ଜ୍ୱର, ନିଃଶ୍ୱାସ ପ୍ରଶ୍ୱାସ, ଅକ୍ସିଜେନ ସ୍ତର କିମ୍ବା ସଂକ୍ରମିତ ବ୍ୟକ୍ତି ନିଜେ ମାପି ଚେକ କରିବା ଦରକାର। ଗାଇଡଲାଇନରେ ଦର୍ଶାଯାଇଛି ଯେ ଯଦି କରୋନାର ହାଲକା ଲକ୍ଷଣ ଥାଏ ତେବେ ଆଣ୍ଟିପିୟରେଟିକ ଏବଂ ଆଣ୍ଟିଟ୍ୟୁସିବକୁ ଜଣେ ଖାଇ ପାରିବେ। ଯଦି କାସ ହେଉଛି ତାହେଲେ ୫ ଦିନ ଯାଏ ଦିନକୁ ଦୁଇ ଥର ୮୦୦ ଏମସିଜିର ବୁଡେସୋନାଇଡ୍ ନେଇ ପାରିବେ। ଏହି ଔଷଧକୁ ଛାଡି ଦେଲେ ଅନ୍ୟାନ୍ୟ ଔଷଧ ଖାଇବାର ଆବଶ୍ୟକତା ନାହିଁ।

## ଡ୍ରଗ୍ସ କାରବାର ରୋକିବାକୁ ସୁଦୃଢ଼ ହେବ ଏସ୍‌ଟିଏଫ୍ : ଡିଜିପି



**କଟକ:** ଓଡ଼ିଶା ପୋଲିସର ବିକାଶରେ ଯୋଡ଼ି ହୋଇଛି ଆଉ ଏକ ନୂଆ ଫର୍ଦ୍ଦ। ରାଜ୍ୟରେ ବୃଦ୍ଧି ପାଉଥିବା ଅବାଧ ଡ୍ରଗସ୍ କାରବାରକୁ ରୋକିବା ଏବଂ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ପୋଲିସର ସ୍ୱତନ୍ତ୍ର ନାର୍କୋଟିକ ୟୁନିଟ ପ୍ରତିଷ୍ଠା ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିଛନ୍ତି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରିଛନ୍ତି। ଏଥିସହିତ ଏସ୍‌ଟିଏଫ୍ ସୁଦୃଢ଼ କରିବାକୁ ରାଜ୍ୟ ସରକାର ଜଣେ ଏସ୍ପି ଓ ୩ଜଣ ଡିଏସ୍ପି ପାହ୍ୟାର ଅଧିକାରୀ ପଦବି ଓ ୨୭ଟି ନୂଆ ପଦବିକୁ ମଧ ମଂଜୁରୀ ଦେଇଛନ୍ତି। ବିଗତ ଦିନରେ ଓଡ଼ିଶା ପୋଲିସ ଡ୍ରଗସ କାରବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସୁଛି। ଡ୍ରଗସ୍ କାରବାର ଦମନ କରିବାରେ ସ୍ପେସାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ଡିଜିପି ଅଭୟ କହିଥିଲେ। ତେବେ ସରକାରଙ୍କ ନାର୍କୋଟିକ୍ ୟୁନିଟ୍ ପ୍ରତିଷ୍ଠା ଅନୁମୋଦନ ଓ ଏସ୍‌ଟିଏଫ୍ ଶକ୍ତିଶାଳୀ କରିବାକୁ ନେଇଥିବା ପଦକ୍ଷେପ ଏ ଦିଗରେ ଅଧିକ ସହାୟ ହେବ। ଆଗାମୀ ଦିନରେ ଡ୍ରଗସ କାରବାର ରୋକିବାକୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଜିପି ସୂଚନା ଦେଇଥିଲେ। ନୂତନ ପଦବି ସୃଷ୍ଟି, ସ୍ୱତନ୍ତ୍ର ଡ୍ରଗସ ୟୁନିଟ୍ ପ୍ରତିଷ୍ଠା ଏବଂ ଏସ୍‌ଟିଏଫ୍ ସଂପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିବାରୁ ଡିଜିପି ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ଡ୍ରଗ୍ସ କାରବାର ତଥ୍ୟ ଅନ୍ୟାନ୍ୟ ଅପରାଧକୁ ଦମନ କରିବାରେ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିବ ବୋଲି ଡିଜିପି ଅଭୟ ଏହି ଅବସରରେ ସରକାର ତଥା ରାଜ୍ୟବାସୀଙ୍କୁ ଆଶ୍ୱାସନା ଦେଇଥିଲେ।

# କମ୍ ସଂକ୍ରମଣ ଜିଲ୍ଲାରେ ହୋଇପାରେ ଅନ୍‌ଲକ୍ ପ୍ରକ୍ରିୟା



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଯୋଗେ ରାଜ୍ୟରେ କୋଭିଡ୍ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ରାଜ୍ୟରେ କୋଭିଡ୍ ସଂକ୍ରମଣରେ ଉନ୍ନତି ପରିଲକ୍ଷିତ ହେବା ସହିତ ପଜିଟିଭିଟ୍ ରେଟ୍ ହ୍ରାସ ପାଇଥିବାରୁ ମୁଖ୍ୟମନ୍ତ୍ରୀ ଆଶ୍ୱସ୍ତି ପ୍ରକାଶ କରିଥିଲେ ଏବଂ ଆଗାମୀ କିଛି ସପ୍ତାହ ମଧ୍ୟରେ ପରିସ୍ଥିତିରେ ଆହୁରି ଉନ୍ନତି ଆସିବ ବୋଲି ଆଶାପ୍ରକାଶ କରିଥିଲେ। ତଥାପି କେତେକ ଜିଲ୍ଲାରେ ପଜିଟିଭିଟ୍ ରେଟ୍ ଅଧିକ ଥିବାରୁ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାସହିତ ବର୍ତ୍ତମାନ ଚାଲିଥିବା ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ସମ୍ପର୍କରେ ସଚେତନତା ସହିତ ତାର ଉପଯୁକ୍ତ ତଦାରଖ ଏବଂ ଲକ୍ଷଣଯୁକ୍ତ ରୋଗୀଙ୍କର ତୁରନ୍ତ ଚିକିତ୍ସା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପରିସ୍ଥିତିରେ ଉନ୍ନତି ଆସିଲେ ମଧ ଦ୍ୱିତୀୟ ଲହର ପ୍ରଭାବରୁ ଆମେ ଏବେ ମଧ ସମ୍ପୂର୍ଣ୍ଣ ମୁକ୍ତ ହୋଇନାହୁଁ। ତା'ସହିତ ବିଭିନ୍ନ ପର୍ବପର୍ବାଣୀ ଆସୁଥିବାରୁ ଆମକୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ କୋଭିଡ୍ ନିୟମାବଳୀକୁ ଆହୁରି କଡାକଡି ଭାବରେ ପାଳନ କରିବା ପାଇଁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍ ତୃତୀୟ ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ସମ୍ପର୍କରେ ବିଶେଷଜ୍ଞମାନେ ମତ ଦେଉଥିବାରୁ, ଏବେଠାରୁ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ ଚିକିତ୍ସା ସୁବିଧାର ବିକାଶ, ଆବଶ୍ୟକ ଉପକରଣ ଏବଂ ଔଷଧ ମହଜୁଦ ରଖିବା ସଙ୍ଗେ ସଙ୍ଗେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଶିଶୁ ରୋଗ ସମ୍ପର୍କରେ ତାଲିମ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତୃତୀୟ ଲହର ପାଇଁ ଗଠିତ ଟେକ୍ନିକାଲ ଟାସ୍କ ଫୋର୍ସ କମିଟିର ସୁପାରିସ ଅନୁଯାୟୀ ଆଗୁଆ ପ୍ରସ୍ତୁତି କରିବା ପାଇଁ ମଧ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ଦୈନିକ ଟିକାକରଣ ଦେଢ଼ଲକ୍ଷ ଥିବା ବେଳେ ଏହାକୁ ୩ଲକ୍ଷକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ବ୍ଲାକ ଫଙ୍ଗସ ସଂକ୍ରମଣ ମଧ ବୃଦ୍ଧି ପାଉଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ସେଥିପାଇଁ ଆବଶ୍ୟକ ଔଷଧ ମହଜୁଦ ରଖିବା ଏବଂ ଆବଶ୍ୟକ ସ୍ଥଳେ ଜରୁରୀ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଅକ୍ସିଜେନ ଯୋଗାଣ ସନ୍ତୋଷଜନକ ରହିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହିତ ସିଲିଣ୍ଡର ଉପଲବ୍ଧତାରେ ଉନ୍ନତି ଘଟିଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟରେ ଲକ୍‌ଡାଉନ୍ ଜାରି ରହିଛି। କିନ୍ତୁ ଯେଉଁ ଜିଲ୍ଲା ଗୁଡିକରେ ସଂକ୍ରମଣ ହାର କମୁଛି, ସେଠାରେ ପର୍ଯ୍ୟାୟକ୍ରମେ ଅନ୍-ଲକ୍ ପ୍ରକ୍ରିୟା ଆରମ୍ଭ କରିବା ବିଷୟ ସରକାରଙ୍କ ବିଚାରଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ବାତ୍ୟା ପ୍ରଭାବିତ ଅଞ୍ଚଳରେ କୋଭିଡ୍ ସଂକ୍ରମଣରେ କୌଣସି ବୃଦ୍ଧି ଘଟି ନଥିବା ଆଶ୍ଚର୍ଯ୍ୟର ବିଷୟ। ରାଜ୍ୟରେ ପଜିଟିଭିଟ୍ ହାର କମିଥିବାରୁ ଆଇସିୟୁ ଓ ଅକ୍ସିଜେନ ସଂଯୁକ୍ତ ବେଡ୍ ଉପରେ ଚାପ ହ୍ରାସ ପାଇଛି। ଖୁବ୍‌ଶୀଘ୍ର ସଂକ୍ରମଣ ୫ ପ୍ରତିଶତକୁ ହ୍ରାସ ପାଇବ ବୋଲି ସେ ଆଶାପ୍ରକାଶ କରିଥିଲେ। କୋଭିଡ୍‌ର ସ୍ଥିତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ପିକେ ମହାପାତ୍ର କହିଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ୬% କୋଭିଡ୍ ରୋଗୀ ଘରେ ରହି ଚିକିତ୍ସିତ ହେଉଥିବା ବେଳେ ଡାକ୍ତରଖାନାରେ ୬୮% ବେଡ୍ ଖାଲି ରହିଛି। ରାଜ୍ୟରେ ଅକ୍ସିଜେନ ଯୋଗାଣ ଠାରୁ ଆରମ୍ଭ କରି ସମସ୍ତ ଆବଶ୍ୟକ ଔଷଧ ପର୍ଯ୍ୟାପ୍ତ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଆରମ୍ଭ କରି ମେଡିକାଲ କଲେଜ ପର୍ଯ୍ୟନ୍ତ ୧୧୧୪ ଡାକ୍ତର ଓ ୧୦୩୬ ସ୍ୱାସ୍ଥ୍ୟକର୍ମୀଙ୍କୁ ଶିଶୁ କୋଭିଡ୍ ରୋଗୀଙ୍କ ତାଲିମ କରାଯିବ। ଏହାସହିତ ତୃତୀୟ ଲହରର ମୁକାବିଲା ପାଇଁ ୩୦୦୦ ବେଡ୍, ୨୩୯୦ ଆଇସୋଲେସନ ବେଡ୍, ୬୧୦ ଆଇସିୟୁ ବେଡ୍ ପ୍ରସ୍ତୁତ ରଖାଯାଇଛି ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ। ଏହାସହିତ ଜୁନ୍ ମଧ ଭାଗରୁ ଗଞ୍ଜାମ, କୋରାପୁଟ ଓ ରାୟଗଡା ଜିଲ୍ଲାରେ ଚତୁର୍ଥ ସେରୋ ସର୍ଭେ ଆରମ୍ଭ କରାଯିବ ଏବଂ ଏଥିରେ ପିଲାମାନଙ୍କ ବିଷୟରେ ବିଶେଷ ତଥ୍ୟ ସଂଗ୍ରହ କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଉନ୍ନୟନ କମିଶନର, ପୋଲିସ ଡିଜି, ଅଗ୍ନିଶମ ସେବା ଡିଜି, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିମାନେ ଯୋଗ ଦେଇଥିଲେ।

## ଓଏଏସ୍ ବରିଷ୍ଠ ପାହ୍ୟାରେ ୨୨୦ ନୂଆ ପଦବୀ ସୃଷ୍ଟି

**ଭୁବନେଶ୍ୱର :** ଓଡ଼ିଶା ପ୍ରଶାସନିକ ସେବା(ଓଏଏସ) ପାହ୍ୟାରେ ଆଉ ୨୨୦ଟି ନୂଆ ପଦବୀ ସୃଷ୍ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହାସହିତ ଓଏଏସ୍ ପାହ୍ୟାରେ ଥିବା ମୋଟ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧୯୦୩ରୁ ୨୧୨୩କୁ ବୃଦ୍ଧି ପାଇଛି। ଓଏଏସ୍ ପଦବୀର ବରିଷ୍ଠ ପାହ୍ୟାରେ ଏହି ମୋଟ ୨୨୦ଟି ପଦବୀ ସୃଷ୍ଟି ହୋଇଛି ଓ ଏଣ୍ଟ୍ରି ଲେଭଲ୍ ପଦବୀ ସଂଖ୍ୟା ସମାନ ରହିଛି। ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ପ୍ରଶାସନିକ ସେବା କ୍ୟାଡ଼ରର ପୁନର୍ବିନ୍ୟାସ କରାଯାଇଛି। ଓଏଏସ୍ ଅଧିକାରୀମାନେ ରାଜ୍ୟ ପ୍ରଶାସନରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ବିଭିନ୍ନ ବିଭାଗର ଆବଶ୍ୟକତା ଅନୁସାରେ ଏହି ସେବାର ଅଧିକାରୀମାନଙ୍କୁ ବିଭିନ୍ନ ସ୍ତରରେ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଅତିରିକ୍ତ ପଦବୀର ଆବଶ୍ୟକତା ରହିଛି। ଓଏଏସ୍ ଅଫିସରଙ୍କ ପଦୋନ୍ନତି ପ୍ରକ୍ରିୟାକୁ ଗତିଶୀଳ ଓ ସୁସଙ୍ଗତ କରିବା ପାଇଁ ରାଜ୍ୟ ସରକାର ବରିଷ୍ଠସ୍ତରରେ ପଦବୀ ବୃଦ୍ଧି କରିଛନ୍ତି। ତେବେ ଓଏଏସ ଏଣ୍ଟ୍ରି ଲେଭଲ୍ ପଦବୀ ସଂଖ୍ୟା ୧୧୮୮କୁ ଅପରିବର୍ତ୍ତିତ ରଖି ଓଏଏସ୍ ଗ୍ରୁପ-ଏ(ସିନିୟର ବ୍ରାଂଚ) ପାହ୍ୟାରେ ଅଧିକ ୫୫ଟି ପଦବୀ, ଓଏଏସ (ସୁପର ଟାଇମ୍ ସ୍କେଲ) ପାହ୍ୟାରେ ଅଧିକ ୩୫ଟି, ଓଏଏସ୍ (ସୁପରିଅର ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍) ପାହ୍ୟାରେ ଅଧିକ ୯୦ଟି, ଓଏଏସ( ସ୍ପେଶାଲ ସେକ୍ରେଟାରୀ) ପାହ୍ୟାରେ ଅଧିକ ୪୦ଟି ପଦବୀକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ପୂର୍ବରୁ ଓଏଏସ୍ ସୁପର ଟାଇମ୍ ସ୍କେଲରେ ୩୩୦ ପଦବୀ ଥିବା ବେଳେ ଏହା ୩୮୫କୁ ବୃଦ୍ଧି ପାଇଛି। ସେହିପରି ଓଏଏସ୍ ସ୍ପେଶାଲ ସେକ୍ରେଟାରୀରେ ୨୫ ବଦଳରେ ୬୫ଟି ପଦ ସୃଷ୍ଟି ହୋଇଛି। ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ଦୀର୍ଘଦିନ ଧରି ବରିଷ୍ଠ ପାହ୍ୟାର ପଦବୀ ସଂଖ୍ୟା ବୃଦ୍ଧି ପାଇଁ ଦାବି ହେଉଥିଲା। ସେହିପରି ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମାବଳୀ-୧୯୫୯ର ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି।

## 'ଶିଶୁଙ୍କୁ ପ୍ରଭାବିତ କରିବ ତୃତୀୟ ଲହର'




**ଭୁବନେଶ୍ୱର :** କରୋନାର ତୃତୀୟ ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହୋଇପାରନ୍ତି। ପ୍ରଥମ ଲହରରେ ମଧ ଶିଶୁମାନେ କରୋନାରେ ପୀଡିତ ଥିଲେ। ଦ୍ୱିତୀୟ ଲହରରେ ଶିଶୁମାନେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଭବିଷ୍ୟତରେ କରୋନାକୁ ନିୟନ୍ତ୍ରଣ କରିବା ପାଇଁ ବୟସ୍କମାନଙ୍କୁ ଟିକାକରଣ କରାଯାଉଛି। ରାଜ୍ୟ ସରକାରଙ୍କର ବିଶେଷଜ୍ଞ ଡାକ୍ତର ସେବାରଞ୍ଜନ ବିଶ୍ୱାଳ କରୋନା ସମ୍ପର୍କିତ ପ୍ରଶ୍ନ ଓ ଉତ୍ତର କାର୍ଯ୍ୟକ୍ରମରେ ଏହା କହିନ୍ତି। ବୟସ୍କମାନ ଘରେ ଶିଶୁମାନଙ୍କ ସହିତ ସମୟ ବିତାଇଥାନ୍ତି। ତେଣୁ ବୟସ୍କମାନଙ୍କୁ ଟିକା ଦିଆଯାଇଥିଲେ ଶିଶୁମାନେ ମଧ ପରୋକ୍ଷ ଭାବେ ସୁରକ୍ଷିତ ରହିପାରିବେ। ବିଶେଷଜ୍ଞ ଡାକ୍ତର କହିଛନ୍ତି ଯେ, ତୃତୀୟ ଲହରରେ ଶିଶୁମାନେ କରୋନାରେ ଅଧିକ ପ୍ରଭାବିତ ହୋଇପାରନ୍ତି। ଭୂତାଣୁ ରୂପ ବଦଳାଉଥିବା ଓ ଶିଶୁମାନଙ୍କ ପାଇଁ ଏଯାଏଁ ଟିକା ନଥିବା ମଧ ଏକ କାରଣ ହୋଇପାରେ। ପିଲାମାନେ ଘରୁ ବାହାରକୁ ଯାଉ ନଥିଲେ ମଧ ସଂକ୍ରମିତ ହେଉଛନ୍ତି। ଏଥିପାଇଁ ବଡମାନେ ଦାୟୀ। ବଡମାନେ ଯେତେବେଳେ ବାହାରକୁ ଯାଉଛନ୍ତି, ଘରକୁ ଫେରିଲେ ଗୋଡ-ହାତ ଧୋଇବା ଦରକାର। ସାନିଟାଇଜର ବ୍ୟବହାର ଓ ସାବୁନରେ ହାତ ଧୋଇବା ଦରକାର। ସାମାଜିକ ଦୂରତା ରକ୍ଷା କରିବା ପାଇଁ ପରିବାର ଲୋକେ ଶିଶୁଙ୍କୁ ପରାମର୍ଶ ଦେବା ଉଚିତ। ଶିଶୁର ସମ୍ପୂର୍ଣ୍ଣ ଯତ୍ନ ମା' ନେଇଥାନ୍ତି। ତେଣୁ ଶିଶୁ କରୋନା ସଂକ୍ରମିତ ନ ହେବା ପାଇଁ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ୬ ମାସର ଶିଶୁ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ମା' ସ୍ତନ୍ୟପାନ କରିପାରିବେ। କିନ୍ତୁ ମା'ଙ୍କୁ ଏଥିପାଇଁ କିଛି ସତର୍କ ଅବଲମ୍ବନ କରିବାକୁ ହେବ। ମା' ମାସ୍କ ପିନ୍ଧିବେ, ଛୁଆକୁ ଛୁଇଁଲା ପରେ ସାବୁନରେ ଭଲ ଭାବରେ ହାତ ଧୋଇବେ ଓ ସାନିଟାଇଜର ବ୍ୟବହାର କରିବେ। ଛୋଟ ପିଲାଙ୍କୁ ଜ୍ୱର ଓ କାଶ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି ଡା. ବିଶ୍ୱାଳ ପରାମର୍ଶ ଦେଇଛନ୍ତି। ବିଶେଷଜ୍ଞ ଡାକ୍ତର କହିଛନ୍ତି ଯେ, ଗର୍ଭବତୀ ମହିଳା କରୋନା ପଜିଟିଭ୍ ଚିହ୍ନଟ ହେଲେ ପିଲା ସଂକ୍ରମିତ ହେବେ ବୋଲି ଚିନ୍ତା କରାନଯିବା ଦରକାର। ମା' ଓ ଶିଶୁ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ ମଧ ସ୍ତନ୍ୟପାନରେ କୌଣସି ଅସୁବିଧା ନାହିଁ। କିନ୍ତୁ ଉଭୟ ମା' ଓ ଶିଶୁ ପଜିଟିଭ ଚିହ୍ନଟ ହୋଇଥିଲେ ବି ସୁସ୍ଥ ଥିବା ଦରକାର।

# 'ୟାସ୍' ପରିଚାଳନାକୁ କେନ୍ଦ୍ରୀୟ ଟିମ୍‌ର ପ୍ରଶଂସା



**ଭୁବନେଶ୍ୱର :** ଗତ ମାସରେ ଆସିଥିବା ସାମୁଦ୍ରିକ ଝଡ଼ 'ୟାସ୍' ପରିଚାଳନାରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଓ ଭୂମିକାକୁ କେନ୍ଦ୍ରୀୟ ଟିମ୍ ପ୍ରଶଂସା କରିଛି। ଏହି ବାତ୍ୟା କ୍ଷୟକ୍ଷତି ପାଇଁ ରାଜ୍ୟ ସରକାର କୌଣସି ଅର୍ଥ ଦାବି କରିବେ ନାହିଁ ଓ ସମସ୍ତ ଅର୍ଥ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ କରାଯିବ। ସପ୍ତାହକ ସୁଦ୍ଧା ବାତ୍ୟା କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ ଶେଷ ହେବ। ବାତ୍ୟା 'ୟାସ'ର କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁନୀଲ କୁମାର ବର୍ଣ୍ଣୱାଲଙ୍କ ନେତୃତ୍ୱରେ ଆସିଥିବା ୭ଜଣିଆ ଟିମ୍ ଗତ ଦୁଇଦିନ ଧରି ବାତ୍ୟା ପ୍ରଭାବିତ ଅଂଚଳ ବୁଲି ଦେଖିବା ପରେ ରାଜ୍ୟ ପ୍ରଶାସନ ସହ ଆଲୋଚନା କରିଥିଲେ। ଶ୍ରୀ ବର୍ଣ୍ଣୱାଲ କହିଥିଲେ ଯେ, ରାଜ୍ୟରେ ବାତ୍ୟା ପରିଚାଳନା ବାସ୍ତବିକ ପ୍ରଶଂସନୀୟ। ରାଜ୍ୟରୁ ପଂଚାୟତ ପର୍ଯ୍ୟନ୍ତ ସମସ୍ତେ ଗୋଟିଏ ଟିମ୍ ଭାବେ କାମ କରିଛନ୍ତି। ବାତ୍ୟା ପ୍ରଭାବିତ ଅଂଚଳ ବୁଲିବା ସମୟରେ ସେ ଏହା ଜାଣିବାକୁ ପାଇଛନ୍ତି। ବାତ୍ୟା ପରିଚାଳନା, ଲୋକଙ୍କ ସୁରକ୍ଷା, ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ସମସ୍ତେ ନିଜର କାମ ଭାବି କରିଥିଲେ ବୋଲି ସେ କହିଛନ୍ତି। ତେବେ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବିପର୍ଯ୍ୟୟ ସହନଶୀଳ ରାସ୍ତା, ବିଦ୍ୟୁତ ବ୍ୟବସ୍ଥା ଆଦିର ଜରୁରୀ ଆବଶ୍ୟକତା ରହିଛି। ବାତ୍ୟା ପ୍ରତିରୋଧ ଭିତ୍ତିଭୂମି ହୋଇପାରିଲେ ସର୍ବସାଧାରଣ ସମ୍ପତ୍ତି କ୍ଷୟକୁ କମ୍ କରାଯାଇ ପାରିବ। କେନ୍ଦ୍ରୀୟ ଟିମ୍ ଆଗରେ ଓଡ଼ିଶାର ଦାବି ରଖି ମୁଖ୍ୟ ସଚିବ ସୁରେଶ ମହାପାତ୍ର କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବାତ୍ୟା ୟାସ୍ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଖର୍ଚ୍ଚ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ କରାଯିବ। କିନ୍ତୁ ଓଡ଼ିଶା ଏକ ବାତ୍ୟା-ବନ୍ୟା ପ୍ରବଣ ରାଜ୍ୟ ହୋଇଥିବାରୁ ଏଠାରେ ସ୍ଥାୟୀ ଓ ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମିର ଜରୁରୀ ଆବଶ୍ୟକତା ରହିଛି। ବିପର୍ଯ୍ୟୟ ପ୍ରତିରୋଧ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଓ ସମୁଦ୍ର ଜୁଆର ରୋକିବା ପାଇଁ ସୁଦୃଢ଼ ଓ ଉଚ୍ଚ ଲୁଣାଘେରି ବନ୍ଧ ନିମନ୍ତେ ସେ ପ୍ରସ୍ତାବ ରଖିଥିଲେ। ରାଜ୍ୟ ସରକାର ଏନେଇ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। କେନ୍ଦ୍ର ସରକାରଙ୍କ ବିପର୍ଯ୍ୟୟ ପ୍ରଶମନ ଗାଇଡଲାଇନ ଅନୁସାରେ ଏହି ପ୍ରସ୍ତାବ ପ୍ରସ୍ତୁତ କରି ଅନୁମୋଦନ ପାଇଁ ଶୀଘ୍ର କେନ୍ଦ୍ର ସରକାରଙ୍କ ପାଖରେ ଦାଖଲ କରାଯିବ ବୋଲି କହିଛନ୍ତି। ସେହିପରି ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଓଡ଼ିଶା ଗତ ୧୯୯୯ରୁ ୨୦୨୧ ମଧ୍ୟରେ ୮ଟି ମହାବାତ୍ୟାର ସମ୍ମୁଖୀନ ହୋଇଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଅଧିକ ବାତ୍ୟାର ସମ୍ମୁଖୀନ ହେଉଛି। ପ୍ରାଥମିକ ଆକଳନ ଅନୁସାରେ 'ୟାସ୍' ଯୋଗୁ ୧୧ଟି ଜିଲ୍ଲାର ୨୧୩୮ଟି ପଞ୍ଚାୟତର ୧୦୬୪୪ଟି ଗାଁ ଓ ୩୦ଟି ସହରାଞ୍ଚଳର ପ୍ରାୟ ୪୨୫ଟି ୱାର୍ଡ ଏହି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିରେ ପ୍ରାୟ ୭୫ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛ। ୨୬୭୮୧ଟି ଘର ଭାଙ୍ଗିଯାଇଛି ଓ ୧୨.୭୭ଲକ୍ଷ ପ୍ରାଣ ସମ୍ପଦ ପ୍ରଭାବିତ ହୋଇଛନ୍ତି। ୭.୧୦ଲକ୍ଷ ଲୋକଙ୍କୁ ବାତ୍ୟା ସମୟରେ ନିରାପଦ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିଲା। ଏହାଛଡ଼ା ୬୩୮୪.୪ ହେକ୍ଟର ଚାଷ ଜମିରେ ଫସଲ ନଷ୍ଟ ହୋଇଛି। ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ଚଳିତ ସପ୍ତାହରେ ଶେଷ ହେବ ବୋଲି ଶ୍ରୀ ଜେନା କହିଛନ୍ତି। ଏହି ବୈଠକରେ କେନ୍ଦ୍ର ଆନ୍ତଃ ମନ୍ତ୍ରଣାଳୟ ଟିମର ସମସ୍ତ ସଦସ୍ୟ ଓ ରାଜ୍ୟ ସରକାଣଙ୍କ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କେନ୍ଦ୍ରୀୟ ଟିମ୍ ବାତ୍ୟା କ୍ଷତିଗ୍ରସ୍ତ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ବୁଲି କ୍ଷୟକ୍ଷତି ଆକଳନ କରିଥିଲେ।

## ୪ ଥାକିଆ ହେବ ବିଜୁ ଏକ୍ସପ୍ରେସ-ୱେ

**ଭୁବନେଶ୍ୱର :** ବିଜୁ ଏକ୍ସପ୍ରେସ ୱେରେ ନୂତନ ରାସ୍ତା ଓ ଅନେକ ବୃହତ ସେତୁ ନିର୍ମାଣ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଏହା ପଶ୍ଚିମ ଓଡ଼ିଶା ବିକାଶ ପାଇଁ ସମ୍ପ୍ରସାରିତ ସଂଯୋଗୀକରଣ ସହିତ ଶିଳ୍ପର ଅଭିବୃଦ୍ଧି ଓ ସାମଗ୍ରୀକ ଅର୍ଥନୀତିକ ଉନ୍ନତି ଯୋଗାଇବ। ୧୭୪.୫ କିଲୋମିଟର ଦୀର୍ଘ ଏହି ରାସ୍ତା କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ଦେଇ ଯିବ। ଏହି ଏକ୍ସପ୍ରେସ ୱେ ପାଇଁ ରାଜ୍ୟ ସରକାର ଇପିସି ଚୁକ୍ତିନାମା ମାଧ୍ୟମରେ ୪୪୮.୦୨ କୋଟି ଅର୍ଥ ବ୍ୟୟ କରି ଏହାକୁ ଚାରିଲେନ୍ ବିଶିଷ୍ଟ କରିବା ସହ ୧୭ଟି କ୍ଷୁଦ୍ର ପୋଲ ଏବଂ ୮ଟି ବୃହତ ପୋଲ ନିର୍ମାଣ କରାଯିବ। ଘଟିପଡ଼ା ଠାରୁ ସିନାପାଲି ପର୍ଯ୍ୟନ୍ତ ନୂଆପଡ଼ା ଜିଲ୍ଲାରେ ୧୦୪.୬୫କିଲୋମିଟର ସହିତ ୬ଟି ଛୋଟ ପୋଲ ଓ ୬ଟି ବୃହତ ପୋଲ ନିର୍ମାଣ ହେବ। ସେହିପରି ସିନାପାଲିରୁ ଧର୍ମଗଡ଼ ଦେଇ ଆମପାଣି ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାରେ ୬୯.୮୫ କିଲୋମିଟର ବିଶିଷ୍ଟ ରାସ୍ତା, ୧୧ଟି ଛୋଟ ପୋଲ ଓ ଦୁଇଟି ବୃହତ ପୋଲ ନିର୍ମାଣ ହେବ।

## ଭୁବନେଶ୍ୱର ଏମ୍‌ସକୁ ଆସିବ 'ଇକ୍‌ମୋ'

**ଭୁବନେଶ୍ୱର :** ଭୁବନେଶ୍ୱର ଏମ୍‌ସରେ ଲାଗିବ ୨ଟି ଇକ୍‌ମୋ ମେସିନ। ପ୍ରଥମ ଇକ୍‌ମୋ ମେସିନ ଚଳିତମାସ ଶେଷ ସୁଦ୍ଧା ଲାଗିବ। ପରବର୍ତ୍ତୀ ସମୟରେ ଅନ୍ୟ ଇକ୍‌ମୋ ମେସିନିଟ୍ କାର୍ଯ୍ୟକ୍ଷମ ହେବ। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଏମ୍‌ସ ଅଧିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି। ଇକ୍‌ମୋ ପରିଚାଳନା ପାଇଁ ଏମ୍‌ସ ଅଧିକ ଟେକ୍ନିସିଆନ ନିଯୁକ୍ତି କରୁଛି। ଏବେ କେତେକ ଅଧ୍ୟାପକଙ୍କୁ ମେସିନ ପରିଚାଳନା ତାଲିମ ଦିଆଯାଇଛି ବୋଲି ଭୁବନେଶ୍ୱର ଏମ୍‌ସ ଅଧିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି। ମହାମାରୀ କରୋନାରେ ଗୁରୁତର ହେଉଥିବା ରୋଗୀଙ୍କ ପାଇଁ ଇକ୍‌ମୋ ବରଦାନ ସାବ୍ୟସ୍ତ ହୋଇଛି। ହେଲେ ଓଡ଼ିଶାରେ କୌଣସି ସରକାରୀ ମେଡିକାଲରେ ଇକ୍‌ମୋ ମେସିନ୍ ନଥିବାରୁ ଗୁରୁତର ରୋଗୀଙ୍କୁ ରାଜ୍ୟ ବାହାରକୁ ଏୟାରଲିଫ୍ଟିଂ କରାଯାଉଛି। ଗତ ସପ୍ତାହେ ମଧ୍ୟରେ ୩ଜଣଙ୍କୁ ଏୟାରଲିଫ୍ଟିଂ କରାଯାଇସାରିଲାଣି। ଏପରି ସ୍ଥିତି ଓଡ଼ିଶାରେ ଗୁରୁତର ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଭୁବନେଶ୍ୱର ଏମ୍‌ସରେ ଇକ୍‌ମୋ ମେସିନ୍ ଇନ୍‌ଷ୍ଟଲ କରିବାର ବ୍ୟବସ୍ଥା କରାଯାଉଛି। ଏହା ନିଶ୍ଚିତ ଓଡ଼ିଶା ପରି ରାଜ୍ୟ ପାଇଁ ଖୁସି ଖବର।

### ତୃତୀୟ ଲହର ମୁକାବିଲା ପାଇଁ ପ୍ରସ୍ତୁତି

# ଶିଶୁଙ୍କ ପାଇଁ ୧୬୧୦ ସାଧାରଣ ଶଯ୍ୟା, ୬୧୦ ଆଇସିୟୁ ସଂରକ୍ଷିତ



**ଭୁବନେଶ୍ୱର:** ରାଜ୍ୟରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ କମି କମି ଆସୁଛି। ହେଲେ କରୋନାର ତୃତୀୟ ଲହରରେ ଶିଶୁମାନେ ଅଧିକ ପ୍ରଭାବିତ ହେବା ନେଇ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଯଦିଓ ସମ୍ଭାବ୍ୟ ତୃତୀୟ ଲହର କେବେ ଆସିବ ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ, ରାଜ୍ୟ ସରକାର ଏ ନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରାଜ୍ୟରେ କୋଭିଡ୍ ବ୍ୟବସ୍ଥାରେ ଥିବା ୧୬୧୦ ସାଧାରଣ ଶଯ୍ୟା ଓ ୬୧୦ ଆଇସିୟୁକୁ ଶିଶୁମାନଙ୍କ ପାଇଁ ସଂରକ୍ଷିତ ରଖିଛନ୍ତି। ଏପରିକି ଅଧିକ ସଂକ୍ରମଣ ଆଶଙ୍କା ଥିବା ଅଞ୍ଚଳରେ ଶିଶୁମାନଙ୍କ ପାଇଁ କୋଭିଡ୍ କେୟାର ବ୍ୟବସ୍ଥା ନେଇ ମଧ ବିଚାର କରାଯାଉଛି। ରାଜ୍ୟରେ ଏବେ ବୟସ୍କଙ୍କ ତୁଳନାରେ କମ୍ ସଂଖ୍ୟକ ଶିଶୁ ସଂକ୍ରମିତ ହୋଇଛନ୍ତି। ମାତ୍ର ଆଗାମୀ ଦିନରେ ଅଧିକ ଶିଶୁ ଏଥିରେ ସଂକ୍ରମିତ ହୋଇପାରନ୍ତି ବୋଲି ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ତେଣୁ ଡିଏମ୍‌ଇଟିଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ବୈଷୟିକ କମିଟି ଶିଶୁଙ୍କ ଚିକିତ୍ସା ନେଇ ପ୍ରସ୍ତାବ ଦେବା ପରେ ତୃତୀୟ ଲହର ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଛି। କରୋନା ସଂକ୍ରମିତ ଶିଶୁଙ୍କ ଚିକିତ୍ସା ପାଇଁ ରାଜ୍ୟରେ ଥିବା କୋଭିଡ୍ ବ୍ୟବସ୍ଥାରେ ଚିକିତ୍ସା ସମ୍ଭବ ନୁହେଁ। ଯାହାଫଳରେ ଅନ୍ୟ ଅଣ ସଂକ୍ରମିତ ଶିଶୁ ମଧ ସଂକ୍ରମିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଉପଖଣ୍ଡ ଚିକିତ୍ସାଳୟରେ ସନ୍ଦିଗ୍ଧଙ୍କ ପାଇଁ ଅତିକମ୍‌ରେ ୧୦ଟି ଶଯ୍ୟା ସଂରକ୍ଷିତ ରଖିବା ଲାଗି କୁହାଯାଇଛି। ରୋଗୀଙ୍କ ସ୍ଥିତି ଅନୁସାରେ ଜଣେ ଆଟେଣ୍ଡାଣ୍ଟଙ୍କୁ ପାଖରେ ରହିବା ଲାଗି ଅନୁମତି ଦିଆଯାଇଛି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ସ୍ତରରେ ଅତିକମ୍‌ରେ ୨-୪ଟି ଶଯ୍ୟା ସନ୍ଦିଗ୍ଧଙ୍କ ପାଇଁ ସଂରକ୍ଷିତ ରହିବ। ୱାର୍ଡଗୁଡ଼ିକୁ ଆବଶ୍ୟକ ସାଇନେଜ୍ ଜରିଆରେ ଚିହ୍ନିତ କରିବାକୁ କୁହାଯାଇଛି। ରାଜ୍ୟର ୭ଟି ମେଡିକାଲ କଲେଜରେ ୬୪ ଏନଆଇସିୟୁ, ପିଆଇସିୟୁ/ଏସଏନ୍‌ସିୟୁ ୯୪, ୪୪ ଏଚ୍‌ଡିୟୁ ଓ ୧୫୫ ଆଇସୋଲେସନ୍ ଶଯ୍ୟା ପ୍ରସ୍ତୁତ କରାଯାଇଛି। ଆଇସିୟୁ ସୁବିଧା ଥିବା କୋଭିଡ୍ କେୟାର ସେଣ୍ଟର ଗୁଡ଼ିକରେ ଏନ୍‌ଆଇସିୟୁ ଓ ପିଆଇସିୟୁକୁ ମିଶାଇ ୧୫ ପ୍ରତିଶତ ଶଯ୍ୟା ସଂରକ୍ଷିତ ରହିବ। ସମସ୍ତ ସିଡିଏମ୍‌ଓ ଓ ଜିଲ୍ଲାପାଳ ଏହାକୁ ସୁନିଶ୍ଚିତ କରିବା ଲାଗି କୁହାଯାଇଛି। ରାଜ୍ୟରେ ଏବେ ୧୦,୭୩୬ ସାଧାରଣ ଶଯ୍ୟା ଥିବା ବେଳେ ତାହାର ଏମ୍‌ସିଏଚ୍‌କୁ ବାଦ୍ ଦେଇ ୧୫ ପ୍ରତିଶତ ଶିଶୁମାନଙ୍କ ପାଇଁ ସଂରକ୍ଷିତ ରହିବ। ଏହାସହ ୪୦୭୨ ଆଇସିୟୁ/ଏଚ୍‌ଡିୟୁ ଶଯ୍ୟାରୁ ୪୦୮, ମେଡିକାଲ କଲେଜରେ ୧୫୫ ଶଯ୍ୟା ଓ ୨୦୨ ଆଇସିୟୁକୁ ମିଶାଇ ସମୁଦାୟ ୧୬୧୦ ଓ ୬୧୦ ଆଇସିୟୁ ସଂରକ୍ଷିତ ରଖାଯାଇଛି। ଏହାସହ ଆଗକୁ ଦୈନିକ ୧୦ହଜାର ସଂକ୍ରମଣକୁ ନଜରରେ ରଖି ରାଜ୍ୟ ସରକାର ୨୮୫୦ ସାଧାରଣ ଶଯ୍ୟା, ୧୫୦ ଆଇସିୟୁ/ଏଚ୍‌ଡିୟୁ ଶଯ୍ୟାର ଆବଶ୍ୟକତା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହାସହ ଯଥେଷ୍ଟ ପରିମାଣର ଔଷଧ, ମେଡିକାଲ ଅକ୍ସିଜେନ୍ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ରଖିବା ଲାଗି ମେଡିକାଲ କଲେଜ ଓ ସିଡିଏମ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁଙ୍କ ଚିକିତ୍ସା ଲାଗି ତାଲିମପ୍ରାପ୍ତ ମାନବ ସମ୍ବଳକୁ ନିଯୁକ୍ତ କରିବା, ଦକ୍ଷତା ବିକାଶପାଇଁ ଅନଲାଇନ୍ ଟ୍ରେନିଂ ଆରମ୍ଭ କରିବା ସହିତ ମେଡିକାଲ କଲେଜର ନିକଟରେ ନିଯୁକ୍ତ ହୋଇଥିବା ଡାକ୍ତର ଓ ପାରାମେଡିକଙ୍କୁ ତାଲିମ ଦିଆଯିବ। ସମୁଦାୟ ୧୧୧୪ ଡାକ୍ତର ଓ ୧୦୩୬ ଷ୍ଟାଫ ନର୍ସଙ୍କୁ ତାଲିମ ଦିଆଯିବାର ଯୋଜନା ରହିଛି। ଶିଶୁ ଭବନରେ ଉତ୍ସର୍ଗୀକୃତ କୋଭିଡ୍ ବ୍ଲକ୍ ନିର୍ମାଣ ସହିତ ସମସ୍ତ କୋଭିଡ୍ ଚିକିତ୍ସା ବ୍ୟବସ୍ଥାରେ ବ୍ରେଷ୍ଟ ଫିଡିଂ କର୍ଣ୍ଣର ବ୍ୟବସ୍ଥା ଓ ଲୋକମାନଙ୍କୁ ଏ ସଂପର୍କରେ ଅଧିକ ସୂଚନା ପ୍ରଦାନ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୪ - ୨୦ ଜୁନ୍, ୨୦୨୧

# କରୋନାକୁ ହାଲକା ଭାବନାହିଁ



ସମ୍ପାଦକୀୟ

ତାରକ ମହାନ୍ତି

**ଯେ**ଉଁଠି ଶୁଣିବ ସେଇ କରୋନା ସଂକ୍ରମଣ, ମୃତ୍ୟୁ। ଗତ କିଛିମାସ ହେବ ସମଗ୍ର ଦେଶରେ ମହାମାରୀ କରୋନା ଏଭଳି ଆତଙ୍କ ଚଳାଇଥିଲେ ବି ଏବେ ଏଥିରେ ସାମାନ୍ୟ ସୁଧାର ଆସିଛି। ଟିକାକରଣକୁ ନେଇ ଅନେକ ରାଜ୍ୟ ଯେଉଁ ଅସନ୍ତୋଷ ଝାଡୁଥିଲେ ଏଥିରେ ବି ଭଟ୍ଟା ପଡିଛି। ଯେଉଁ ରାଜ୍ୟମାନେ ନିଜସ୍ୱ ପାଣ୍ଠିରେ ଟିକା କିଣିବା ନେଇ କେନ୍ଦ୍ର ନିକଟରେ ପ୍ରସ୍ତାବ ରଖିଥିଲେ, ପ୍ରଧାନମନ୍ତ୍ରୀଙ୍କ ନୂଆ ଟିକା ନୀତି ଘୋଷଣା ପରେ ସମସ୍ତେ ଆଶ୍ୱସ୍ତ ହୋଇଛନ୍ତି। ଏ ନେଇ କେନ୍ଦ୍ର ସରକାର ଜାତୀୟ କୋଭିଡ୍ ଟିକାକରଣ ଯୋଜନାର ସଂଶୋଧିତ ମାର୍ଗଦର୍ଶିକା ପ୍ରକାଶ କରିଛନ୍ତି। ଆସନ୍ତା ୨୧ ତାରିଖରୁ ଏହି ସଂଶୋଧିତ ନୀତି ଲାଗୁ ହେବ ବୋଲି ଏଥିରେ କୁହାଯାଇଛି। ଆବଶ୍ୟକ ଅନୁସାରେ ଏଥିରେ ପୁଣି ସଂଶୋଧନ ଅଣାଯିବ। ଦୁଇମାସ ପରେ ଦେଶରେ କୋଭିଡ୍-୧୯ର ଦୈନିକ ସଂକ୍ରମଣ କମିଥିବା ଜଣାପଡିଛି। ୬୮ଦିନ ପରେ ଲକ୍ଷେ ତଳେ ସଂକ୍ରମଣ ଦେଶ ପାଇଁ ଭଲ ସୂଚନା ହୋଇଥିଲା ବେଳେ ମହାମାରୀ କରୋନାର ତୃତୀୟ ଲହର ରୂପରେଖକୁ ନେଇ ବିଶେଷଜ୍ଞମାନେ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି। ତେବେ ସେ ଯାହା ହେଉ କରୋନାର ଭୟାବହତା ଏତେ ଅଧିକ ଯେ, ସମସ୍ତଙ୍କ ମନରେ ଅଜଣା ଭୟ ସୃଷ୍ଟି ହୋଇଛି। ଦ୍ୱିତୀୟ ଲହର ଶେଷ ହୋଇନଥିବା ବେଳେ ତୃତୀୟ ଲହର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଏହାରି ଭିତରେ ରାଜ୍ୟର ଯେଉଁ ଜିଲ୍ଲା ମାନଙ୍କରେ ସଂକ୍ରମଣ କମିଛି, ସେଠାରେ ଲକଡାଉନ୍ କୋହଳ କରାଯିବ। ତେବେ ଏହା ପର୍ଯ୍ୟାୟକ୍ରମେ ହୋଇପାରେ। କାରଣ ସଂକ୍ରମଣ ହାର କମିଥିଲେ ବି ସେଭଳି ଖୁସି ହେଲା ଭଳି ସ୍ଥିତି ଆସିନାହିଁ। ଲକ୍‌ଡାଉନ୍/ସଟ୍‌ଡାଉନ ଦ୍ୱାରା ସଂକ୍ରମଣ ହ୍ରାସ ପାଉଥିଲେ ବି ଲୋକଙ୍କ ଜୀବିକା ଏବେ ସଙ୍କଟରେ। ସାମୟିକ ଦୋକାନ ବଜାର ଖୋଲାଯିବା ଦ୍ୱାରା କେବଳ ଅତ୍ୟାବଶ୍ୟକ ସାମଗ୍ରୀ ମିଳୁଥିଲା ବେଳେ ହୋଟେଲ ଓ ପର୍ଯ୍ୟଟନ ଶିଳ୍ପ ଠପ ହୋଇଯାଇଛି। ଏହାରି ମଧ୍ୟରେ ଦରଦାମ ଏତେମାତ୍ରାରେ ବୃଦ୍ଧି ପାଇଛି, ଯାହା ଉପରେ ଅଙ୍କୁଶ ନଲାଗିଲେ ମହାମାରୀ କରୋନା କାରଣରୁ ରୋଜଗାର ହରାଇଥିବା ଏବଂ ସୀମିତ ଆୟ କରୁଥିବା ବ୍ୟକ୍ତିଙ୍କ ଜୀବନ ଦୁର୍ବିସହ ହୋଇପଡିବ। ମହାମାରୀ କରୋନା ଯେତିକି ମୁଣ୍ଡ ନେଇଛି, ତାଠାରୁ କେତେଗୁଣ ଅଧିକ ଲୋକଙ୍କ ଜୀବିକା ଛଡେଇନେଇଛି। ରୋଜଗାର ହରାଇ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଶିକ୍ଷା ବ୍ୟବସ୍ଥା ଅବ୍ୟବସ୍ଥିତ ହୋଇପଡିବା ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଶିକ୍ଷାରେ କରୋନାର ପ୍ରଭାବ କିଭଳି ପଡିବ, ତାହା ଆଶଙ୍କା ସୃଷ୍ଟି କରୁଛି। ସମୟର ଆହ୍ୱାନ ଅନୁସାରେ ନିଜକୁ ପ୍ରସ୍ତୁତ କରିବା ସମସ୍ତଙ୍କ ପାଇଁ ନିଶ୍ଚୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ପ୍ରତି ମୁହୂର୍ତ୍ତରେ ଭୂତାଣୁ ଭୟ ଜନଜୀବନକୁ ଏଭଳି ଅସ୍ତବ୍ୟସ୍ତ କରିଦେଲାଣି ଯେ, ପୂର୍ବ ଭଳି ଜୀବନ ସୁରକ୍ଷିତ ରଖି ଜୀବିକା ବଞ୍ଚାଇବା ଆଦୌ ସହଜ ମନେ ହୁଏନାହିଁ। ପ୍ରତି ମୁହୂର୍ତ୍ତରେ ଜୀବନ ବାଜି ଲାଗିଲା ଭଳି ପରିସ୍ଥିତି ମଣିଷକୁ ମୂଳ ଲକ୍ଷ୍ୟଠାରୁ ଦୂରେଇ ନେଇଚାଲିଛି। ତାହାରି ମଧ୍ୟରେ ଧନୀ ଦରିଦ୍ର ତାରତମ୍ୟ ବଢ଼ିବାରେ ଲାଗିଛି। ଆଗକୁ ଦେଖିଲେ ଏଭଳି ମନେହେଉଛି, ବିଜ୍ଞାନ ଯେତେ ଅଧିକ ଆଗେଇଲେ ବି, ପ୍ରକୃତି ତୁଳନାରେ ଏହା ଅଧିକ ନୁହେଁ। ହୁଏତ ଆଗୁଆ ସୂଚନା, ସୁରକ୍ଷିତ ରହିବାର ପ୍ରଣାଳୀ ଓ ଆଧୁନିକ ଚିକିତ୍ସା ରୋଗୀକୁ ମୃତ୍ୟୁ ମୁହଁରୁ ବଞ୍ଚାଇପାରେ। ହେଲେ ପ୍ରକୃତିର କୋପ ଆଗରେ ମଣିଷର କରାମତି ଯଥେଷ୍ଟ ନୁହେଁ। ଆଧୁନିକ ଚିକିତ୍ସା ବିଜ୍ଞାନ ଅଗ୍ରଗତି କରିଥିଲେ ବି ତତ୍କାଳ କିଛି ଉଦ୍ଭାବନ ସହଜ ନୁହେଁ। ଏଥିପାଇଁ ବହୁ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ସହ ସମୟର ଆବଶ୍ୟକତା ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ। ଯାହାକି ଭବିଷ୍ୟତ ଜୀବନ ପାଇଁ ଅପରିହାର୍ଯ୍ୟ। ହେଲେ ମହାମାରୀ କରୋନାର ମୂଳ ଉତ୍ସ ଖୋଜି ପାଇବା ଆମର ବିଶେଷଜ୍ଞ ମାନଙ୍କ ଏତେ ସହଜ ହୋଇନାହିଁ। ଏଯାବତ କରୋନା ରୋଗରୁ ମୁକ୍ତି ପାଇବା ପାଇଁ ବ୍ୟବହାରିକ ଏକ ନିଶ୍ଚିତ ଔଷଧ ଉପଲବ୍ଧ ହୋଇପାରିନାହିଁ। ଏହା କେବଳ ଗୋଟିଏ ଦେଶର ସମସ୍ୟା ନୁହେଁ। ବିଶ୍ୱରେ ଦୁଇ ଶହରୁ ଊର୍ଦ୍ଧ୍ୱ ଦେଶ ମହାମାରୀ କରୋନା ବିରୋଧରେ ସୁନିଶ୍ଚିତ ସଫଳତା ସମ୍ପର୍କରେ ନିଷ୍ପତ୍ତି ନେଇନାହାନ୍ତି। ଯାହା ବି ଟିକା ଓ ଔଷଧ ସାମ୍ନାକୁ ଆସିଛି ତାହାର ଫଳପ୍ରଦ ହାର ୧୦୦% ବୋଲି ଏଯାଏ କୌଣସି ବୈଜ୍ଞାନିକ ଘୋଷଣା କରିନାହାନ୍ତି। ବର୍ତ୍ତମାନ କରୋନା ଟିକା ଓ ନିଶା ରନ୍ଧ୍ରରେ ପଡିବାକୁ ଯେଉଁ ଔଷଧ ପ୍ରସ୍ତୁତ ହୋଇଛି ତାହାର ବ୍ୟାପକ ପ୍ରୟୋଗ ଏଯାଏ ଆରମ୍ଭ ହୋଇନି। ଟିକାକରଣ ସର୍ବୋତ୍ତମ ମହୌଷଧି ଭାବେ କାର୍ଯ୍ୟକାରୀ କରାଯାଉଛି। ତେବେ ଟିକାକରଣ ସହିତ ସଚେତନତା ମଧ୍ୟ ମହାମାରୀ କରୋନାରୁ ସୁରକ୍ଷା ଦେଇପାରିବ। ତେଣୁ ଜନସାଧାରଣ ପୂର୍ବଭଳି ଛକ, ବଜାର ବା ଘରେ ଚଳପ୍ରଚଳ ହେଲା ବେଳେ ସାମାଜିକ ଦୂରତା ଅବଲମ୍ବନ କରିବା ନିତାନ୍ତ ଜରୁରୀ। କାରଣ ଏହି ଭୂତାଣୁର ପରାକ୍ରମଣ କ'ଣ ତାହା ସମସ୍ତେ ଦେଖିସାରିଛନ୍ତି। ନିଜକୁ ସୁରକ୍ଷିତ ରଖିବାକୁ ହେଲେ ଆଚାର, ବିଚାର ଓ ବ୍ୟବହାରରେ ସନ୍ତୁଳନ ରକ୍ଷା କରିବା ସହିତ ମାସ୍କ ଓ ସାମାଜିକ ଦୂରତା ପ୍ରତି ଗୁରୁତ୍ୱ ଦେବାକୁ ପଡିବ। ଯଦିଓ ଦେଶରେ ଧୀରେ ଧୀରେ ସଂକ୍ରମଣର ସଂଖ୍ୟା କମୁଛି ତଥାପି କୋଭିଡ୍ ଜନିତ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ଏଥିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ମହାମାରୀ କରୋନାର ଦ୍ୱିତୀୟ ଲହର ଅପସରି ଗଲା ବୋଲି ଭାବିବା ଭୁଲ। କାରଣ ସହରରେ ଥିବା ଅଧିକ ଜନଗହଳିପୂର୍ଣ୍ଣ ସ୍ଥାନ ବ୍ୟତିରେକ ଗ୍ରାମାଞ୍ଚଳରେ ମଧ୍ୟ କରୋନାର ପ୍ରକୋପ କିଛି କମ ନୁହେଁ। ସେଥିପାଇଁ ସଚେତନତା ହିଁ ରକ୍ଷା ପାଇବାର ମୂଳମନ୍ତ୍ର। ନୀତିନିୟମ ପାଳନ କରୁଥିବା ପର୍ଯ୍ୟନ୍ତ ମହାମାରୀ କରୋନାର ପ୍ରକୋପରେ ବଞ୍ଚିବାର ଅଧିକ ସୁଯୋଗ ଥିବା ବେଳେ ଯେଉଁମାନେ ଏହାକୁ ଖାମଖିଆଲି ଢଙ୍ଗରେ ବିଚାର କରୁଛନ୍ତି ବା ସାମାଜିକ ଦୂରତା ନ ରଖି କାର୍ଯ୍ୟ କରୁଛନ୍ତି ସେମାନଙ୍କ ପାଇଁ କରୋନା ଅଧିକ ବିପଦ ଆଣିବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ମହାମାରୀ କରୋନାକୁ ହାଲକା ଭାବେ ଗ୍ରହଣ କରାଯିବା ଅନୁଚିତ। କରୋନାରେ ସଂକ୍ରମିତ ଏବଂ ସୁସ୍ଥ ହେବା ପରେ ଅନେକ ସତର୍କତାର ଆବଶ୍ୟକତା ରହିଥିଲା ବେଳେ କେହି କେହି ଚିକିତ୍ସିତ ହୋଇ ଫେରିବା ପରେ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଧ୍ୟାନ ଦେଉନାହାନ୍ତି। ଯାହାକି ପରବର୍ତ୍ତୀ ସମୟରେ ଶରୀର ପାଇଁ ଅଧିକ କ୍ଷତି ସାବ୍ୟସ୍ତ ହୋଇପାରେ। ଏହି ଭୂତାଣୁର ମାରାତ୍ମକ ରୂପ ବାରମ୍ବାର ପରିବର୍ତ୍ତନ ହେଉଥିଲା ବେଳେ ନିର୍ଦ୍ଦିଷ୍ଟ ଭାବେ କୌଣସି ଔଷଧ ଏହାକୁ ଏଯାବତ ଭଲ କରିପାରିନାହିଁ। ପାର୍ଶ୍ୱ ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ବିଶେଷଜ୍ଞମାନେ ଦେଉଥିବା ପରାମର୍ଶ ପାଳନ କରିବା ସହିତ ପରିଷ୍କାର, ପରିଚ୍ଛନ୍ନ ରହିବା, ବାରମ୍ବାର ମୁହଁ ହାତ ଧୋଇବା ଏବଂ ଅଜଣା ବ୍ୟକ୍ତିଙ୍କ ଠାରୁ ଦୂରରେ ରହିବା ମଧ୍ୟ ଉତ୍ତମ ପରାମର୍ଶ। ତେଣୁ କୌଣସି ବି ପରିସ୍ଥିତିରେ କରୋନାକୁ ବେପରୁଆ ଭାବେ ଗ୍ରହଣ ନ କରି ସଚେତନ ରହି ଏହାର ମୁକାବିଲା କରିବା ଉଚିତ୍। କରୋନା କାଳରେ ମଣିଷର ଜୀବନ ଯେତିକି ଗୁରୁତ୍ୱପୂର୍ଣ୍ଣ ଜୀବିକା ହଜିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ଭାବିବାକୁ ପଡିବ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭୂସମ୍ପତ୍ତି ବିକ୍ରେତା ଓ କ୍ରେତାଙ୍କର ଅଧିକାର



ଚିତ୍ତରଞ୍ଜନ କାନୁନ୍‌ଗୋ

ସମସ୍ତ ପ୍ରକାରର ଭୂସମ୍ପତ୍ତି ଯଥା ଜମି, ବାସଗୃହ ଓ ଘରବାଡି ଇତ୍ୟାଦିର ବିକ୍ରି, ବନ୍ଧକ, ଅଦଳବଦଳ, ଦାନ ଇତ୍ୟାଦି ହସ୍ତାନ୍ତରର ସମସ୍ତ ନିୟମ Transfer of Property Act (ସମ୍ପତ୍ତି ହସ୍ତାନ୍ତର ଆଇନ) ୧୮୮୨ରେ ସନ୍ନିବେଶିତ ହୋଇଅଛି। ଅଧିକାଂଶ ସମୟରେ ସମ୍ପତ୍ତି ଖରିଦ କରିବା ପରେ କେବଳ ବିକ୍ରି କବଲାକୁ ବାଦ୍ ଦେଲେ ବିକ୍ରେତାଙ୍କ ପାଖରେ ସେହି ଜମି ସମ୍ବନ୍ଧୀୟ ଅନ୍ୟ କୌଣସି ଦଲିଲ ଦସ୍ତାବିଜ୍ ନ ଥାଏ। ବିକ୍ରେତାଙ୍କୁ ସେହି କାଗଜପତ୍ରର ନକଲ ମାଗିଲେ ସେ ବିଭିନ୍ନ ଆଳ ଦେଖାଇ ଟାଳଟୁଳ କରିଥାନ୍ତି। ବିକ୍ରିଜମି ସମ୍ବନ୍ଧୀୟ କାଗଜପତ୍ର ଅନେକ କ୍ଷେତ୍ରରେ କ୍ରେତା ବିକ୍ରେତାଙ୍କଠାରୁ ପାଇବାକୁ ହକ୍‌ଦାର। ଅନ୍ୟ କେତେକ ପରିସ୍ଥିତିରେ ଅତିକମ୍‌ରେ କ୍ରେତା ବିକ୍ରେତାଙ୍କଠାରୁ ଉକ୍ତ କାଗଜପତ୍ର ଗୁଡିକର ନକଲ ପାଇବାର ଅଧିକାର ମଧ୍ୟ ଅଛି। କିନ୍ତୁ ସାଧାରଣଭାବେ ଏକଥା କ୍ରେତା କିମ୍ବା ବିକ୍ରେତା ଜାଣି ନଥିବାରୁ ଅନେକ ଆଇନଗତ ବିବାଦ ମୁଣ୍ଡଟେକି ଥାଏ। ବାସ୍ତବରେ ସମ୍ପତ୍ତି ହସ୍ତାନ୍ତର ଆଇନ, ୧୮୮୨ର ଧାରା ୫୫ରେ ଏ ସମ୍ବନ୍ଧରେ ସବିଶେଷ ବର୍ଣ୍ଣନା କରାଯାଇଅଛି। ସେଗୁଡିକ ଏଠାରେ ଆଲୋଚନା କରାଯାଇଅଛି।

ବିକ୍ରି ସମ୍ପତ୍ତିରେ କିମ୍ବା ଏହାର ମାଲିକାନା ବାବଦରେ ଥିବା ସମସ୍ତ ଦୋଷ ଦୁର୍ବଳତା ଯାହା କ୍ରେତାଙ୍କ ଜ୍ଞାତସାରରେ ନାହିଁ କିମ୍ବା କ୍ରେତାଙ୍କୁ ଜାଣିବାର ସୁଯୋଗ ନାହିଁ, ତାହା ବିକ୍ରେତା କ୍ରେତାଙ୍କୁ ଜଣାଇବାକୁ ବାଧ୍ୟ ଅଟନ୍ତି। କ୍ରେତାଙ୍କ ଅନୁରୋଧ କ୍ରମେ ସମ୍ପତ୍ତିର ମାଲିକାନା ବାବଦରେ ସମସ୍ତ କାଗଜପତ୍ର ବିକ୍ରେତା ତାଙ୍କ ନିକଟରେ ଦାଖଲ କରିବେ। ବିକ୍ରି ହେବାକୁ ଥିବା ସମ୍ପତ୍ତି ପକ୍ଷେ ବିକ୍ରେତା, କ୍ରେତାଙ୍କର ସମସ୍ତ ଯଥୋଚିତ ପ୍ରଶ୍ନର ଉତ୍ତର ପ୍ରଦାନ କରିବେ। ସମ୍ପତ୍ତିର ସ୍ଥିରୀକୃତ ବିକ୍ରୟ ମୂଲ୍ୟ ଗ୍ରହଣ କରିବା ପରେ କ୍ରେତାଙ୍କ ଦ୍ୱାରା ପ୍ରସ୍ତୁତ ଦଲିଲକୁ ବିକ୍ରେତା ଯଥା ସ୍ଥାନରେ ଏବଂ ଯଥା ସମୟରେ ସମ୍ପାଦନ କରିବେ। ସମ୍ପତ୍ତି ବିକ୍ରି କରିବା ନିମନ୍ତେ ଚୁକ୍ତି କରିବା ଦିନଠାରୁ ଦଲିଲ ସମ୍ପାଦନ ପୂର୍ବକ ସମ୍ପତ୍ତିର ଦାଖଲ କ୍ରେତାଙ୍କୁ ବୁଝାଇ ଦେବା ପର୍ଯ୍ୟନ୍ତ, ବିକ୍ରେତା ସମ୍ପତ୍ତିର ସମସ୍ତ ଯତ୍ନ ନେବେ ଏବଂ ସମସ୍ତ ଆବଶ୍ୟକୀୟ କାଗଜପତ୍ର ସୁରକ୍ଷିତ ରଖିବେ। ଦଲିଲ ସମ୍ପାଦନ ଓ ରେଜିଷ୍ଟ୍ରେସନ ପରେ ସମ୍ପତ୍ତିର ସରଜମିନ ଦଖଲ କ୍ରେତାଙ୍କୁ କିମ୍ବା ତାଙ୍କ ମନୋନୀତ ଯେ କୌଣସି ବ୍ୟକ୍ତିଙ୍କୁ ବିକ୍ରେତା ବୁଝାଇଦେବେ। ସମ୍ପତ୍ତିର ସମସ୍ତ ଖଜଣା / ରାଜସ୍ୱ କିମ୍ବା ସମ୍ପତ୍ତି ପକ୍ଷେ ଥିବା, ସମସ୍ତ ଦେଣା ପାଉଣା ବିକ୍ରେତା ଭରଣା କରିବେ। ଏଥିରେ କ୍ରେତାଙ୍କର କୌଣସି ଦାୟିତ୍ୱ ରହିବ ନାହିଁ। କୌଣସି ନିର୍ଦ୍ଦିଷ୍ଟ ଚୁକ୍ତିନାମା ନଥିଲେ ମଧ୍ୟ ଯେହେତୁ ବିକ୍ରେତା ବିକ୍ରି ସମ୍ପତ୍ତିରେ ସତ୍ତ୍ୱ, ସମ୍ପର୍କ ଓ ଦଖଲ ଥିବା ପ୍ରକାଶ କରି ବିକ୍ରି କରିଛନ୍ତି, ଏହାକୁ ଚୁକ୍ତିନାମା ଭାବରେ ଗଣ୍ୟ କରାଯିବ। ଯଦି କୌଣସି ବ୍ୟକ୍ତିଙ୍କର ସମ୍ପତ୍ତି ପ୍ରତିନିଧିଙ୍କ ଦ୍ୱାରା ବିକ୍ରି କରାଯାଇଥାଏ, ବିକ୍ରେତାଙ୍କର ବିକ୍ରି ସମ୍ପତ୍ତି ଉପରେ କୌଣସି ଦେଣା ପାଉଣା ବାକି ନଥିବା ଏବଂ ଉକ୍ତ ପ୍ରତିନିଧିଙ୍କର ସମ୍ପତ୍ତି ବିକ୍ରି କରିବା ପକ୍ଷେ କୌଣସି ଆଇନଗତ ପ୍ରତିବନ୍ଧକ ନଥିବା ଇତ୍ୟାଦି ସେ କ୍ରେତାଙ୍କ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି ବୋଲି ଗଣ୍ୟ କରାଯିବ। ଉକ୍ତ ଚୁକ୍ତିନାମାର ସମସ୍ତ ସୁବିଧା କ୍ରେତାଙ୍କ ସପକ୍ଷରେ ବିବେଚନା କରାଯିବ ଏବଂ କ୍ରେତା ନିଜେ କିମ୍ବା ତାଙ୍କ ତରଫରୁ ଯେ କୌଣସି ବ୍ୟକ୍ତି ଏହାକୁ କାର୍ଯ୍ୟକାରୀ କରାଇ ପାରିବେ। ବିକ୍ରେତା ବିକ୍ରି ସମ୍ପତ୍ତିର ସମ୍ପୂର୍ଣ୍ଣ ମୂଲ୍ୟ କ୍ରେତାଙ୍କଠାରୁ ଗ୍ରହଣ କରି ସାରିବା ପରେ ବିକ୍ରି ସମ୍ପତ୍ତିର ସତ୍ତ୍ୱ ବାବଦରେ ତାଙ୍କ ପାଖରେ ଥିବା ସମସ୍ତ କାଗଜପତ୍ର କ୍ରେତାଙ୍କୁ ହସ୍ତାନ୍ତର କରିବେ। ମାତ୍ର ଯଦି ବିକ୍ରି କରୁଥିବା ସମ୍ପତ୍ତିର ଏକ ଅଂଶ କ୍ରେତା ନିଜ ମାଲିକାନାରେ ରଖନ୍ତି, କେତେ ସମ୍ପତ୍ତିର ସମସ୍ତ ଦଲିଲ ଦସ୍ତାବିଜ୍ ସେ ନିଜ ପାଖରେ ରଖିବେ।

ଯଦି ସମ୍ପତ୍ତି ବିଭିନ୍ନ ଅଂଶରେ ଭିନ୍ନ ଭିନ୍ନ ଲୋକଙ୍କୁ ବିକ୍ରି କରାଯାଇଅଛି, ସର୍ବାଧିକ ମୂଲ୍ୟର କ୍ରେତାଙ୍କୁ ସମ୍ପତ୍ତିର କାଗଜପତ୍ର ଦିଆଯିବ। ଅନ୍ୟ କ୍ରେତାମାନେ ଚାହିଁଲେ ନିଜ ଖର୍ଚ୍ଚରେ ଉକ୍ତ କାଗଜପତ୍ର ଗୁଡିକର ଅବିକଳ ନକଲ ନିଜ ଖର୍ଚ୍ଚରେ ସର୍ବାଧିକ ମୂଲ୍ୟର କ୍ରେତାଙ୍କଠାରୁ ନେଇପାରିବେ। ଅସଲ କାଗଜପତ୍ର ରଖିଥିବା ବିକ୍ରେତା କିମ୍ବା ସର୍ବାଧିକ ମୂଲ୍ୟର କ୍ରେତା ସେଗୁଡିକୁ ଯତ୍ନର ସହିତ ରଖିବେ।

ମାଲିକାନା ହସ୍ତାନ୍ତର ହେବା ପର୍ଯ୍ୟନ୍ତ ବିକ୍ରି ସମ୍ପତ୍ତି ପକ୍ଷେ ସମସ୍ତ ଲାଭାଂଶ ଓ ରାଜସ୍ୱ କିମ୍ବା ଫସଲ ବିକ୍ରେତା ପାଇବାକୁ ହକଦାର ହେବେ। ଯଦି ମାଲିକାନା ହସ୍ତାନ୍ତର ପରେ ମଧ୍ୟ ବିକ୍ରେତାଙ୍କର କ୍ରେତାଙ୍କ ଉପରେ କୌଣସି ବକେୟା ଜରସମନ (ଟଙ୍କା) ଥାଏ, ସମ୍ପତ୍ତିର ଦଖଲ ଦେବା ଦିନ ପର୍ଯ୍ୟନ୍ତ ସେ ଟଙ୍କାର ସମସ୍ତ ସୁଧ କ୍ରେତା ବିକ୍ରେତାଙ୍କୁ ପ୍ରଦାନ କରିବେ। ବିକ୍ରେତାଙ୍କର ବିକ୍ରି ଜମି ପକ୍ଷେ ଥିବା ତାଙ୍କର ଅଂଶ ବାବଦରେ ଯଦି ସେ ନିଜେ ଅଜ୍ଞ ଥାଆନ୍ତି, ଯାହା କ୍ରେତା ଜାଣି ଥାଆନ୍ତି, ଏବଂ ବିକ୍ରେତାଙ୍କର ଉକ୍ତ ଅଂଶ ଯଦି ଅଧିକ ମୂଲ୍ୟର ହୋଇଥାଏ, ତେବେ କ୍ରେତା ତାହା ବିକ୍ରେତାଙ୍କୁ ଜଣାଇବେ। ବିକ୍ରି ସମ୍ପତ୍ତିର ବିକ୍ରି ପ୍ରକ୍ରିୟା ସମାପନ ହେବା ପରେ କ୍ରେତା ବିକ୍ରେତାଙ୍କୁ ସମ୍ପତ୍ତିର ମୂଲ୍ୟ ପ୍ରଦାନ କରିବେ କିମ୍ବା ବିକ୍ରେତାଙ୍କ ଇଚ୍ଛା ଅନୁସାରେ ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କୁ ପ୍ରଦାନ କରିବେ।

ଯଦି ବିକ୍ରି ସମ୍ପତ୍ତି ପକ୍ଷେ କୌଣସି କରଜ ଥାଏ ଏବଂ ତାହା କ୍ରେତା ବିକ୍ରି ମୂଲ୍ୟରୁ ବିକ୍ରେତାଙ୍କୁ ନ ଦେଇ ନିଜ ହାତରେ ରଖିଥାନ୍ତି, ତେବେ ବିକ୍ରି ପ୍ରକ୍ରିୟା ସମାପନ ହେବା ପରେ ସେ ଉକ୍ତ ଟଙ୍କାକୁ ଉପଯୁକ୍ତ ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ପ୍ରଦାନ କରିବେ। ସମ୍ପତ୍ତି ବିକ୍ରି ହେବା ପରେ ଯଦି ଏଥିରୁ କୌଣସି ହାନି ବା କ୍ଷତି ବାହାରେ, କିମ୍ବା ସମ୍ପତ୍ତିର ମୂଲ୍ୟ କମିଯାଏ ତେବେ କ୍ରେତା ବହନ କରିବେ। ସମ୍ପତ୍ତି ବିକ୍ରି ହେବା ପରେ ଉକ୍ତ ସମ୍ପତ୍ତି ପକ୍ଷେ ଯାହା ସରକାରୀ ଦେୟ ଥିବ ଏବଂ ଅନ୍ୟ ଯେକୌଣସି କରଜ ବିକ୍ରେତା ଦେବାକୁ ଅଙ୍ଗୀକାର ବଦ୍ଧ ଥିବେ ତାହାର ସମସ୍ତ ସୁଧ, କ୍ରେତା ଦେବେ।

ସମ୍ପତ୍ତିର ମାଲିକାନା ପାଇବା ପରେ ସମ୍ପତ୍ତିର କୌଣସି କୌଣସି ମୂଲ୍ୟ ବୃଦ୍ଧି, ରାଜସ୍ୱ କିମ୍ବା ଲାଭାଂଶ ବଢ଼ିଲେ ତାହା କ୍ରେତା ପାଇବେ। ବିକ୍ରି ସମ୍ପତ୍ତିର ମୂଲ୍ୟ ବିକ୍ରେତାଙ୍କୁ ପ୍ରଦାନ କରିବା ପରେ ଯଦି, ଯଥାର୍ଥତା ଦର୍ଶାଇ ବିକ୍ରି ସମ୍ପତ୍ତିକୁ ଖରିଦ କରିବା ଓ ତହିଁର ଦଖଲ ନେବାକୁ କ୍ରେତା ଅନିଚ୍ଛା ପ୍ରକାଶ କରନ୍ତି, କେତେ ବିକ୍ରେତା ନେଇଥିବା ସମସ୍ତ ଅର୍ଥରାଶି ଏବଂ କ୍ରେତାଙ୍କର ବିକ୍ରି ବାବଦ ଚୁକ୍ତିକୁ ଅମାନ୍ୟ କରିବା ପକ୍ଷେ ହେବାକୁ ଥିବା ସମସ୍ତ ଖର୍ଚ୍ଚ ସହ କ୍ରେତାଙ୍କୁ ଫେରାଇବେ।

ଏହାଛଡା ଏହି ଆଇନର ଧାରା ୫୬ରେ କ୍ରେତାଙ୍କର ଏକ ସ୍ୱତନ୍ତ୍ର ଅଧିକାର ସନ୍ନିବେଶିତ କରାଯାଇଅଛି। ତାହା ହେଲା ଯଦି ଜଣେ ବିକ୍ରେତା ନିଜର ଦୁଇଗୋଟି ବା ତଦୁର୍ଦ୍ଧ ସମ୍ପତ୍ତିକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବନ୍ଧକ ଦେଇଅଛନ୍ତି ଏବଂ ସେଥିରୁ କେତେକ ସମ୍ପତ୍ତି କ୍ରେତାକୁ ବିକ୍ରିକରି ନେଇଅଛନ୍ତି, ବିନା କୌଣସି ଚୁକ୍ତିନାମାରେ କ୍ରେତା ଚାହିଁଲେ ବିକ୍ରି ହୋଇ ନଥିବା ସମ୍ପତ୍ତିରୁ ସମସ୍ତ ବନ୍ଧକ ଋଣରାଶି ଆଦାୟ କରାଯିବା ପାଇଁ ଦାବି କରିପାରିବେ। ସେଥିରୁ ଯଦି ବନ୍ଧକ ଋଣ ସମ୍ପୂର୍ଣ୍ଣ ଦାଖଲ ହୋଇପାରୁଥାଏ, ତେବେ କ୍ରେତା ସମ୍ପୂର୍ଣ୍ଣ ଋଣମୁକ୍ତ ରହିବେ।

*ଉପନିର୍ଦ୍ଦେଶକ*
*ରାଜ୍ୟ କ୍ରାଇମ୍ ବ୍ରାଞ୍ଚ, ଓଡ଼ିଶା, କଟକ*
*ଦୂରଭାଷ : ୮୯୧୭୨୭୬୬୩୦*

# ଗୃହ ବନ୍ଦୀ ସାଙ୍ଗକୁ ମୂଲ୍ୟ ବୃଦ୍ଧି



ପ୍ରଦୀପ୍ତ ଆଚାର୍ଯ୍ୟ

ବିଚିତ୍ର ଏ ସୃଷ୍ଟି ଏବଂ ସ୍ରଷ୍ଟାର ବିଚିତ୍ର ଏ ସୃଷ୍ଟିରେ ସବୁଠାରୁ ବିଚିତ୍ର ହେଉଛି ମନୁଷ୍ୟର ମନ।ସର୍ପର ମୁଖ ଗହ୍ୱର ମଧ୍ୟରେ ମଣ୍ଡୁକ ଅର୍ଦ୍ଧଭୁକ୍ଷ ଅବସ୍ଥାରେ ଥାଇ,ଜୀବନ ପ୍ରଦୀପ ନିର୍ବାପିତ ହେବାକୁ ଯାଉଛି ଅନୁଭବ କରି ମଧ୍ୟ,ସମ୍ମୁଖରେ ଉଡିଯାଉଥିବା ପତଙ୍ଗ ଉପରକୁ ଲମ୍ଫ ପ୍ରଦାନ କରିବା ପରି,ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା,ମନୁଷ୍ୟର ମଧ୍ୟ ସମାବସ୍ଥା। କରୋନାର ଭୟଙ୍କର ଦ୍ୱିତୀୟ ଲହର ପରେ ଅତି ଭୟଙ୍କର ତୃତୀୟ ଲହର ଆସିବାର ଭବିଷ୍ୟତ ବାଣୀ, ଆବାଳ ବୃଦ୍ଧ ବନିତାଙ୍କ ମନରେ ଭରି ଦେଇଛି ମୃତ୍ୟୁର କରାଳ ଛାୟା।ତଥାପି କେତେକଙ୍କର ଏଯାବତ୍ ଚେତନା ଜାଗ୍ରତ ହୋଇନାହିଁ।ସାଧାରଣତଃ ମନୁଷ୍ୟ ବିପଦ ବା ଅସୁବିଧାରେ ପଡିଗଲେ,ତାର କ୍ରୁରତା ଓ ଦୁର୍ଗୁଣ ଅନେକାଂଶରେ ପ୍ରଶମିତ ହୋଇ ଯାଇଥାଏ। କିନ୍ତୁ ଅଦ୍ଭୁତ କଥା,ପିମ୍ପୁଡି ମନ୍ଦାରେ ପାଣି ଢାଳିଦେଲେ,ସେମାନଙ୍କର ଅବସ୍ଥା ଯାହା ହୋଇଥାଏ, କରୋନାର ଭୟଙ୍କର ସ୍ଥିତିରେ,ମନୁଷ୍ୟର ଅବସ୍ଥା ଠିକ୍ ସେୟା ହୋଇଥିଲେ ମଧ୍ୟ,ପ୍ରକୃତିରେ ପରିବର୍ତନ ଆସୁନାହିଁ।ବିପର୍ଯ୍ୟସ୍ଥ ଅର୍ଥନୈତିକ ଅବସ୍ଥା।ଶ୍ରମିକ ଠାରୁ ଶିଳ୍ପପତି ପର୍ଯ୍ୟନ୍ତ,ଭିକ୍ଷୁକ ଠାରୁ କୋଟିପତି ପର୍ଯ୍ୟନ୍ତ ସମସ୍ତେ କ୍ଷତିଗ୍ରସ୍ତ।ରୋଜଗାର ହ୍ରାସ ଯୋଗୁଁ ,ସମସ୍ତଙ୍କର କ୍ରୟ କ୍ଷମତା ହ୍ରାସ ପାଇଅଛି। ଗୃଧ୍ର, ମୃତ ପ୍ରାଣୀ ମାନଙ୍କର ମାଂସ ଭକ୍ଷଣ କରିବା ପରି,ତାଲା ବନ୍ଦ,ଗୃହବନ୍ଦୀର ସୁଯୋଗ ନେଇ କେତେକ ଅସାଧୁ,ଲାଭଖୋର ବ୍ୟବସାୟୀ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି କରି,ଅସହାୟ ଜୀବନ୍ତ ମନୁଷ୍ୟ ମାନଙ୍କର ମାଂସକୁ ନିର୍ଦ୍ଦ୍ୱନ୍ଦରେ ଭକ୍ଷଣ କରି ଚାଲିଛନ୍ତି।ମାନବିକତା ଲୋପ ପାଇଯାଇଛି।ଦରଦାମ ନିୟନ୍ତ୍ରଣରେ ସରକାରୀ କଳ ବିଫଳ। ଏପଟେ ଲକ୍ ଡାଉନ ଫଳରେ, ସତେ ଯେପରି ଆଉ କିଛି ମିଳିବନି ଏବଂ ଏଇ କେତେ ଦିନ ଭିତରେ ଖାଦ୍ୟ ବିନା ଆମେ ଜୀବନ ଧାରଣ କରି ପାରିବୁ ନାହିଁ ପରି ଭ୍ରାନ୍ତ ଚିନ୍ତାରେ,ହଜାର ହଜାର ଲୋକ ବଜାରରେ ଏକତ୍ରିତ।ଲୋକ ମାନଙ୍କର ଏହି ବ୍ୟାକୁଳତାକୁ ଲକ୍ଷ କରି,ଅସାଧୁ ବ୍ୟବସାୟୀ ମାନେ ଚଳଚଂଚଳ,ସେମାନଙ୍କର ଗୋଟି ଚଳାଇବା ପାଇଁ। ସୁବର୍ଣ ସୁଯୋଗର ସଦ୍‌ବ୍ୟବହାର କରି, ଅପର୍ଯ୍ୟାପ୍ତ ଅର୍ଥ ଠୁଳ କରିଦେବାରେ ବ୍ୟାକୁଳତା ସମ୍ମୁଖରେ, ବିବେକ ଓ ମାନବିକତା ଅସହାୟ। ଅନ୍ୟାୟୋପାର୍ଜିତ ଅର୍ଥକୁ ଉପଭୋଗ କରିବା ପୁର୍ବରୁ, କରୋନାର ସର୍ବଗ୍ରାସୀ ପଞ୍ଝାରେ କବଳିତ ହୋଇନଥିବା ମଧ୍ୟ ସନ୍ଦିହାନ। ମାୟା ସଂସାରରେ କେହି ନିଜର ନୁହନ୍ତି ,ତାହା କରୋନା ପ୍ରମାଣିତ କରିଦେଇଛି।ସ୍ୱାମୀର ଶବକୁ ସ୍ତ୍ରୀ,ପୁତ୍ରର ଶବକୁ ପିତା ମଧ୍ୟ ସ୍ପର୍ଶ କରିବାକୁ କୁଣ୍ଠିତ।ତାହେଲେ କଣ ପାଇଁ? କଣ ପାଇଁ ଏ ଧନାର୍ଜନର ଦୁର୍ବାର ଆକାଂକ୍ଷା। ବିବେକକୁ ଜଳାଞ୍ଜଳି ଦେଇ, ଏ ବିପଦଗ୍ରସ୍ତ ମନୁଷ୍ୟର ଅସହାୟତା ର ସୁଯୋଗରେ ଅର୍ଥ ଉପାର୍ଜନ କରିବା କେତେଦୁର ଯୁକ୍ତିଯୁକ୍ତ ?ଜନ ସାଧାରଣଙ୍କ ଜୀବନ ଉପରେ ପରୋକ୍ଷ ପ୍ରଭାବ ପକାଉଥିବା,ପରିବହନ ଇନ୍ଧନ,ଯଥା-ପେଟ୍ରୋଲ,ଡିଜେଲ, ଏବଂ ପ୍ରତ୍ୟକ୍ଷ ପ୍ରଭାବ ପକାଉଥିବା ଅତ୍ୟାବଶକୀୟ ଖାଦ୍ୟ ଦ୍ରବ୍ୟ ଯଥା-ଖାଇବା ତେଲ,ଡାଲି, ଅଟା,ଆଳୁ ପିଆଜର ଅହେତୁକ ମୂଲ୍ୟବୃଦ୍ଧି ଜନ ଜୀବନକୁ ବିପର୍ଯ୍ୟସ୍ତ କରି ଦେଉଛି। ଲକ୍‌ଡାଉନ୍ ଯୋଗୁଁ,କଳ କାରଖାନା ବନ୍ଦ ରହୁଥିବାରୁ,ସେଥିରେ କାର୍ଯ୍ୟରତ କର୍ମଚାରୀ ମାନେ ଦରମା ପାଇବାରୁ ବଂଚିତ ହେଉଛନ୍ତି।ଏପଟେ ରୋଜଗାର ବନ୍ଦକୁ,ସେପଟେ ମୂଲ୍ୟବୃଦ୍ଧି ଯେଉଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି,ତାହା ଅକଳ୍ପନୀୟ। ଏହି ପରିପ୍ରେକ୍ଷୀରେ ସରକାର,କୋଭିଡ ପରିସ୍ଥିତି ନିୟନ୍ତ୍ରଣ ସହିତ, ଅତ୍ୟାବଶକୀୟ ସାମଗ୍ରୀର ଦରଦାମ ନିୟନ୍ତ୍ରଣ କ୍ଷେତ୍ରରେ ବଳିଷ୍ଠ ପଦକ୍ଷେପ ନେବାର ଜରୁରି ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ।ସାଧାରଣ ଲୋକ ମାନେ ମଧ୍ୟ,ସାଂପ୍ରତିକ ପରିସ୍ଥିତକୁ ଅନୁଭବ କରି,ନିଜର ଆବଶ୍ୟକତାକୁ ସଙ୍କୁଚିତ କରାଇ, ସୀମିତ ସମ୍ବଳର ଉପଯୋଗ ଦ୍ୱାରା ଶୃଙ୍ଖଳିତ ଜୀବନ ଅତିବାହିତରେ, ଅଭ୍ୟସ୍ତ ହେବା ଉଚିତ୍।ଆଜି ବିପଦ ଆସିଛି,କାଲି ନିଶ୍ଚୟ ଚାଲିଯିବ।ପ୍ରାକୃତିକ ବିପର୍ଯ୍ୟୟ ଉପରେ କାହାରି ନିୟନ୍ତ୍ରଣ ନାହିଁ।ଏ ବିପଦ ସମୟରେ ଧୈର୍ଯ୍ୟ ହିଁ ଏକମାତ୍ର ଲୋଡା। ବଂଚିବାର ଏକମାତ୍ର ଭରଷା ଆଶା। ତେଣୁ ଆସନ୍ତୁ,ଆମେ ସମସ୍ତେ ମିଳିମିଶି, ଧୈର୍ଯ୍ୟର ସହିତ,ଆଶାବାଦୀ ହୋଇ, ସଂଯମତା ଓ ଶୃଙ୍ଖଳତା ଆଚରଣ ପୂର୍ବକ,ଏ ଘୋର ବିପଦର ମୁକାବିଲା କରିବା।

***ଅବସରପ୍ରାପ୍ତ ପ୍ରଧାନଶିକ୍ଷକ***
***ଈଶାଣୀବ୍ରହ୍ମପୁର,କଟକ***
***ଦୂରଭାଷ : ୬୩୭୧୫୯୩୨୨୦***

# ସ୍ମୃତିର ଆଇନାରେ ବାପା



ବାଦଲ ଭୂୟାଁ

ମୋ ବାପାଙ୍କ କଥା ଏବେ ବି ଭାରି ମନେପଡ଼େ ତାଙ୍କ ଅନୁପସ୍ଥିତିରେ। ବାପା ଚାଲିଯିବା ଅନେକ ବର୍ଷ ହୋଇଗଲାଣି। ବାପାଙ୍କ ଅବର୍ତ୍ତମାନରେ ତାଙ୍କର ସବୁ କଥା ମନକୁ ଘାରେ। ମୁଁ ତାଙ୍କର ସ୍ମୃତିଚାରଣରେ ଅନ୍ୟ ମନସ୍କ ହୋଇଯାଏ। ମୋ ବାପା ସବୁ ବାପାଙ୍କ ପରିଥିଲେ ଭାରି ସ୍ନେହୀ। ସବୁବେଳେ ଆମ ଚାରିଭାଇ ଭଉଣୀଙ୍କୁ ଭଲ କଥା କହି ପ୍ରେରଣା ଦେବା, ମହାପୁରୁଷଙ୍କ ଜୀବନ କାହାଣୀ ଶୁଣାଇ ଉତ୍ସାହିତ କରିବା ଥିବା ତାଙ୍କର ସବୁଦିନର କାମ। ଭଲକଥା, ପଜିଟିଭ କଥା ସବୁବେଳେ କହିବା ଯେମିତି ଥିଲା ତାଙ୍କ ଜୀବନର ଏକାନ୍ତ ଓ ଏକମାତ୍ର ଲକ୍ଷ। ମୋ ପିଲାବେଳେ ଓଡ଼ିଶାର ଗ୍ରାମାଞ୍ଚଳ ବିଦ୍ୟାଳୟରେ ଶିକ୍ଷା ପ୍ରାପ୍ତିରେ ବଢ଼ିଛି। ଆମ ଘରପାଖ ଜଗନ୍ନାଥ ଉପ୍ରା ବିଦ୍ୟାଳୟ ଆମ ଘରଠୁ ଥିଲା ଦି'ତିନି କିଲୋମିଟର ଦୂର। ସ୍କୁଲ ଯିବା ବାଟରେ ପଡ଼େ ହଟକେଶ୍ୱର ମହାଦେବ, ଧାନବିଲର ହିଡ, ସେ ହିଡବାଟରେ ଟିକେ ଅସାବଧାନ ହେଲେ ଧାନଆଂଶ ଲାଗି କଟି ଯାଉଥିଲା ଗୋଡହାତ, ଗାଁ ପାଖ ନାଳବନ୍ଧ ମଠର ଆମ୍ବତୋଟା, ଗଛରେ ଚଢ଼ି ବାଇଗଣ ପଳେଇ, ମଣିଷ ମୁଣ୍ଡିଆ ଆମ୍ବ ଖାଇବା, ଖରାଦିନେ ନାଳରେ ଗାଧୋଇବାର କଥା ଭାରି ମନେପଡ଼େ। ସ୍କୁଲ ସାମ୍ନା ସଉରୀଆ ଓ ନୋତରୀ ଦୋକାନର ତାଳପତ୍ର ଚାମଚରେ ଘୁଗୁନି ଖାଇବାର ଦିନ ସବୁ ମନକୁ ମନକୁ ଚାଲି ଆସନ୍ତି।

ବାପା ମୋର ଟାଟା ନଗରରେ ଟାଟା କମ୍ପାନୀର କର୍ମଚାରୀ। ସବୁ ମାସର ଦଶ ତାରିଖ ସୁଧା ହଷ୍ଟେଲ ଓ ସ୍କୁଲ ଖର୍ଚ୍ଚ ସହ ମନିଅର୍ଡ଼ରେ ପଇସା ପହଞ୍ଚି ଯାଇଥିବ। ବାପା ମୋର ଆମ ଚାରି ଭାଇ ଭଉଣୀଙ୍କୁ ଟଙ୍କା ପଠେଇବା ପରେ ପାଖରେ ନିଜ ଚଳିବା ପାଇଁ ପଇସା ଶେଷ। ସେ ପାଇଁ ସେ ଏଲଆଇସି କରି ନିଜ ଖର୍ଚ୍ଚ ଓ ଆମ ମାନଙ୍କ ଖର୍ଚ୍ଚ ତୁଲେଇଲେ। ମଝିରେ ମଝିରେ ଚିଠିରେ ଓ ସ୍କୁଲକୁ ଯାଇ ପାଠପଢ଼ା କଥା ବୁଝୁଥିଲେ। ଆମ ସ୍କୁଲ ହଷ୍ଟେଲ ଗଲେ ବାପା ଆମ ସାର ମାନଙ୍କ ସହିତ କଥା ହୋଇ ପାଠପଢ଼ା ବିଷୟ ବୁଝି କିପରି ପାଠରେ ଆହୁରି ଭଲ ହୋଇପାରିବୁ ତାର ଚିନ୍ତା ବାପାଙ୍କୁ ସବୁବେଳେ ଲାଗିରହୁଥିଲା। ଭୀମଭୋଇ, ଗୋପବନ୍ଧୁ, ମଧୁସୂଦନ ରାଓ, ମଧୁସୂଦନ ଦାସ, ପାରଳା ମହାରାଜ, ଗୋଦାବରୀଶ, ସୀତାକାନ୍ତ, ରମାକାନ୍ତ, ଦେବଦାସ ଛୋଟରାୟ, ମନୋଜ ଦାସ, କାହ୍ନୁ ଚରଣ, ଗୋପୀନାଥ, ରବି ସିଂ, ବଜ୍ରନାଥ ରଥ, ସୌରୀନ୍ଦ୍ର ବାରିକ, ନିତ୍ୟାନନ୍ଦ ନାୟକ, ବିଭୂତି ପଟ୍ଟନାୟକ, ମହତାବ, ଜାନକୀ ବଲ୍ଲଭ ପଟ୍ଟନାୟକ, ବିଜୁ ପଟ୍ଟନାୟକ, ବାଙ୍କବିହାରୀ ଦାସ, ପ୍ରତିଭା ରାୟ, ବ୍ରହ୍ମୋତ୍ରୀ ମହାନ୍ତି, ମନୋରମା ମହାପାତ୍ର, ମମତା ଦାଶ, ପ୍ରତିଭା ଶତପଥୀଙ୍କ ପରି କବି ଲେଖକ ମାନଙ୍କ ବହି ପଢ଼ିବାକୁ ପ୍ରବର୍ତ୍ତାଉଥିଲେ। ଖବରକାଗଜର ସମ୍ପାଦକୀୟ ପଢ଼ିବା ବାପା ଆମକୁ ସବୁବେଳେ କହୁଥିଲେ। ଜୀବନରେ ସତ୍ୟଶୀଳ ହୁଅ, ଜୀବନରେ ସମୟାନୁବର୍ତ୍ତିତା ହବା ବାପାଙ୍କର ଜୀବନର ମୂଳମନ୍ତ୍ର ଥିଲା। କାହା ମନରେ କଷ୍ଟ ଦେବା ଭଳି କଥା କହିବାକୁ ବାପା ସବୁବେଳେ ମନା କରୁଥିଲେ। ଆମ ଗାଁ ମଳିକ ସାଇର ମନସା ଭଲ ପାଠ ପଢୁଥିଲା ତା ବାପା ମାଆ ଗରିବ ଥିବାରୁ ତାର ପାଠପଢ଼ା ବହିଖାତା କିଣିକି ଦବା ମୁଁ ନିଜେ ଦେଖିଛି। ବାପା ମୋର ଜାହାନପୁରର ସୋମନାଥ ବିଦ୍ୟାପୀଠ ହାଇସ୍କୁଲ ବେଳେ ହଷ୍ଟେଲ ଗଲେ ଆମ ହେଡ଼ମାଷ୍ଟର ଲିଙ୍ଗରାଜ ସାର ଓ ଅନ୍ୟାସ୍ୟ ସାର ମାନଙ୍କ ସହିତ ଦେଖାକରି ତାଙ୍କର ସେଇ ପ୍ରେରଣାଦାୟୀ କଥା, ଭଲ ପାଠ ପଢ଼, ତୋ ପାଇଁ ଘର, ଗାଡ଼ି, ଅଫିସ, ଚାକର ସବୁ ସରକାର ବ୍ୟବସ୍ଥା କରିବେ। ଭଲମନ୍ଦ ଖାଇବା, ପିନ୍ଧିବା ପାଇଁ ବାପା ଭାରି ସଚେତନ ସବୁବେଳେ ତାର ବ୍ୟବସ୍ଥା କିଛି କହିବା ଆଗରୁ ନିଜେ କରିକି ଆସୁଥିଲେ।

ମୋର ବଡ଼ ଦୁଇ ଭାଇ ଶଶିଭୂଷଣ ଓ ବିଧୁଭୂଷଣ, ତାଙ୍କ ପରେ ମୋର ଏକମାତ୍ର ଭଉଣୀ ଅନୀତା ଯାକୁ ନେଇଥିଲା ଆମ ଚାରି ଭାଇ ଭଉଣୀଙ୍କ ସଂସାର। ବାପା ଟାଟା ଆସିଯିବା ପରେ ମୋ ବୋଉ ବସନ୍ତ ମଞ୍ଜରୀ ମୋର ସବୁ ସୁବିଧା ଅସୁବିଧା ବୁଝୁଥିଲା ଓ ଦରକାର ପଡ଼ିଲେ ସ୍କୁଲକୁ ଯାଇଁ ଦରକାର ପଡୁଥିବା କାର୍ଯ୍ୟ ତୁଲାଉ ଥିଲା। ବାପା ମୋର ଟାଟା ନଗର ବର୍ମା ମାଇନସ୍‌ର 'ଦି ଟିସ୍କୋ ଓଡ଼ିଆ କୋଅପରେଟିଭ ସୋସାଇଟି'ର ଦୀର୍ଘ କୋଡିଏ ବର୍ଷ କାଳ ଚେୟାରମ୍ୟାନ ଥିଲେ। ଯାହାକୁ ଲକ୍ଷ୍ମୀନାରାୟଣ ସାହୁ ଏଠାରେ ପ୍ରତିଷ୍ଠା କରାଇଥିଲେ। ସେ ସୋସାଇଟି ଏଠାକାର ଓଡ଼ିଆ ମାନଙ୍କୁ ଜଣେ ଜଣକ ସହିତ ନିକଟତର କରିଥିଲା। ବାପା ତେଣୁ ଏଠାକାର ଓଡ଼ିଆ ସଂଗଠନ ଉତ୍କଳ ଆସୋସିଏସନ ଓ ଉତ୍କଳ ସମାଜର ମଧ୍ୟ ଖୁବ୍ ନିକଟତର ଥିଲେ। ବାପାଙ୍କ ଯୋଗୁଁ ଆମ ଭାଇଭଉଣୀଙ୍କ ମଧ୍ୟରେ ସାହିତ୍ୟ ପ୍ରତି ବିଶେଷ ଅନୁରାଗ ଥିଲା। ପିଲାବେଳେ ଆମେ ଦେଖିଛୁ ଆମ ଗାଁର ଓ ମାମୁଁ ଘର ଓ ପିଇସା ଘରର ଭାଇ ଭଉଣୀମାନେ ବାପାଙ୍କ ପାଖକୁ ଆସିବାକୁ କାଳେ ପାଠ କଥା ପଚାରିବେ ସେ ପାଇଁ ପାଖକୁ ଆସିବାକୁ ଡରୁଥିଲେ। ସେତେବେଳେ ସେ କଥା ମତେ ମନେ ମନେ ବାପାଙ୍କ ଉପରେ ବିରକ୍ତି ଭାବ ଆଣି ଦେଉଥିଲା। ଏବେ ସେ କଥା ମନେପଡ଼ିଲେ ହସ ଲାଗେ। ଭାବେ ବାପା ସବୁବେଳେ ଯଦି ସେମିତି ଜଗିଥାନ୍ତେ ଓ ପାଠ ପଢ଼ିବାକୁ ପ୍ରବର୍ତ୍ତାଇଥାନ୍ତେ ତା'ହେଲେ କେତେ ଭଲ ହୋଇଥାନ୍ତା। ବାପା ମୋର ସବୁବେଳେ ମନେ ପଡ଼ନ୍ତି, ତାଙ୍କ ଅବର୍ତ୍ତମାନରେ ବାପା ଆହୁରି ବେଶି ମନେପଡ଼ନ୍ତି।

***ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର***
***ଦୂରଭାଷ : ୭୪୮୮୯୯୮୫୩୨***

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଉଚ୍ଛ୍ୱାସ
ଭୁବନେଶ୍ୱର, ୧୪ - ୨୦ ଜୁନ୍, ୨୦୨୧




ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୁରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।

**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

କିଏ ଜାଣେ ସେକଥା। ସମସ୍ତେ କହନ୍ତି କିଏ ଦେଖିଛି ନା ଜାଣିଛି।

ଆମେ ଯେଉଁଟା ଦେଖିନାହୁଁ ଓ ଜାଣିନାହୁଁ ତାହା କ'ଣ ଅସତ୍ୟ? ତୁ ଠାକୁରଙ୍କୁ ବିଶ୍ୱାସ କରୁନା?

ମଲା- ଇଏ କ'ଣ ଗୋଟେ ପଚାରିବାର କଥା। ସେହି ଜଣେ ଈଶ୍ୱର ଅଛନ୍ତି ବୋଲି ଏ ପୃଥିବୀ ଚାଲିଛି ନା।

ଠିକ୍ କଥା - ତେବେ ତୁ ତାଙ୍କୁ କ'ଣ ଦେଖିଛୁ ଯେ ବିଶ୍ୱାସ କରି ପକାଉଛୁ।

ବୁଝିଲ ଗୋଲେଖ ଭାଇ - ଈଶ୍ୱରଙ୍କୁ ବିଶ୍ୱାସ କରିବା ଓ ପୁନର୍ଜନ୍ମକୁ ବିଶ୍ୱାସ କରିବା ଏକାକଥା ନୁହେଁ।

କେମିତି ଏକାକଥା ନୁହେଁ। ଈଶ୍ୱର ଯେତେବେଳେ ବାରମ୍ବାର ଜନ୍ମ ନେଉଛନ୍ତି ରାମ ହୋଇ, କୃଷ୍ଣ ହୋଇ, ବୁଦ୍ଧ ହୋଇ, ସେତେବେଳେ ଆମେ କେମିତି ପୁନର୍ଜନ୍ମକୁ ଅବିଶ୍ୱାସ କରିବା।

ହଉ ହେଲା- ସିଏ ତ ବାରମ୍ବାର ଜନ୍ମ ନେଇଛନ୍ତି ଜଗତର ମଙ୍ଗଳ ପାଇଁ, ହେଲେ ଆମର ବାରମ୍ବାର ଜନ୍ମ କାହିଁକି ହେବ?

କାରଣ ଆମେ ଈଶ୍ୱର ନୋହୁ। ସେ ଜନ୍ମ ନେଇଛନ୍ତି ଇଚ୍ଛା କରି ଜଗତର କଲ୍ୟାଣ ପାଇଁ ଓ ଆମେ ଜନ୍ମ ନେବା ବାରମ୍ବାର ଆମ ପାପର ପରିଣତି ଭୋଗିବା ପାଇଁ। ତୁ କ'ଣ ଭାବିଛୁ ଆମେ ଏବେ ଯେଉଁ ମଣିଷ ଜନମ ପାଇଛେ, ଏହା ପୂର୍ବରୁ ଆମର କୌଣସି ଜନ୍ମ ନଥିଲା। ଆରେ ସହସ୍ର ଯୋନୀ ପରେ ହିଁ ମଣିଷ ଯୋନୀରେ ପଶିବାର ସୁଯୋଗ ମିଳେ। ଯେଉଁମାନେ ମଣିଷ ଜନ୍ମ ପାଇବା ପରେ ପୁଣ୍ୟ ପଥରେ ବ୍ରତୀ ହୁଅନ୍ତି, ଆତ୍ମାକୁ ପରମାତ୍ମାରେ ମିଶାଇବା ପାଇ ସାଧନା କରନ୍ତି, ସେମାନେ ହୁଏତ ପୁନର୍ଜନ୍ମ ଲଭି ନ ପାରନ୍ତି, ହେଲେ ଆମେମାନେ କ'ଣ କରିଛେ? ଜୀବନଟା ଯାକ ତ କଟିଗଲା- ମୋ ଘର, ମୋ ଦ୍ୱାର, ମୋ ଜମି, ମୋ ବାଡି, ମୋ ଟଙ୍କା ପଇସା, ମୋ ପରିବାର ହୋଇ, ପୁଣ୍ୟ ଅର୍ଜିଲେ କେତେବେଳେ କଲେ ଯେ ପୁନର୍ଜନ୍ମ ପାଇବା ନି?

ପୁନର୍ଜନ୍ମ ପାଇଲେ ଏଇ ମଣିଷ ଜନ୍ମ ପାଇବା ତ? ସେ କଥା କିଏ କହିପାରିବ।

ମାତ୍ର ତୁ ଯେଉଁ କଥା କହୁଥିଲୁ ଯେ ଆମର ତ ଆସି ବେଳକାଳ ସରିଲାଣି ମୁଁ ସେ ପ୍ରସଙ୍ଗରେ କହୁଥିଲି ଯେ ଆମେ ଯେଉଁ ଖରାପ ସମୟ କଥା ଏବେ କହୁଛେ, ତା'ଠାରୁ ଆହୁରି ଅଧିକ ଖରାପ ସମୟରେ ମଧ ଆମେ ଏ ପୃଥିବୀରେ ଥିବା। କେଉଁ ରୂପରେ ଥିବା ତାହା ଭିନ୍ନ କଥା। ଜାତସ୍ମର ହୋଇଥିଲେ ସିନା ଜାଣିପାରନ୍ତେ।

ମୃତ୍ୟୁ ପରେ ଯେଉଁ ସ୍ୱର୍ଗଲୋକ ଓ ନର୍କ ଅଛି ତା' କ'ଣ ମିଛ?

ମିଛ କାହିଁକି ହେବ। ମୃତ୍ୟୁ ପରେ ପୃଥିବୀର ପ୍ରାୟ ସମସ୍ତ ଲୋକଙ୍କୁ ସାଧାରଣ ପ୍ରେତଲୋକକୁ ଯିବାକୁ ପଡିଥାଏ। ପ୍ରେତଲୋକରେ ଅବସ୍ଥାନ କଲାବେଳେ ସେମାନଙ୍କର ସୂକ୍ଷ୍ମଜଗତର ବହୁ ଅତୀତ କର୍ମଫଳକୁ ନଷ୍ଟ କରିଥାଆନ୍ତି। ଏହାକୁ ନଷ୍ଟ କରିବା ଛୋଟିଆ କଥା ନୁହେଁ। ସାଧନା ସ୍ତରରେ ଉଚ୍ଚତର ସୋପାନକୁ ନଗଲେ ଏହା ଆମ ଭଳି ସାଧାରଣ ଲୋକ କରିବା ସମ୍ଭବ ନୁହେଁ। ପ୍ରେତଲୋକରେ ଏଭଳି ମୁକ୍ତି ସାଧନକାର୍ଯ୍ୟ ସଫଳତା ସହ କଲା ପରେ ଯାଇ ହିରଣ୍ୟଲୋକରେ ଜନ୍ମ ନିଅନ୍ତି। ହିରଣ୍ୟ ଲୋକ ହେଉଛି ସ୍ୱର୍ଗଲୋକ। ପ୍ରାୟତଃ ପୂର୍ଣ୍ଣତା ପ୍ରାପ୍ତି କରିଥିବା ଲୋକମାନଙ୍କର ସେ ସ୍ତରକୁ ଉନ୍ନତି ହୁଏ। ଆମ ଭଳି ସାଧାରଣ ଲୋକ ପ୍ରେତଲୋକରେ ରହି ବାରମ୍ବାର ସ୍ଥୁଳ ଶରୀର ଧରି ଏ ଜଗତକୁ ଆସିବାକୁ ବାଧ ହୁଏ।

ବୁଝିଲ ଗୋଲେଖ ଭାଇ - ତମ କଥାକୁ ବୁଝିବା ପାଇଁ ଆମର ଦିମାକ୍ ନାହିଁ, ଆମେ ତ ମୋଟା ମୋଟି ଧରି ନେଇଛୁ ଆମର ଏ ଜଗତରେ ଲୀଳାଖେଳା ସରିବା ଉପରେ। ତମେ ଯଦି କହୁଛ ଏ ଜନ୍ମ ପରେ ପୁନର୍ଜନ୍ମ ଅଛି, ଭଲ କଥା। ଆମ ଭିତରେ ଅତୀତଟା ଏଇନେ ବସାବାନ୍ଧି ରହିଛି ବୋଲି ଆମେ ବର୍ତ୍ତମାନଟାକୁ ଗ୍ରହଣ କରିପାରୁ ନାହୁଁ, ଅତୀତ ସହିତ ବର୍ତ୍ତମାନକୁ ତୁଳନା କରି ଏ ବେଳଟା ଭଲ ନୁହେଁ ବୋଲି ଭାବୁଛୁ। ଯଦି ଆମର ମୃତ୍ୟୁ ପରେ ପୁନର୍ଜନ୍ମ ହୁଏ, ତେବେ ତ ଏ ଭଲ ନଥିବା ବେଳରେ ଜନ୍ମ ହେବୁ, ସେଠିତ ଆଉ ଅତୀତକୁ ଭାଳି ହେବାର ସୁଯୋଗ ନଥିବ ନା।

(କ୍ରମଶଃ)

ନିର୍ବାଚିତ କବିତା



## ସେଇ ଦୁଇଟି ହାତ

**ବିନୟ କୁମାର ଦାସ**





ଆଜି ବହୁତ ମନେପଡୁଛି
ମାଆ ର ସେଇ ଦୁଇଟି ହାତ
ଯେଉଁ ହାତ ମୋ ପିଠି ଥାପୁଡେଇ
ନାନାବାୟା ଗୀତ ଗାଇଗାଇ ମୋତେ
ତା ନରମ କୋଳରେ ଶୁଆଇ ପକାଉଥିଲା ।
ମୋ ଦେହରେ ଧୂଳି ଥାଉ କି ନଥାଉ
ସେ ତାର ସେଇ ଦୁଇଟି ହାତରେ
ବାରମ୍ବାର ଝାଡି ଦେଉଥିଲା ମୋ ଦେହକୁ ।
ଉଷୁମ ତେଲ ଆଉ ହଳଦୀ ଲଗାଇ
ମୋ ଟିକି ଦେହକୁ ଘଷି ଦେଉଥିଲା
ମୋ ନାଭିରେ ସୋରିଷତେଲ ଲଗାଇ ମୋତେ
କଅଁଳିଆ ଖରାରେ ଶୁଆଇ ପକାଉଥିଲା ।
ସତରେ ..କି ମୁଲାୟମ୍ ଥିଲା ସେ ହାତର ପରଶ ।
ସେତେବେଳେ ମୁଁ ଯେଉଁ ସୁଖ ନିଦ୍ରା ଯାଉଥିଲି
ସାରା ଜୀବନ ମୁଁ ସେ ନିଦ ଆଉ ପାଇପାରିନି ॥

ସେ ଦୁଇ ହାତକୁ ମୁଁ କେମିତି ବା ଭୁଲି ପାରିବି
ଯେଉଁ ହାତରେ ସେ ମୋ କପାଳରେ ଲଗାଇ ଦେଉଥିଲା
ଟୋପିଟୋପି ଚନ୍ଦନ ତ ଟିପା
ମୋତେ କେତେ ସରାଗରେ ପିନ୍ଧାଇ ଦେଉଥିଲା
ନୂଆ ଜାମା..ଗଳାରେ ପିନ୍ଧାଇ ଦେଉଥିଲା
ସରୁ ମାଳ କି ସୂତାରେ ବନ୍ଧା ଏକ ରୂପାର ପଦକ
ବାହୁରେ ବାନ୍ଧି ଦେଉଥିଲା ଚେରମୂଳି ଭରା ମନ୍ତ୍ରସିଦ୍ଧ
ତେଉଁରିଆ...ମୋର ଯାବତୀୟ ନିରାପତା ପାଇଁ ।

ନାକରୁ ପୋଛି ଦେଉଥିଲା ସିଂଘାଣି
ଆଖିରୁ ପୋଛି ଦେଉଥିଲା ଲୁହ
ମଳମୂତ୍ର ସଫା କରୁଥିଲା ଆଉ ସେଇ ହାତରେ
ସେ ମୋତେ କେତେ ଆଦରରେ ଖୁଆଇ ଦେଉଥିଲା
ଦୁଧଭାତ..ପୋଡପିଠା..
ସେଇ ଦୁଇ ହାତରେ ମୋ ହାତ ଧରି ସେ ହିଁ ତ
ଶିଖାଇ ଥିଲା ମୋତେ ଚାଲିବାର କୌଶଳ ।
ସେଇ ଦୁଇ ହାତ କେତେବେଳେ ମୋ ପାଇଁ
ବନି ଯାଉଥିଲା ତକିଆ ତ କେବେ ଝୁଲଣା ।
ହାତ ଟେକି ସେ ମୋତେ ଦେଖାଇ ଦେଉଥିଲା
ଆକାଶର ଜହ୍ନ କୁ..ଗାଉଥିଲା ଆ ଜହ୍ନମାମୁ ସରଗଶଶୀ ।



ଭାତ ଗାଳିବା ସମୟରେ ମୁଁ କାନ୍ଦିଲେ ସେ ବ୍ୟସ୍ତ ହେଥିଲା
ଆଉ ଗରମ ପେଜ ଢାଳି ହୋଇଯାଉଥିଲା ତା ହାତରେ
ରୁଟି ସେକିବା ସମୟରେ ହାତ କେବେକେବେ ପୋଡି
ଯାଉଥିଲା ତ କେବେ ଗରମ ତେଲ ଛିଟିକି ପଡୁଥିଲା ତାର
ସେଇ ହତରେ । ଯନ୍ତ୍ରଣାରେ ଶିହିରି ଉଠୁଥିଲା ସେ ।
ମୋ ଜାମାରେ ବୋତାମ ଲଗାଇବା ବେଳେ ମୂନିଆ ଛୁଂଚିରେ
ଫୋଡି ଯାଉଥିଲା ତା ନରମ ଆଙ୍ଗୁଳି । ଝରି ଯାଉଥିଲା ରକ୍ତ ।
ମୋତେ କଣ ଟିକେ ଜ୍ୱର ହେଲେ ସେଇ ଦୁଇ ହାତ
ମୋ ସାରା ଶରୀର ରେ ଘୂରି ବୁଲୁଥିଲା
ମୋ କପାଳରେ ଜଳପଟି ଲଗାଇ ଦେଉଥିଲା ସେ ।
ତା ଆଖିରୁ ବହି ଆସିଥିଲା ଲୁହ..ମୁହଁ ରୁ ବାହାରି ଆସୁଥିଲା
ହେ ଠାକୁରେ ମୋ ଧନକୁ ଜଲଦି ଭଲ କରିଦିଅ..
ତାର ସେ ହାତ ଦୁଇଟି ଶୂନ୍ୟକୁ
ଉଠି ଯାଉଥିଲା ଏତକ କହିବା ବେଳେ
କେତେ ଦେବାଦେବୀ ଙ୍କ ପାଖରେ କେତେ ମନ୍ଦିରରେ
ମୋ ଶୁଭ ମନାସି ସେ ତାର ସେଇ ଦୁଇ ହାତରେ
ଇଟା ଆଉ ନାଲି କନା ବାନ୍ଧିଛି ।
ମୋ ନାମରେ କେତେ ଦୀନ ଦରିଦ୍ରଙ୍କୁ ଦାନ କରିଛି
ଆଉ ସେମାନଙ୍କ ଠାରୁ ଭିକ୍ଷା କରିଛି
ମୋ ପାଇଁ ଟିକେ ଆଶିଷ ।

ସେଇ ହାତରୁ ମୁଁ କେତେ ମାଡ ଖାଇଛି
କେତେଥର ସେ ମୋତେ ବାନ୍ଧି ପକାଇଛି
ତାର ସେ ହାତ ଦୁଇଟିରେ
ମୋତେ ସାବାଡ କରିବା ପାଇଁ
ଆଉ ପରକ୍ଷଣରେ ଲୁଚାଇ ଲୁଚାଇ
ନିଜ ଆଖିରୁ ପୋଛି ହୋଇଛି ତା ଲୁହ ।
ମୋତେ କଷ୍ଟ ଦେଇଛି ବୋଲି ॥

ସେ ଦୁଇ ହାତକୁ ନେଇ ସେ ଆରପୁରକୁ ଚାଲିଯାଇଛି
ମୁଁ ଝୁରି ହେଉଛି ସେ ହାତ ଦୁଇଟିକୁ ଅତି ବିକଳ ହୋଇ ।

ମାଆ ଲୋ..
ତୁ ସେପୁରରେ ଭଲରେ ଥା
ହେଲେ ଏ ଅଧମ ପୁଅ ମୁଣ୍ଡରେ ସେଇଠୁ ଥାଇ
ତାର ଶେଷ ଶ୍ୱାସ ଥିବା ଯାଏ
ଢାଳି ଦେଉଥା ଆଶିଷର ବାରି
ତୋର ସେ ହାତ ଦୁଇଟିରେ ॥

*ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧*
*ମୋ-- ୭୯୭୮୮୬୦୩୬୩*

ଭାରତୀୟ ଉପମହାଦେଶର ମହାଭାରତୀୟ ସଂସ୍କୃତି ସମ୍ପନ୍ନ ତଥା ସର୍ବାନ୍ତକରଣରେ ସମୃଦ୍ଧ ଏକ ସାର୍ବଭୌମ ଗଣତାନ୍ତ୍ରିକ ଦେଶ ଥିଲା। ଦେଶଟି ବିଗତ କେଇ ଦଶନ୍ଧି ତଳେ ଅନ୍ୟ ଏକ ବିଦେଶୀ ଦେଶ ଦ୍ୱାରା ପରାଧୀନ ଥିଲା। ସେଇ ସମୟରେ ଦେଶକୁ ସ୍ୱାଧୀନ କରିବାପାଇଁ ଜଣେ ମହାପୁରୁଷଙ୍କ ନେତୃତ୍ୱରେ ଅନେକ ଦେଶଭକ୍ତ ନିଜନିଜର ଜୀବନକୁ ବାଜି ଲଗାଇ ବିଦେଶୀ ଶାସକଙ୍କ ବିରୁଦ୍ଧରେ ବିଦ୍ରୋହ, ବିକ୍ଷୋଭ ଓ ଆନ୍ଦୋଳନମାନ କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ସଂଗ୍ରାମୀ ଦେଶପାଇଁ ଲଢ଼ି ଆଜୀବନ ସଜା ଭୋଗିଥିଲେ, କଠୋର ଦଣ୍ଡରେ ଦଣ୍ଡିତ ହେଇଥିଲେ ଏବଂ ଶହିଦ ମଧ ହେଇଥିଲେ।

ମହାପୁରୁଷଙ୍କ ନିକଟତମ ସହଯୋଗୀମାନଙ୍କ ମଧ୍ୟରେ ଜଣେ ଅତ୍ୟନ୍ତ ଚତୁର ବ୍ୟକ୍ତି ଥିଲେ ଯିଏ ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିରେ ନିଜକୁ ନିରାପଦ ରଖି ଏକ ମହାନ ସଂଗ୍ରାମୀର ପରିଚିତି ଲାଭକରିବାରେ ସଫଳକାମ ହେଇପାରିଥିଲେ। ଦୀର୍ଘବର୍ଷର ସଂଗ୍ରାମ ପରେ ଦେଶ ସ୍ୱାଧୀନ ହେବା ପରେ ସେଇ ଚତୁର ବ୍ୟକ୍ତି ଜଣକ ଦେଶର ସର୍ବୋଚ୍ଚ ଶାସକ ହେବାର ଅଭିଳାଷ ପୋଷଣ କରୁଥିଲେ। ପୂର୍ବ ଯୋଜନା ମୁତାବକ, ଦେଶ ସ୍ୱାଧୀନ ହେବାମାତ୍ରେ ସେଇ ବ୍ୟକ୍ତି ଜଣକ ଅନ୍ୟ ସକ୍ଷମ ନେତୃବର୍ଗଙ୍କୁ ପଛରେ ପକାଇ କୌଣସି ମତେ ଦେଶର ପ୍ରମୁଖ ଶାସକ ପାଲଟିଗଲେ।

ଦେଶ ସ୍ୱାଧୀନ ହେବାର ପ୍ରଥମ ଦୁଇ ଦଶନ୍ଧି ଭିତରେ ଦେଶରେ ଶିକ୍ଷାର ବିକାଶ ଉପରେ ବିଶେଷ ଗୁରୁତ୍ୱାରୋପ ନହେବା ସହ ଅନ୍ୟାନ୍ୟ ଅନେକ କାରଣରୁ ଦେଶବାସୀ ମାନେ ଶାସନ ବ୍ୟବସ୍ଥାରେ ସେମାନଙ୍କର ଦାୟିତ୍ୱ ପ୍ରତି ସଚେତନ ହେଇ ନପାରିବାରୁ ସେଇ ଚତୁର ବ୍ୟକ୍ତି ଜଣକ ତାଙ୍କର ବାର୍ଦ୍ଧକ୍ୟ ଅବସ୍ଥା ଉପନୀତ ହେବା ପୂର୍ବରୁ ନିଜର କନ୍ୟାକୁ କଳେବଳେ କୌଶଳେ ଶାସନଗାଦୀରେ ଅବସ୍ଥାପିତ କରିଦେଲେ।

ଏହିପରି ଭାବେ ତାଙ୍କ ଅନ୍ତେ ତାଙ୍କ ପର ଦୁଇପିଢି ଦେଶର ଶାସନ ବ୍ୟବସ୍ଥା ଉପରେ ଆଧିପତ୍ୟ ବିସ୍ତାର କରିବାକୁ ସକ୍ଷମ ହେବାରୁ ତାଙ୍କର ଅନ୍ଧ ଅନୁଗାମୀ ମାନଙ୍କ ମନରେ ଏକ ଦୃଢ଼ ଧାରଣା ସୃଷ୍ଟି ହେଇଗଲା ଯେ ନାରୀ ହେଉ କି ପୁରୁଷ, ଯୋଗ୍ୟ ହେଉ କି ଅଯୋଗ୍ୟ, ଜ୍ଞାନୀ ହେଉ କି ମୂର୍ଖ, ଏଡା ହେଉ କି ତେଡା, ସେଇ ବଂଶରେ ଜନ୍ମ ନେଉଥିବା ଜଣେ ବ୍ୟକ୍ତିମାନେ ଅନନ୍ତ କାଳ ପର୍ଯ୍ୟନ୍ତ ଦେଶକୁ ଶାସନ କରିବା ହେଉଛି ଈଶ୍ୱରଙ୍କ ଇଚ୍ଛା ଏବଂ ଆଦେଶ। ଏମିତି ହେଲା ଯେ, ସେଇ ଦେଶର ଗଣତନ୍ତ୍ର ଏକ ମୁକୁଟ ବିହୀନ ରାଜତନ୍ତ୍ରରେ ପରିବର୍ତ୍ତିତ ହେଇଗଲାପରି ପ୍ରତୀୟମାନ ହେଲା।

ଏମିତି ସମୟକ୍ରମେ ଚତୁର୍ଥ ପିଢୀରେ ସେଇ ବଂଶରେ ଜଣେ ସୁନ୍ଦର ବାଳକ ଜନ୍ମ ନେଲା। ପିଲାଟି ଶଶିକଳା ପରି ବାଢିବାକୁ ଲାଗିଲା। ତାଙ୍କର ପିତା ତାଙ୍କୁ ଉଚ୍ଚଶିକ୍ଷା ପାଇଁ ବିଦେଶରେ ଥିବା ଉନ୍ନତ ଶିକ୍ଷାନୁଷ୍ଠାନ ମାନଙ୍କରେ ପଢ଼ାଇବାର ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଇଦେଲେ। କୋମଳମତି ବାଳକର ମନସ୍ତତ୍ତ୍ୱ ଉପରେ କାଳେ କିଛି କୁପ୍ରଭା ପଡିବ ଭାବି, ତାକୁ କୌଣସି ପ୍ରକାର ଅଭାବର ଦୃଶ୍ୟଟିଏ ମଧ ଦେଖିବାର ଅବକାଶ ଦେଲେନାହିଁ। ମାତ୍ର, ବାଳକର ମୁଣ୍ଡରେ ବୁଦ୍ଧି ରହିବା ନିମନ୍ତେ

# ରାଜକୁମାରଙ୍କ ହସ

**ବିନୟ ଭୂଷଣ ପାଣିଗ୍ରାହୀ**



ସୂଚ୍ୟଗ୍ର ପରିମିତ ସ୍ଥାନ ନଥିବାରୁ ସେ ଯେତେଯେତେ ବଡ ହେଉଥିଲେ ତାର ବାଲ୍ୟ ଚପଳତା କମିବା ପରିବର୍ତ୍ତେ ସେତେସେତେ ବଢ଼ିବାରେ ଲାଗିଲା।

ଅଚାନକ ଦିନେ ଶାସକଙ୍କର ଦେହାନ୍ତ ହେଇଯିବାରୁ ତାଙ୍କ ବଂଶର ପୁରୁଷାନୁକ୍ରମିକ ଅନ୍ଧ ଅନୁଗାମୀମାନେ ତାଙ୍କର ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ସେଇ ଶିଶୁସୁଲଭ ମସ୍ତିଷ୍କ ସମ୍ପନ୍ନ ତଥାକଥିତ ରାଜକୁମାରଙ୍କୁ ଦେଶ ଶାସନରେ ପିତାଙ୍କର ସ୍ଥାନ ଅଧିକାର କରେଇବା ପାଇଁ ଆପ୍ରାଣ ଉଦ୍ୟମ କଲେ। ବୁଦ୍ଧିବୃତ୍ତି ନଥିବାରୁ ଯୁବରାଜ ପ୍ରଥମେ ପ୍ରଥମେ ସେଥିପ୍ରତି ଆଗ୍ରହ ପ୍ରଦର୍ଶନ କରୁନଥିଲେ। ଅନୁଗାମୀ ମାନଙ୍କର ଅକ୍ଲାନ୍ତ ଉଦ୍ୟମ ହେତୁ ରାଜକୁମାର ଯେତେବେଳେ ସେମାନଙ୍କ ପ୍ରସ୍ତାବରେ ସହମତ ହେଲେ ସେତେବେଳକୁ ଆଉଜଣେ ସୁଯୋଗ୍ୟ ଏବଂ ସୁଦକ୍ଷ ବ୍ୟକ୍ତି ଗଣତାନ୍ତ୍ରିକ ବିଧି-ବ୍ୟବସ୍ଥା ଅବଲମ୍ବନରେ ଦେଶର ଶାସନଭାର ନିଜ ଅଧୀନକୁ ନେଇସାରିଥିଲେ।

ରାଜକୁମାରଙ୍କର ଅନୁଗାମୀମାନେ ରାଜଗାଦିକୁ ଛଡେଇ ଆଣି ତାଙ୍କୁ ସେଥିରେ ବସେଇବାକୁ ଚାହିଁଲେ। ଦୁର୍ଭାଗ୍ୟକୁ, ସେଇ ଅନୁଗାମୀ ମାନେ ମୁକ୍ତଭାବେ ନିଜର ବୁଦ୍ଧି ଓ ବିଦ୍ୟାର ଉପଯୋଗ କରିବାକୁ ମହାପାପ ମଣୁଥିଲେ। ସିଂହାସନ ହାସଲ କରିବା ନିମିତ୍ତ ସଂଗ୍ରାମରେ ତାଙ୍କର ନେତୃତ୍ୱ ନେବା ପାଇଁ ସେମାନେ ରାଜକୁମାରଙ୍କୁ ଅନୁରୋଧ କରିବାମାତ୍ରେ ଆଗପଛ କିଛି ନବୁଝି ନବିଚାରି ସେ ତହିଁରେ ଅଗତ୍ୟା ରାଜି ହେଇଯିବାରୁ ଅନୁଗାମୀ ମାନଙ୍କ ମନରେ ଆନନ୍ଦ ଓ ଉତ୍ସାହ ବହୁଗୁଣିତ ହେଲା।

ବିନା କଷ୍ଟରେ ଲକ୍ଷ ହାସଲ କରିବାପାଇଁ ତାଙ୍କୁ କଣ କରିବାକୁ ହେବ ବୋଲି ରାଜକୁମାର ପଚାରିବାରୁ ତାଙ୍କର ଭକ୍ତମାନେ ଯୋଡହସ୍ତ ହେଇ କହିଲେ,' ଆଜ୍ଞା, ଆପଣଙ୍କୁ ବିଶେଷ କିଛି କରିବାକୁ ପଡ଼ିବ ନାହିଁ। ଆପଣଙ୍କୁ କେବଳ' ନା' ଆଉ 'ହଁ' କହିବାକୁ ପଡିବ। ଶାସକ କିଛି କଥା ପଚାରିଲେ ଯଦି ତାଙ୍କର ପାରିଷଦ ମାନେ 'ହଁ' କହିବେ ଆପଣ ସେଇକଥାରେ 'ନା' କହିବେ ଏବଂ ଯଦି ସେମାନେ 'ନା' କହିବେ ଆପଣ ସେତେବେଳେ 'ହଁ' କହିବେ। ଆଉ, ଆପଣ 'ନା' କହିଲେ ଆମେ କହିବୁ 'ନା, ନା, ନା; ଆଦୌ ନୁହେଁ। ଆପଣ 'ହଁ' କହିଲେ ଆମେ ବଡ଼ପାଟିରେ କହିବୁ 'ହଁ, ହଁ, ହଁ, ନିଶ୍ଚୟ' ରାଜକୁମାର ବହୁତ ଖୁସି ହେଇଗଲେ।

ତହିଁ ପରଦିନ ରାଜସଭାର ପ୍ରଥମ ଅଧିବେଶନ ଆରମ୍ଭ ହେଲା। ଶାସକ କିଛି ପ୍ରଶ୍ନ କଲେ ଏବଂ ଉତ୍ତରରେ ତାଙ୍କର ମନ୍ତ୍ରୀ ମାନେ, ପାରିଷଦବର୍ଗ, ରାଜକୁମାର ଏବଂ ରାଜକୁମାରଙ୍କର ଅନୁଗାମୀ ମାନେ ଯାହା କହିଲେ ତାହା ନିମ୍ନରେ ପ୍ରଦତ୍ତହେଲା।

ଶାସକ: ଆମେ ସମସ୍ତେ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିବା ଉଚିତ ନୁହେଁକି?

ପାରିଷଦବର୍ଗ : ହଁ

ରାଜକୁମାର: ନା

ରାଜକୁମାରଙ୍କ ସମର୍ଥକମାନେ: ନା, ନା,ନା;ଆଦୌ ନୁହେଁ।

ଶାସକ: ସରକାର ଉତ୍ତମ କାର୍ଯ୍ୟ କଲେ ପ୍ରଜାମାନେ ସୁଖଶାନ୍ତିରେ କାଳାତିପାତ କରିବେ ଏବଂ ଦେଶ ଉନ୍ନତ ହେବ।

ପାରିଷଦବର୍ଗ : ହଁ

ରାଜକୁମାର: ନା

ରାଜକୁମାରଙ୍କ ସମର୍ଥକମାନେ: ନା, ନା,ନା;ଆଦୌ ନୁହେଁ।

ଶାସକ: ସରକାରଙ୍କ ନିଷ୍ପତ୍ତିରେ କିଛି ତ୍ରୁଟି ରହିଲେ ବିରୋଧୀ ମାନେ ତାହାକୁ ସୁଧାରିବା ପାଇଁ ଦାବୀକରିବା ଉଚିତ କି ନୁହେଁ?

ପାରିଷଦବର୍ଗ : ହଁ

ରାଜକୁମାର: ନା

ରାଜକୁମାରଙ୍କ ସମର୍ଥକମାନେ: ନା, ନା,ନା;ଆଦୌ ନୁହେଁ।

ଶାସକ: ଦେଶର ଶାସନଭାର ଗ୍ରହଣ କରି ଦେଶକୁ ଚଳେଇବା ପାଇଁ ବିରୋଧୀ ଦଳର ନେତା ପ୍ରଥମେ ନିଜକୁ ଯୋଗ୍ୟ କରିବା ଉଚିତ କି ନୁହେଁ?

ପାରିଷଦବର୍ଗ : ହଁ

ରାଜକୁମାର: ନା

ରାଜକୁମାରଙ୍କ ସମର୍ଥକମାନେ: ନା, ନା,ନା;ଆଦୌ ନୁହେଁ।

ଶାସକ: ବିରୋଧୀ ଦଳ ନେତାଙ୍କର ପୂର୍ବପୁରୁଷମାନଙ୍କର କମ ହେଉ ବା ବେଶୀ ହେଉ, ଦେଶପାଇଁ କିଛି ଅବଦାନ ଥିଲା।

ପାରିଷଦବର୍ଗ : ହଁ

ରାଜକୁମାର: ନା

ରାଜକୁମାରଙ୍କ ସମର୍ଥକମାନେ: ନା, ନା,ନା;ଆଦୌ ନୁହେଁ।

ଶାସକ: ସେମାନେ ଦେଶପ୍ରେମୀ ନଥିଲା ଯଦିଓ ଦେଶଦ୍ରୋହୀ ନଥିଲେ।

ପାରିଷଦବର୍ଗ : ନା,ସେମାନେ ସେମିତି ନଥିଲେ।

ରାଜକୁମାର: ହଁ,ସେମାନେ ସେମିତି ଥିଲେ।

ରାଜକୁମାରଙ୍କ ସମର୍ଥକମାନେ: ହଁ, ହଁ,ହଁ;ସେମାନେ ସମସ୍ତେ ସେମିତି ଥିଲେ।

ଏକଥା ଶୁଣି ଶାସକଙ୍କ ସମେତ ସବୁ ସଭାସଦ ଖୁବ ଜୋରରେ ହସିବାକୁ ଲାଗିଲେ। ସେମାନଙ୍କ ହସର ଜବାବ ଦେବାପାଇଁ 'ହଁ' କହିବାକୁ ପଡିବ କି 'ନା' କହିବାକୁ ହେବ ସ୍ଥିର କରିନପାରି ରାଜକୁମାର ତାଙ୍କ ଅନ୍ଧ ଅନୁଗାମୀ ମାନଙ୍କୁ ପଚାରିବା ପାଇଁ ପଛକୁ ବୁଲି ଚାହିଁଲେ, ଦେଖିଲେ ସେମାନେ ମଧ ହସୁଥିଲେ। ତେଣୁ, ରାଜକୁମାର କିଛି ନଭାବି ଖୁବ ଯୋରରେ ହସି ଉଠିଲେ।

*ହରସିଂହ ପୁର, ପୀରହାଟ ବଜାର, ଭଦ୍ରକ-୩୧*
*ଦୂରଭାଷ : ୯୪୩୮୬୭୦୧୨୦*

# ପିଲାଙ୍କ ଦୁନିଆ





**ଅନିକେତ୍ ଅନିରୁଦ୍ଧ ସିଂହ**
ଷ୍ଟାଣ୍ଡାର୍ଡ - ୬
ବିଜେଇଏମ୍ ସ୍କୁଲ- ୨
ଭୁବନେଶ୍ୱର

# କବିତାର କଥା

(ଭାଗ-୨୩)



**ଉମାକାନ୍ତ ରାଉତ**



# ଓଡ଼ିଆ ନବଜାଗରଣର ଜନକ

ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପଛରେ ସାରଳା ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅବିସ୍ମରଣୀୟ। ସାରଳାଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟର ଜାତୀୟ ସ୍ତରରେ କୌଣସି ମାନ୍ୟତା ନଥିଲା। ଏହା ମୌଖିକ ଅବା ଅଭିଲେଖାଦି ହିସାବରେ ଅତ୍ରତତ୍ର ଛିନ୍ ଭିନ୍ ଅବସ୍ଥାରେ ପଡ଼ିଥିଲା। ସାରଳା ଦାସ ପ୍ରଥମ କରି ଏହାକୁ ଜାତୀୟ ମାନ୍ୟତାର ପରିସରକୁ ଆଣିଲେ। ଫଳତଃ ଓଡ଼ିଆ ଭାଷା ସାହିତ୍ୟର ଭାଷା ହିସାବରେ ଜାତୀୟ ସ୍ତରରେ ନିଜକୁ ପ୍ରତିପାଦିତ କରିପାରିଲା।

ଏତଦ୍ୱାରା ଓଡ଼ିଆ ଜାତିର ଗୌରବ, ଅସ୍ମିତା, ଆଭିଜାତ୍ୟ, ବୀରତ୍ୱ ଓ ସ୍ୱାଭିମାନ ପ୍ରତିଷ୍ଠା ହେବାର ସମସ୍ତ ବାଟ ଫିଟିଗଲା। ସଂସ୍କୃତ ସାହିତ୍ୟର ଉତ୍ତୁଙ୍ଗ ଅଭିବୃଦ୍ଧି ଓ ତାହା ଓଡ଼ିଆ ଭାଷା ଓ ସାହିତ୍ୟକୁ ସାର୍କ ମାଛ ଭଳି ଗିଳି ଦେବାକୁ ଯାଉଥିବା ସମୟରେ ସାରଳାଙ୍କ ଆବିର୍ଭାବ ଆମର ଭାଷା ଓ ସାହିତ୍ୟକୁ ଏକ ନବଜନ୍ମ ଦେଲା। ସେଥିପାଇଁ ସେ ହିଁ ଓଡ଼ିଆ ସାହିତ୍ୟର ଜନକ। ଯେପରି ଇଂରାଜୀ ସାହିତ୍ୟରେ 'ହୋମର୍' ଏବଂ ଗ୍ରୀକ୍ ସାହିତ୍ୟରେ 'ୟଶୋ' ଙ୍କୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ , ସେମିତି ଓଡ଼ିଆ ସାହିତ୍ୟରେ ସାରଳାଙ୍କର ଗୁରୁତ୍ୱ ରହିଛି।

ସାରଳାଙ୍କ ରଚନାରେ ଓଡ଼ିଆ ସାହିତ୍ୟର ଏହି ନବଜନ୍ମ ସଂସ୍କୃତରେ ରଚିତ ଓ ସେତେବେଳେ ବହୁଳଭାବେ ପ୍ରଚାରିତ ବିଶ୍ୱନାଥ କବିରାଜଙ୍କ "ସାହିତ୍ୟ ଦର୍ପଣ", ପର୍ବପର୍ବାଣୀରେ ଜଗନ୍ନାଥଙ୍କ ପ୍ରତିମା ସମ୍ମୁଖରେ ମଞ୍ଚସ୍ଥ ହେଉଥିବା ମୁରାରୀ ମିଶ୍ରଙ୍କ ସଂସ୍କୃତରେ ଲିଖିତ ନାଟକ "ଅନର୍ଘ ରାଘବ ନାଟକମ୍" ଓ ଜୟଦେବଙ୍କ ସଂସ୍କୃତ "ଗୀତ ଗୋବିନ୍ଦ" ଆଦିର ସ୍ୱରକୁ କ୍ଷୀଣ କରିଦେବା ସହ ବନ୍ଦପ୍ରାୟ କରିଦେଲା। ତାହା ନହୋଇଥିଲେ ଆଜି ଆମ ମୁହଁରେ ହୁଏତ ଓଡ଼ିଆ ଭାଷା ନଥାନ୍ତା କି ଆମ ପାଖରେ ଓଡିଆ କାବ୍ୟ କବିତା ନଥା'ନ୍ତା। ଓଡ଼ିଆ ବୋଲି ଦାବି କରିବାକୁ ଆମ ପାଖରେ କିଛି ଆୟୁଧ ହିଁ ନଥା'ନ୍ତା।

ସଂସ୍କୃତର ପଞ୍ଝାରେ ଆମର ସମସ୍ତ ଓଡ଼ିଆତ୍ୱ ଲୀନ ହୋଇ ମହାସମାଧି ଲାଭ କରିସାରିଥାନ୍ତା। ସାରଳା ସାହିତ୍ୟ ସର୍ବାଦୃତ ହେବାର ଅନ୍ୟ ଏକ କାରଣ ହେଲା - ତାଙ୍କର ଭାଷା ତତ୍ ସମ ଶବ୍ଦ ବ୍ୟଞ୍ଜନାର ଭାଷା ନଥିଲା; ତାହା ଥିଲା ସର୍ବସାଧାରଣରେ ପ୍ରଚଳିତ ଜନତାର ଭାଷା, ଲୋକଭାଷା, ଉତ୍କଳୀୟ ଜନଜୀବନର ଭାଷା, ଲୋକମୁଖର ଭାଷା, ଜୀବନଜୀବିକାର ଭାଷା, ନଈ, ନାଳ, ମାଟି, ପାଣି, ଜଳ, ଜମି, ଜଙ୍ଗଲର ଭାଷା - ଯାହା ଆହରିତ ହୋଇ ନୁହେଁ, ଧାର୍ ଧୁରାରେ ନୁହେଁ କି ଅନ୍ୟ ସାହିତ୍ୟରୁ ଚୋରି କରି ନୁହେଁ : ବରଂ ଥିଲା ଛାତିର ଅଳିନ୍ଦରୁ ...ଉତ୍କଳର ପୁରପଲ୍ଲୀରୁ।

ପରିତାପର ବିଷୟ, ଏବର ଅନେକ ନିଜକୁ ମଙ୍ଗୁଆଳ ବୋଲାଉଥିବା କବି ପରଧନ ଆହରଣ କରି ଫୋପଡା ସଂସ୍କୃତିର କବିତା ରଚନାରେ ବେଶ୍ ଉତ୍ଫୁଲ୍ଲିତ ହେବାର ଦେଖାଯାଉଛି।

ମୋ ଜାଣିବାରେ ସାରଳାଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ କୌଣସି କାବ୍ୟ କବିତା ରଚନା ହୋଇଥିବାର ବିଧିବଦ୍ଧ ପ୍ରମାଣ ନାହିଁ। ତେଣୁ ସିଏ ନିଶ୍ଚିତଭାବେ ଓଡ଼ିଆ ସାହିତ୍ୟ ଓ କାବ୍ୟ କବିତାର ନବଜାଗରଣର ସ୍ରଷ୍ଟା।

ଉଇଲିୟମ ୱାଡସୱାର୍ଥ (**William Wordsworth**)ଙ୍କ ଅନୁଯାୟୀ ନିଶ୍ଚୁପ ନିରବତାର ଅବସ୍ଥାରେ ଶକ୍ତିଶାଳୀ ଅନୁଭବର ସ୍ୱତଃ ଉଚ୍ଛ୍ୱାସ ହିଁ କବିତା। ପ୍ରେରଣାରୁ ହିଁ ଏହି ଅନୁଭବର ଉଚ୍ଛ୍ୱାସ ଆସିଥାଏ। ଆମର କତିପୟ କରି ପ୍ରେରଣା ପ୍ରେରିତ ହୋଇ କବିତା ରଚନା କରିବାର ମନେ ହୁଏ ନାହିଁ। ତା' ହୋଇଥିଲେ ସେମାନେ ଆତ୍ମସର୍ବସ୍ୱତାର ଆତସବାଜିଆ ପ୍ରଚାର, ଯଶ କାଙ୍ଗାଳତା, ପୁରସ୍କାର, ସମ୍ବର୍ଦ୍ଧନା, ଭାଟଗିରି, ଆଦି ଅଳୀକ ମାୟା ଓ ମମତ୍ୱବୋଧରେ ଘାଣ୍ଟି ଚକଟି ହୁଅନ୍ତେ ନାହିଁ। ଭାଷା ଜନନୀର ମୁକ୍ତି ପାଇଁ, ଜାତୀୟତାର ଉନ୍ମେଷ ପାଇଁ, ଅସ୍ମିତାର ଜାଗରଣ ପାଇଁ ଆପଣାର ସମସ୍ତ ପାର୍ଥିବ ଅହଂ ଓ ମମତ୍ୱବୋଧକୁ ଜଳାଞ୍ଜଳି ଦେଇ ଜଣେ କବି କେମିତି ସମର୍ପଣର ମୁଦ୍ରାରେ ନିଜକୁ ଚିରଭାସ୍ୱର କରିପାରେ, ତାହା ସାରଳାଙ୍କ ନିମ୍ନୋକ୍ତ ସ୍ୱୀକାରୋକ୍ତିର ଭାଷାକୁ ନ ବୁଝିଲେ ଆମେ ହୃଦୟଙ୍ଗମ କରିପାରିବା ନାହିଁ।

"ଶ୍ରୀଚଣ୍ଡୀ ସାରଳାଙ୍କର
ପାଦତଳେ ଦାସ
ଶୁଦ୍ରମୁନୀ ଅଖଣ୍ଡିତ
ଶ୍ରୀ ସାରଳା ଦାସ
ସେ ଯାହା କହନ୍ତି ମୋତେ
ମୁଁ ତାହା ରଚଇ
ସାଧୁ ସୁଜ୍ଞ ଜନେ ଏତେ
ମୋର ଦୋଷ ନାହିଁ"

ଅର୍ଥାତ୍ ତାଙ୍କ କୃତୀର ସମସ୍ତ ଶ୍ରେୟ ସେ ମାଆ ସାରଳାଙ୍କ ଆଶିର୍ବାଦକୁ ହିଁ ଦେଉଛନ୍ତି। ନିଜକୁ ସମ୍ପୂର୍ଣ୍ଣଭାବେ ସମର୍ପଣ କରି ସେ ପୁଣି କହିଛନ୍ତି-

"ଅଦୃଷ୍ଟି କି ଦୃଷ୍ଟି ମୁହିଁ
କରାଇଲି ଆଣି
ସେ ମାତା ପ୍ରସାଦେ ଯାହା
ମନେ ମୋର ସ୍ଫୁରେ
କୃପା କରିବାର ମା
ସାରଳା ଠାକୁରାଣୀ
ଲେଖଇ ଯେ ବସି ନୀଳ
କଳ୍ପବଟ ମୂଳେ"

ମୂଳ ସଂସ୍କୃତ ମହାଭାରତର ଢାଞ୍ଚାକୁ ଭାଙ୍ଗି ତତ୍କାଳୀନ ଓଡ଼ିଶାର ପରିବେଶ, ପରିସ୍ଥିତି, ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଅବସ୍ଥାକୁ ସେ ତାଙ୍କ ସୃଷ୍ଟ ଓଡ଼ିଆ ମହାଭାରତରେ ଏମିତି ଖଞ୍ଜି ଦେଇଛନ୍ତି ଯେ ତାହା ସମ୍ପୂର୍ଣ୍ଣଭାବେ ସ୍ଥାନ କାଳ ପାତ୍ରର ଗୁରୁତ୍ୱ ବହନ କରୁଥିବା ଏକ ମୌଳିକ କାବ୍ୟରେ ପରିଣତ ହୋଇଯାଇଛି। ପରବର୍ତ୍ତୀ ଭାଗରେ ମୋ' ସାଧମତେ ସେ ସମ୍ପର୍କିତ ସମ୍ୟକ୍ ଧାରଣା ଦେବାର ପ୍ରୟାସ କରିବି।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*



# ନାଳ ସଫେଇ ନ ହେବା ନେଇ ଚିନ୍ତାରେ ଋଷୀ



**ଜଗତ୍‌ସିଂହପୁର :** ବର୍ଷା ଦିନ ଆସିଯାଇଥିଲା ବେଳେ ମୌସୁମୀ ପ୍ରଭାବ ବି ଆରମ୍ଭ ହେଲାଣି, ହେଲେ ନାଳ ସଫେଇ କାର୍ଯ୍ୟ ଏବେ ସୁଦ୍ଧା ଜିଲ୍ଲାର ବହୁ ସ୍ଥାନରେ ଆରମ୍ଭ ହୋଇପାରିନାହିଁ । ଲଘୁଋପ ପ୍ରଭାବରେ ବର୍ଷା ପ୍ରବଳ ହେବାର ସମ୍ଭାବନା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ ନାଳ ସଫେଇ ବହୁ ସ୍ଥାନରେ ଆରମ୍ଭ ହୋଇପାରିଲା ନାହିଁ । ନାଳମଝିରେ ଘାସ, ଝଟା, ମଦବୋତଲ ଓ ଦୋକାନୀମାନଙ୍କ ଅଳିଆବର୍ଜନା ସବୁ ପରିପୂର୍ଣ୍ଣ ହୋଇଯାଇଥିବା ବେଳେ ନାଳ କେବେ ସଫେଇ କରାଯିବ ତାକୁ ନେଇ ଚିନ୍ତାରେ ଋଷୀ ପଡିଗଲେଣି । ଜୁନ୍ ମାସରେ ଋଷୀ ନାଳସଫେଇ ପରେ ତଳିପକା କାର୍ଯ୍ୟ ଆରମ୍ଭ କରି ବିଲରେ ହଳ ବୁଲାଇବା ଆରମ୍ଭ କରିଥାଏ । କଟକ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ବହୁ ନାଳର ସଫେଇ କାର୍ଯ୍ୟ ଶେଷ ହୋଇଯାଇଥିବା ବେଳେ ଜଗତ୍‌ସିଂହପୁର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖାଯାଉଛି । ଜଳସେଚନ ମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ନାଳସଫେଇ କାର୍ଯ୍ୟକ୍ରମରେ ଏପରି ଅବ୍ୟବସ୍ଥାକୁ ଦେଖି ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଉଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୧୦ନମ୍ବର ନାଳ, ଋଟରା- ମାଛଗାଁ ନାଳ, ସେକ୍‌ପାଟଣା-ପୁରୁଣାବସନ୍ତ ନାଳ, ନୂଆଦା-ନେଉଳିଆ ପିତାମ୍ବରପୁର ନାଳ, ବିରବରପାଟଣା-ଅରଖକୁଦ ନାଳ, ସାଁପୁର-ଗୋବିନ୍ଦାପୋଖରୀ ନାଳ ଓ ଭଗବାନପୁର ସୁସଙ୍ଗ ନାଳ ଇତ୍ୟାଦି ଗୁଡିକରେ ନାଳସଫେଇ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ସେଥିପାଇଁ ଋଷୀମାନଙ୍କ ମନରେ ଭାଳେଣୀ ପଡିଗଲାଣି । ବିଭାଗୀୟ କର୍ତ୍ତୃପକ୍ଷମାନେ କରୋନା କଟକଣା, ଲକଡାଉନ ଓ ସଟ୍‌ଡାଉନ ଇତ୍ୟାଦି ବାହାନା ଦେଖାଇ ନାଳ ସଫେଇ କରୁନଥିବା ବେଳେ ଏଥିପାଇଁ ଏକ ଋଷୀ ଆନ୍ଦୋଳନ ଡାକରା ଦିଆଯିବ ବୋଲି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରଶ୍ମିରଞ୍ଜନ ସ୍ୱାଇଁ ଦାବି ଜଣାଇଛନ୍ତି । ବହୁସ୍ଥାନରେ ନାଳସଫେଇ ପାଇଁ ପାଣିପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଥିବା ବେଳେ କେତେକ ସ୍ଥାନରେ ପାଣିପଞ୍ଚାୟତ ସଠିକ୍ ଭାବେ ନାଳସଫେଇ କରିବାରେ ସକ୍ଷମ ହୋଇପାରୁନାହିଁ । ପ୍ରବଳ ବର୍ଷା ସାଙ୍ଗକୁ ନାଳରେ ପାଣି ହୋଇଗଲେ ମେସିନ୍ ଦ୍ୱାରା ନାଳକୁ ସଫେଇ କରିବା କନିଷ୍ଠ ଯନ୍ତ୍ରୀ, ଠିକାଦାର ଓ ପାଣିପଞ୍ଚାୟତମାନଙ୍କ ମଧୁଚନ୍ଦ୍ରିକା ଆରମ୍ଭ ହେଉଥିବାର ଦେଖାଯାଉଛି । ଏହି ନାଳସଫେଇ କାର୍ଯ୍ୟକ୍ରମ ସମୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ମାନେ ସେମାନଙ୍କ ଅଫିସ୍ କାର୍ଯ୍ୟାଳୟରେ ନରହି ହୋଟେଲମାନଙ୍କୁ ଯାଇ ବିଲ୍ କରିବାରେ ବ୍ୟସ୍ତ ରୁହନ୍ତି, ଫଳରେ ଋଷୀମାନେ ଅଫିସ୍‌କୁ ଗଲେ ଋଷୀମାନେ ଦେଖିବାକୁ ପାଇନଥାନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂକ୍ରମଣ ...

ରାଜ୍ୟ ଜନସ୍ୱାର୍ଥ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ କରୋନା ସ୍ଥିତି ଧୀରେ ଧୀରେ ସୁଧୁରୁଛି । ଦୈନିକ ମାମଲା ହେଉ ବା ଚିକିତ୍ସାଧୀନ ମାମଲା ଆଶା ଅନୁଯାୟୀ ହ୍ରାସ ପାଇଚାଲିଛି । ଖୋର୍ଦ୍ଧା ଜିଲ୍ଲାକୁ ବାଦ ଦେଲେ ଅନ୍ୟ ଜିଲ୍ଲାରେ ଅଧିକ ସଂଖ୍ୟକ ମାମଲା ଆସୁନାହିଁ । ଯେଉଁ ଜିଲ୍ଲା ଗୁଡିକରେ ପଜିଟିଭ ହାର ଅଧିକ ରହୁଛି ସେଠାରେ ନମୁନା ପରୀକ୍ଷାକୁ ଜୋରଦାର କରାଯାଇଛି । ପଜିଟିଭ୍ ଚିହ୍ନଟ ହେଉଥିବା ଲୋକଙ୍କୁ ଅଲଗା କରିବା ସହିତ କଟକଣା ମାନିବାକୁ ପରାମର୍ଶ ଦିଆଯାଉଛି । ଯଦିଓ ସଂକ୍ରମଣ ହାର କମିଛି ତଥାପି ଏଯାଏ ଆଶ୍ୱସ୍ତ ହେଲା ଭଳି କୌଣସି ଖବର ନାହିଁ । ରଜ ପରେ ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି କହିଛନ୍ତି ଡାକ୍ତର ମିଶ୍ର । ଆସନ୍ତା ୧୭ ତାରିଖ ପରେ ସମୀକ୍ଷା କରାଯିବା ପରେ ହିଁ ଆଗକୁ କେଉଁ ପଦକ୍ଷେପ ଗ୍ରହଣ କରାଯିବ ତା'ର ନିଷ୍ପତ୍ତି ନିଆଯିବ । ରାଜ୍ୟରେ ସଂକ୍ରମଣ ହ୍ରାସ ଘଟିଥିଲେ ହେଁ ମୃତ୍ୟୁସଂଖ୍ୟା ପୂର୍ବଭଳି ଜାରି ରହିଛି । ଏନେଇ ଡିଏମ୍‌ଇଟି ପ୍ରଫେସର ଡାକ୍ତର ସିବିକେ ମହାନ୍ତି କହିଛନ୍ତି, ମୃତ୍ୟୁସଂଖ୍ୟା ବଢ଼ିବାର କାରଣ ପୂର୍ବରୁ ଗୁରୁତର ରୋଗୀଙ୍କ ସଂଖ୍ୟା ଅଧିକ ରହିଥିଲା । ଅଧିକ ସଂଖ୍ୟାରେ ରୋଗୀ ଆଇସିୟୁରେ ରହିଥିଲେ । ଏବେ ଦୈନିକ ସଂକ୍ରମଣ କମୁଛି ଏବଂ ଆଗକୁ ମୃତ୍ୟୁସଂଖ୍ୟା ମଧ୍ୟ କମିବ । ହେଲେ ସଂଖ୍ୟା କମୁଛି ଭାବି ଲୋକମାନେ ବେପରୁଆ ଭାବ ଦେଖାଇଲେ ଏହା ପୁଣି ବିପଦକୁ ଟାଣିନେବ । ପରିସ୍ଥିତି ଅନୁକୂଳ ହେଲେ ଅନଲକ୍ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଛନ୍ତି ଡାକ୍ତର ମହାନ୍ତି ।

### ଚୋରି କରୁଛି ...

କେଉଁଠି ରହୁଛି ତା' ନିକଟରେ ପହଞ୍ଚିବା ପାଇଁ ଯୋଜନା କରୁଛି ବୋଲି ବିଶେଷ ସୂତ୍ରରୁ ଖବର ମିଳୁଛି । ଯାହା ଜଣାପଡିଛି ଭାରତରୁ ବିଦେଶୀ ସାଇବର ଠକମାନେ ହଜାରେ କୋଟି ଲୁଟି ନେଇସାରିଲେଣି । ଆମ ରାଜ୍ୟରେ ମଧ୍ୟ ଦିନକୁ ଦିନ ସାଇବର ଠକଙ୍କ କଳାକାରନାମା ବଢ଼ି ଚାଲିଛି । କିଛି ସାଇବର ଠକ ଇ-କମର୍ସ ନାଁରେ ଲୋକଙ୍କୁ ଲୁଟି ଚାଲିଛନ୍ତି । ଓଡ଼ିଶାରେ ମଧ୍ୟ ଏହି ସାଇବର ଠକ ମାନଙ୍କ ନାଁରେ ରାଜ୍ୟର ବିଭିନ୍ନ ସାଇବର ସେଲ୍‌ରେ ୫ଶହରୁ ଊର୍ଦ୍ଧ୍ୱ ଅଭିଯୋଗ ହୋଇଥିବା ଜଣାପଡିଛି । ତେବେ ଭାରତରେ ଚାଇନିଜ୍ ଆପ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ଅଧିକ ରହିଛି । ଏକ ସର୍ଭେକ୍ଷଣ ସଂସ୍ଥାର ରିପୋର୍ଟ ଅନୁସାରେ ଡେଟିଂ ଆପ୍ ଲାମୋର, ଲିଭୁ, ଜିଟି ଲାଇଭ, ଜ୍ୟାକ ଜ୍ୟାକ୍ ଲାଇଭ, ଟାନ୍ ଟାନ୍ ଆପ ଭଳି ଚାଇନିଜ୍ ଆପ ଏଭଳି ଠକେଇ କରୁଛନ୍ତି । ଭାରତ ସରକାର ଜାତୀୟ ସୁରକ୍ଷା ଦୃଷ୍ଟିରୁ ଯଦିଓ ଏହି ଆପ ଗୁଡିକ ହଟାଇ ଦେଇଛନ୍ତି ତଥାପି ଏହି ଆପ୍ ଗୁଡିକ ଭାରତରୁ ଡାଟା ଚୋରି କରୁଛନ୍ତି । ଉଲ୍ଲେଖଥାଉ କି, ୨୦୧୯ରେ ଭାରତରେ ୧ଲକ୍ଷ ୯୪ ହଜାର ସାଇବର ଅପରାଧ ହୋଇଥିଲା ବେଳେ ୨୦୨୦ରେ ଏହା ପ୍ରାୟ ଅଢ଼େଇଗୁଣ ବଢ଼ିସାରିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ବର୍ତ୍ତମାନ କୋଭିଡ୍ ଟିକାକରଣ ଚାଲିଥିଲା ବେଳେ କୋୱିନ୍ ପୋର୍ଟାଲ, ଉମଙ୍ଗ ଓ ଆରୋଗ୍ୟ ସେତୁ ଆପ୍ ଦ୍ୱାରା ସ୍ଲଟ ବୁକିଂ ଚାଲିଛି । ଏହି ସମୟରେ ଏହାକୁ ସୁଯୋଗ ମନେ କରି ଚୀନ୍ ଓ ଦକ୍ଷିଣ କୋରିଆର ହ୍ୟାକର ଜାଲ୍ କୋୱିନ୍ ପୋର୍ଟାଲ କରି ଲୋକଙ୍କୁ ଠକୁଛନ୍ତି । ଏହି ସାଇବର ଠକ ତିଆରି କରିଥିବା ଜାଲ ଆପ ଦ୍ୱାରା ଭାରତୀୟ ଲୋକଙ୍କ ଆଧାର କାର୍ଡ ଜରିଆରେ ତାଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହେବାର ଯଥେଷ୍ଟ ଆଶଙ୍କା ରହିଛି । ତେଣୁ ଏଭଳି ଠକମାନଙ୍କୁ ଜନସାଧାରଣ ସାବଧାନ ନହେଲେ ଆମ ଦେଶର ଅନେକ ତଥ୍ୟ ଚୋରେଇ ନେବ ଚୀନ୍ ।

### ଏଥର ମଧ୍ୟ ବିନା ...

ଏଥିରେ ସାମିଲ୍ ହୋଇପାରିବେ । ଗତ ବର୍ଷ ଯେଉଁଭଳି ସର୍ବନିମ୍ନ ସେବାୟତଙ୍କୁ ନେଇ ରୀତିନୀତି ହୋଇଥିଲା, ଏଥର ବି ସେହିପରି ହେବ । ସେହିପରି ରଥ ଟାଣିବା ପାଇଁ ସେବାୟତ, ପୋଲିସ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅନୁମତିପ୍ରାପ୍ତ କର୍ମଋରୀମାନେ ନିୟୋଜିତ ହେବେ । ଯିଏ ରଥ ଟାଣିବେ, ସେମାନେ ଦୁଇ ଡୋଜ୍ ଟିକା ନେଇଥିବେ ନଚେତ୍ ୪୮ଘଣ୍ଟା ପୂର୍ବରୁ ଟେଷ୍ଟ କରିଥିବା ଆରଟିପିସିଆର୍ ନେଗେଟିଭ୍ ରିପୋର୍ଟ ଦେଖାଇବେ । ପ୍ରତି ରଥ ଟାଣିବା ପାଇଁ ସର୍ବାଧିକ ୫୦୦ଜଣ ନିୟୋଜିତ ହେବେ । ରଥ ଟାଣିବା ବେଳେ ସମସ୍ତଙ୍କ ମଧ୍ୟରେ ସାମାଜିକ ଦୂରତା ରହିବ । ରଥଯାତ୍ରା ରୀତିନୀତିରେ ସଂପୃକ୍ତ ସ୍ନାନଯାତ୍ରା, ଗୁଣ୍ଡିଋ ଯାତ୍ରା, ବାହୁଡ଼ା, ନବମୀ ଦର୍ଶନ, ସୁନାବେଶ, ଅଧରପଣା ନୀତି, ନୀଳାଦ୍ରି ବିଜେ ଇତ୍ୟାଦି କେବଳ କୋଭିଡ୍ ଗାଇଡଲାଇନ୍ ଅନୁଯାୟୀ ସେବାୟତଙ୍କ ଦ୍ୱାରା ହେବ । ଏଥର ରଥଯାତ୍ରା ସମୟରେ ବି ଗଣମାଧ୍ୟମ ସଂସ୍ଥାକୁ ବଡ଼ଦାଣ୍ଡକୁ ଛଡ଼ାଯିବନି । ରଥଯାତ୍ରାର ସବୁ ରୀତିନୀତିର ସିଧା ପ୍ରସାରଣ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ଟିଭି ଓ ୱେବ୍ ମିଡିଆକୁ କମନ୍ ଫିଡ୍ ଦେବେ । ଏହାସହ ଫଟୋ ଉଠାଯାଇ ମଧ୍ୟ ଦିଆଯିବ । ରଥଯାତ୍ରାରେ ଯେପରି ଭକ୍ତ ସାମିଲ୍ ହେବେନି, ତାହାକୁ ନିଶ୍ଚିତ କରିବା ପାଇଁ ରଥଯାତ୍ରା ସମୟରେ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିନରେ ପୁରୀର ସମସ୍ତ ପ୍ରବେଶ ପଥ ଯଥା ରେଳଷ୍ଟେସନ୍, ବସଷ୍ଟାଣ୍ଡ, ରାସ୍ତା, ନଦୀ ଏବଂ ସମୁଦ୍ର ପଥକୁ ବନ୍ଦ କରାଯିବ । ଏନେଇ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବୟ ରଥଯାତ୍ରା ରୀତିନୀତିରେ ଗୁରୁତ୍ୱପୂର୍ଣ୍ଣ ଦିନଗୁଡ଼ିକ ବାଦ୍ ଅନ୍ୟ କେଉଁ ଦିନରେ ପୁରୀ ସହରରେ କର୍ଫ୍ୟୁ ଲାଗିବ, ସେ ନିଷ୍ପତ୍ତି ଜିଲ୍ଲା ପ୍ରଶାସନ ନେବ । କର୍ଫ୍ୟୁ ଲାଗିବା ସମୟରେ କେହି ଘରୁ ବାହାରିବେନି, ହୋଟେଲ, ଲଜ୍, ଧର୍ମଶାଳା ଇତ୍ୟାଦିରୁ ବାହାରି ପାରିବେନି । କର୍ଫ୍ୟୁ ଲାଗିଲେ ବି ଆମ୍ବୁଲାନ୍ସ, ଔଷଧ ଦୋକାନ, ସ୍ୱାସ୍ଥ୍ୟ ସେବାରେ ନିୟୋଜିତ କର୍ମଋରୀ, ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ, ଟେଲି ଯୋଗାଯୋଗ ଇତ୍ୟାଦିରେ ନିୟୋଜିତ କର୍ମଋରୀ ଯାତାୟାତ କରିପାରିବେ । ଜରୁରୀକାଳୀନ କାର୍ଯ୍ୟରେ ଲୋକମାନେ ସ୍ଥାନୀୟ ପ୍ରଶାସନର ଅନୁମତି ନେଇ ପୁରୀରୁ ଏବଂ ପୁରୀକୁ ଯାତାୟାତ କରିପାରିବେ । ରଥଯାତ୍ରା ସମୟରେ ଟ୍ରେନ୍, ବସ୍, ଘରୋଇ ଗାଡ଼ି ଇତ୍ୟାଦି ପୁରୀ ସହରକୁ ଛଡ଼ା ଯିବନି । ରଥଯାତ୍ରାରେ ଯେପରି ସମସ୍ତ କୋଭିଡ କଟକଣା, ନିୟମ କଡ଼ାକଡ଼ି ପାଳନ ହେବ, ତାହା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପରିଋଳନା କମିଟି ନିଶ୍ଚିତ କରିବ । ସେହିପରି ଯିଏ ଏହି କଟକଣା ଉଲ୍ଲଂଘନ କରିବେ, ତାଙ୍କ ବିରୁଦ୍ଧରେ ବିପର୍ଯ୍ୟୟ ପରିଋଳନା ଆଇନ, ୨୦୦୫ର ଧାରା ୫୧ ଓ ୬୦ ଏବଂ କୋଭିଡ-୧୯ ନିୟମ ୨୦୨୦, ଆଇପିସି ଧାରା ୧୮୮ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଆରସିଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

### ୪ଟି ନିବେଶ ...

ପ୍ଲାଣ୍ଟ ସ୍ଥାପନକୁ ଅନୁମୋଦନ ମିଳିଛି । ଏଥିପାଇଁ ୨୫୪.୭୧ କୋଟି ଟଙ୍କା ଖର୍ଚ୍ଚ ହେବ ଓ ଏଥିରେ ୩୬ଜଣ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ସେହିପରି ସମ୍ବଲପୁରର ହୀରାକୁଦରେ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିଃ ଦ୍ୱାରା ରେଳବାଇ ସାଇଡିଂ ପ୍ଲାଣ୍ଟ, ସିଆର ମିଲ୍, ଇଲେକ୍ଟ୍ରି ଆର୍କ ଫର୍ଣ୍ଣେସ ଆଦି ପାଇଁ ୩୮୧.୬୦ କୋଟି ଟଙ୍କା ନିବେଶ କରିବ । ଏହାଦ୍ୱାରା ୧୧୫ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ସେହିପରି ସମ୍ବଲପୁରର ରେଙ୍ଗାଳି ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଭିତରେ ଶ୍ୟାମ ମେଟାଲିକ୍ ଆଣ୍ଡ ଏନର୍ଜିଂ ଦ୍ୱାରା ୫୫.୧୦ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୧୦,୮୦,୦୦୦ ସିଲିଣ୍ଡର ଉତ୍ପାଦନ କ୍ଷମତା ବିଶିଷ୍ଟ ଅକ୍ସିଜେନ୍ ସିଲିଣ୍ଡର ଉତ୍ପାଦନ ପ୍ଲାର୍ଟ ନିର୍ମାଣ କରିବ । ଏଥିପାଇଁ ୧୬୨ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ଏହି ପ୍ରକଳ୍ପକୁ ଆଜି ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି । ଏହି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜଙ୍ଗଲ ଓ ପରିବେଶ ସଚିବ ମୋନା ଶର୍ମା, ଶିଳ୍ପ ସଚିବ ହେମନ୍ତ ଶର୍ମା ଓ ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ନିତିନ ଭାନୁଦାସ ଜାୱଲେ ପ୍ରମୁଖ ଉପସ୍ଥିତ ଥିଲେ ।

### କ୍ଷତିଗ୍ରସ୍ତ ଋଷୀଙ୍କୁ ...

ରୋଗପୋକ ମାରିବା ପାଇଁ ଆବଶ୍ୟକତା ଭିତ୍ତିରେ ଇନ୍‌ପୁଟ ସବ୍‌ସିଡ୍ ଚାଷୀ ମାନଙ୍କ ଆକାଉଣ୍ଟକୁ ଦିଆଯିବ । ଉନ୍ନତମାନର କୃଷି ଯନ୍ତ୍ରପାତି କିଣିବା ପାଇଁ ପ୍ରଭାବିତ ଜିଲ୍ଲାରେ ଚାଷୀ ମାନଙ୍କୁ ୨୦ କୋଟି ଟଙ୍କାର ରିହାତି ଡିବିଟି ଜରିଆଇ ଦିଆଯିବ । ପ୍ରଭାବିତ ଅଞ୍ଚଳରେ ଚାଷୀ ମାନଙ୍କୁ ରିହାତି ଦରରେ ୨୦୦୦ ପମ୍ପସେଟ୍ ଓ ୩୦୦୦ ସ୍ପ୍ରେୟର ଯୋଗାଇ ଦିଆଯିବ । ପମ୍ପସେଟ୍ ପାଇଁ ୫୦ ପ୍ରତିଶତ ରିହାତିରେ ସର୍ବାଧିକ ୧୫,୦୦୦ ଟଙ୍କା, ପାୱାର ସ୍ପ୍ରେୟର ପାଇଁ ୫୦ ପ୍ରତିଶତ ରିହାତିରେ ସର୍ବାଧିକ ୩୮୦୦ ଟଙ୍କା ଓ ହାତରେ ଚାଲୁଥିବା ସ୍ପ୍ରେୟର ପାଇଁ ସର୍ବାଧିକ ୭୫୦ ଟଙ୍କା ରିହାତି ଦିଆଯିବ । ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ କେତେକ ସ୍ଥାନରେ ଜମିରେ ଲୁଣି ପାଣି ମାଡିଯାଇଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ତେଣୁ ଏପରି ଜମିର ପୋଷକତତ୍ତ୍ୱର ପରିଚାଳନା ଓ ମାଟିର ମାନରେ ଉନ୍ନତି ପାଇଁ (ନ୍ୟୁଟ୍ରେଣ୍ଟ ମ୍ୟାନେଜମେଣ୍ଟ ସଏଲ ଆମିଲିଓରେଣ୍ଟସ୍) ହେକ୍ଟର ପିଚ୍ଛା ୭୫୦ ଟଙ୍କା ସହାୟତା ଦିଆଯିବ । ସମୁଦାୟ ୧୦ ହଜାର ହେକ୍ଟର ଜମି ପାଇଁ ସହାୟତା ପ୍ରଦାନ କରାଯିବ । ପାନବରଜ ଚାଷ କରୁଥିବା ୧୨୫ ଜଣ ଚାଷୀଙ୍କୁ ଜଣ ପିଚ୍ଛା ୧୫,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ଡିବିଟି ଜରିଆରେ ଦିଆଯିବ । ୧୦ ହଜାର କ୍ଷତିଗ୍ରସ୍ତ ଚାଷୀଙ୍କୁ ସେମାନଙ୍କ ବାଡିରେ ପରିବା ଚାଷ ପାଇଁ ଉନ୍ନତ ମାନର ଚାରା ୧୧୫ ଟଙ୍କାରେ ଯୋଗାଇ ଦିଆଯିବ । ବାତ୍ୟାରେ କ୍ଷତିଗ୍ରସ୍ତ ୫୦ଟି ଛତୁ ଚାଷ ୟୁନିଟ୍ ୪୦,୦୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯିବ । ଏଥିରେ କ୍ଷତିଗ୍ରସ୍ତ ଚାଷୀମାନେ ସେମାନଙ୍କ ଛତୁ ଚାଷ ୟୁନିଟର ପୁନରୁଦ୍ଧାର କରିପାରିବେ । ଏହି ସହାୟତା ଚାଷୀର ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ପ୍ରଦାନ କରାଯିବ । କ୍ଷତିଗ୍ରସ୍ତ ଅଞ୍ଚଳର ଚାଷୀ ମାନଙ୍କୁ କିଟ୍ ପିଚ୍ଛା ୧୧୦ ଟଙ୍କାର ୧୦ ହଜାର ପରିବା ମିନି କିଟ୍ ମାଗଣାରେ ଯୋଗାଇ ଦିଆଯିବ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜାନାରେ ବୀମାଭୁକ୍ତ ହୋଇଥିବା କ୍ଷତିଗ୍ରସ୍ତ ଚାଷୀ ମାନଙ୍କର ଦାବୀ ଯେପରି ସମାଧାନ ହୋଇପାରିବ, ସେଥିପାଇଁ ଫସଲ କଟା ରିପୋର୍ଟ ତ୍ୱରାନ୍ୱିତ ଭାବରେ ପ୍ରସ୍ତୁତ କରିବା ପାଇଁ ପଦକ୍ଷେପ ନିଆଯିବ । କ୍ଷତିଗ୍ରସ୍ତ ଅଞ୍ଚଳର ୩୩ ପ୍ରତିଶତରୁ ଅଧିକ କ୍ଷତି ସହିଥିବା ଚାଷୀମାନଙ୍କର ସ୍ୱଳ୍ପ ମିଆଦୀ ଖରିଫ ଋଣକୁ ମଧ୍ୟମ ମିଆଦୀ ଋଣରେ ପରିଣତ କରାଯିବ । ସେହିପରି ପଶୁସଂପଦ ବିକାଶ କ୍ଷେତ୍ର ପାଇଁ ବାତ୍ୟାରେ ଦୁଧିଆଳୀ ଗାଇ, ମଇଁଷି, ଛେଳି, ମେଣ୍ଢା ଓ କୁକୁଡା ହରାଇଥିବା ଚାଷୀ ମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯିବ । ଦୁଧିଆଳୀ ଗାଇ ଓ ମଇଁଷି ପାଇଁ ୩୦,୦୦୦ ଟଙ୍କା ସହାୟତା ଘୋଷଣା କରାଯାଇଥିବା ବେଳେ, ଖୀର ଦେଉ ନଥିବା ପ୍ରାଣୀ ମାନଙ୍କ ପାଇଁ ୨୫,୦୦୦ ଟଙ୍କା ସହାୟତା (ସର୍ବାଧିକ ୩ଟି ପାଇଁ) ଦିଆଯିବ । ସେହିପରି ସର୍ବାଧିକ ୬ଟି ବାଛୁରୀ ପାଇଁ - ପ୍ରତି ବାଛୁରୀ ପାଇଁ ୧୬,୦୦୦ ଟଙ୍କା, ୩୦ଟି ଛେଳି/ମେଣ୍ଢା ପର୍ଯ୍ୟନ୍ତ ୩୦୦୦ ଟଙ୍କା ଏବଂ ପ୍ରତି କୁକୁଡା ପିଚ୍ଛା ୫୦ ଟଙ୍କା ଲେଖାଏ, ସର୍ବାଧିକ ୫୦୦୦ ଟଙ୍କା ଲେଖାଏ ପ୍ରତି କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆଯିବ । ବାତ୍ୟାରେ ଭାଙ୍ଗି ଯାଇଥିବା ଗୁହାଳର ପୁନର୍ନିର୍ମାଣ ପାଇଁ ୨୧୦୦ ଟଙ୍କା ସହାୟତା ଦିଆଯିବ । ବାତ୍ୟାରେ କ୍ଷତିଗ୍ରସ୍ତ ମତ୍ସ୍ୟ ଚାଷୀଙ୍କୁ ସେମାନଙ୍କର ଆଂଶିକ ଭାବରେ ଭାଙ୍ଗିଥିବା ଡଙ୍ଗାର ମରାମତି ପାଇଁ ୪୧୦୦ ଟଙ୍କା ଲେଖାଏ, ଆଂଶିକ ଭାବରେ କ୍ଷତିଗ୍ରସ୍ତ ମାଛଧରା ଜାଲ ମରାମତି ପାଇଁ ୨୧୦୦ ଟଙ୍କା ଲେଖାଏ, ପୁରା ଭାଙ୍ଗିଯାଇଥିବା ଡଙ୍ଗା ନିର୍ମାଣ ପାଇଁ ୯୬୦୦ ଟଙ୍କା ଲେଖାଏ ଏବଂ ପୁରା ନଷ୍ଟ ହୋଇଯାଇଥିବା ମାଛଧରା ଜାଲ କ୍ଷେତ୍ରରେ ୨୬୦୦ ଟଙ୍କା ସହାୟତା ପ୍ରଦାନ କରାଯିବ । ବାତ୍ୟାରେ ପଟୁ ମାଟି ମାଡି ଯାଇଥିବା ମାଛ ଚାଷ ଫାର୍ମ/ ମାଛ ବିହନ ଫାର୍ମର ପୁନରୁଦ୍ଧାର ପାଇଁ ହେକ୍ଟର ପିଚ୍ଛା ୧୨,୨୦୦ ଟଙ୍କା ଏବଂ କ୍ଷତିଗ୍ରସ୍ତ ମାଛ ବିହନ ଫାର୍ମ ପାଇଁ ହେକ୍ଟର ପିଚ୍ଛା ୮୨୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡ୍ ଭାବରେ ଯୋଗାଇ ଦିଆଯିବ । ବାତ୍ୟାରେ ମଧ୍ୟ ଅନେକ ହସ୍ତତନ୍ତ ଓ ହସ୍ତଶିଳ୍ପ କାରିଗର କ୍ଷତିଗ୍ରସ୍ତ ହୋଇଛନ୍ତି । ତେଣୁ କ୍ଷତିଗ୍ରସ୍ତ କାରିଗର ମାନଙ୍କୁ ସେମାନଙ୍କର ଉପକରଣ ପାଇଁ ୪୧୦୦ ଟଙ୍କା ଲେଖାଏ ଏବଂ ନଷ୍ଟ ହୋଇଥିବା କଂଚା ମାଲ ତଥା ତିଆରି ହୋଇଥିବା ଜିନିଷ ପାଇଁ ପ୍ରତି କାରିଗରଙ୍କୁ ୪୧୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ । ଏରି, ମଲବେରୀ ଓ ଟସର ଚାଷୀ ମାନଙ୍କ ପାଇଁ ଇନ୍‌ପୁଟ ସବ୍‌ସିଡ୍ ଭାବରେ ହେକ୍ଟର ପିଚ୍ଛା ୪୮୦୦ ଟଙ୍କା ଏବଂ ମୁଗା ଚାଷୀଙ୍କ ପାଇଁ ହେକ୍ଟର ପିଚ୍ଛା ୬୦୦୦ ଟଙ୍କା ଲେଖାଏ ସହାୟତା ଦିଆଯିବ । କ୍ଷତିଗ୍ରସ୍ତ ଲୋକଙ୍କୁ ରୋଜଗାର ଯୋଗାଇବା ପାଇଁ ମନରେଗା ଯୋଜନାରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ । ଏଥିରେ ଗ୍ରାମ ପଞ୍ଚାୟତ ରାସ୍ତା, ଖେଳ ପଡିଆ, କେନାଲ, ମାଟିବନ୍ଧ ଆଦିର ମରାମତି ଓ ରକ୍ଷଣାବେକ୍ଷଣ ସହିତ ଗାଇଗୁହାଳ, ଛେଳି ଗୁହାଳ ଓ ଗୋଖାଦ୍ୟ ଚାଷ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଯୋଗ୍ୟ ହିତାଧିକାରୀଙ୍କୁ ଏସ୍‌ଡିଆରଏଫ୍ / ଏନ୍‌ଡିଆରଏଫ୍ ନିୟମ ଅନୁଯାୟୀ ଗୃହ ନିର୍ମାଣ ଓ ଅନ୍ୟ ସହାୟତା ପ୍ରଦାନ କରାଯିବ ।

### ସ୍ୱାସ୍ଥ୍ୟବୀମା ...

ତେଣୁ ଯେଉଁ ମାନଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା ରହିଛି ସେମାନେ ଆଶ୍ୱସ୍ତ ଅନୁଭବ କରୁଥିଲେ । ହେଲେ ଏହି ସମୟରେ ବେଡି ଉପରେ କୋରଡା ମାଡ ଭଳି ହଠାତ୍ କିଛି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ବୀମା କମ୍ପାନୀ ମାନେ ବାର୍ଷିକ ପ୍ରିମିୟମକୁ ପ୍ରାୟ ୩୦% ରୁ ୪୦%କୁ ବୃଦ୍ଧି କରି ଲୋକଙ୍କୁ ମାସକ ଆଗରୁ ବାର୍ତ୍ତା ପଠେଇ ଦେଲେ, ଯେତେବେଳେ ଜଣେ ନା ଆଉ ଅନ୍ୟ କମ୍ପାନୀ ଯିବାକୁ ଖୋଜିବ ନା ତା ପାଖରେ ବିକଳ୍ପ ଥିବ, କେବଳ ବାପରାଣ ଢ଼ିଙ୍ଗି କୁଟ ନ୍ୟାୟରେ ବାଧ୍ୟ ହୋଇ ସଞ୍ଚିତ ପୁଞ୍ଜିକୁ ବା ଧାର ଉଧାର କରି ବୀମା କମ୍ପାନୀକୁ ଦେବେ ନଚେତ ପୁରୁଣା ବୀମାଟିକୁ ବାଧ୍ୟ ହୋଇ ଖାରଜ କରିଦେବେ । କିନ୍ତୁ ଏଠାରେ ପ୍ରଣିଧାନ ଯୋଗ୍ୟ କି ଅନେକ ଘରୋଇ ବ୍ୟାଙ୍କ ଓ ବୀମା କମ୍ପାନୀ ତୁଳନାତ୍ମକ ଭାବେ କମ ପ୍ରିମିୟମ ନେଉଛନ୍ତି, ଏବଂ ଯେଉଁ ଗ୍ରାହକ କୌଣସି କ୍ଲେମ୍ ନାହିଁ, ତାଙ୍କୁ ନୋ କ୍ଲେମ୍ ବୋନସ ବି ଦେଉଛନ୍ତି । ଯାହା ରାଷ୍ଟ୍ରାୟତ ବ୍ୟାଙ୍କ ଓ ବୀମା କମ୍ପାନୀରେ ବିରଳ ଅଟେ । ତେଣୁ ଏଠି ପ୍ରଶ୍ନବାଚୀ ସୃଷ୍ଟି ହେଉଛି ଯେ, ଏହି ଯେଉଁ ଜିଜିଆ କର ଭଳି ସ୍ୱାସ୍ଥ୍ୟବୀମାର ବାର୍ଷିକ ଅହେତୁକ ପ୍ରିମିୟମ ବୃଦ୍ଧି ହେଉଛି ଏହା କଣ ପ୍ରକୃତରେ ଜନସାଧାରଣଙ୍କ ସ୍ୱାର୍ଥରେ ନା ଆଉ କାହା ସ୍ୱାର୍ଥରେ ?

# କରୋନା କାଳରେ ବଢ଼ିଲାଣି ୨ ଲକ୍ଷରୁ ଅଧିକ ମାମଲା

**କଟକ :** କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ସାରାରାଜ୍ୟରେ ଲକ୍‌ଡାଉନ ଘୋଷଣା କରାଯାଇଥିବାବେଳେ ରାଜ୍ୟ ସାରା ଅଦାଲତି କାର୍ଯ୍ୟ ପ୍ରଭାବିତ ହୋଇଛି । ଜିଲ୍ଲା ଅଦାଲତ ସହିତ ସମସ୍ତ ନିମ୍ନ ଅଦାଲତ ଗୁଡିକରେ ଦିନ ୧୦ଟା ୩୦ରୁ ୧ଟା ୩୦ ମିନିଟ ସବୁ କାର୍ଯ୍ୟ ଦିବସରେ କୋର୍ଟ କାର୍ଯ୍ୟ ହେଉଛିୟ ଏଭଳି ବ୍ୟବସ୍ଥା ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ଗତବର୍ଷ ମାର୍ଚ୍ଚ ଶେଷ ସପ୍ତାହରୁ କରୋନା ଭୂତାଣୁ ସଂକ୍ରମଣ ଯୋଗୁଁ ଅଦାଲତି କାର୍ଯ୍ୟ ପ୍ରଭାବିତ ହୋଇଛି । ରାଜ୍ୟରେ ବିଋରାଧୀନ ମାମଲା ସଂଖ୍ୟା ବୃଦ୍ଧି ପାଇଛି । ନ୍ୟାସନାଲ ଜୁଡିସିଆଲ ଡାଟା ଗ୍ରିଡ୍ (ଏନ୍‌ଜେଡିଜେ) ୱେବସାଇଟରେ ପ୍ରକାଶିତ ତଥ୍ୟ ଅନୁସାରେ ୨୦୨୦ ଆରମ୍ଭରେ ସାରା ରାଜ୍ୟରେ ପ୍ରାୟ ୧୨ ଲକ୍ଷ ସାଢେ ୩୪ ହଜାର ମାମଲା ବିଋରାଧୀନ ଥିବାବେଳେ ଏବେ ଏପରି ମାମଲା ସଂଖ୍ୟା ୧୪ ଲକ୍ଷ ଟପିଲାଣି । ୨୦୨୦, ଡିସେମ୍ବର ୩୧ ତାରିଖ ସୁଦ୍ଧା ସାରା ରାଜ୍ୟରେ ବିଋରାଧୀନ ମାମଲା ସଂଖ୍ୟା ୧୩ ଲକ୍ଷ ୮୨ ହଜାର ୩୨୫ ରହିଥିଲା । ୨୦୨୧ ଆରମ୍ଭରେ ବିଋରାଧୀନ ମାମଲା ସଂଖ୍ୟା ୧୩ ଲକ୍ଷ ୮୨ ହଜାର ଥିବାବେଳେ ଜୁନ୍ ୮ ତାରିଖରେ ଏନ୍‌ଜେଡିଜେ ୱେବସାଇଟରୁ ମିଳିଥିବା ତଥ୍ୟ ଅନୁସାରେ ରାଜ୍ୟରେ ଏବେ ବିଭିନ୍ନ ଅଦାଲତରେ ୧୪ ଲକ୍ଷ ୩୩ ହଜାର ୮୮ଟି ମାମଲା ବିଋରାଧୀନ ରହିଛି । ଏଥିମଧ୍ୟରେ ରହିଛି ୨ ଲକ୍ଷ ୯୩ ହଜାର ୫୯୬ଟି ସିଭିଲ କେସ୍ ଓ ୧୧ ଲକ୍ଷ ୩୯ହଜାର ୪୯୨ଟି କ୍ରିମିନାଲ କେସ୍ । ରାଜ୍ୟର ତିନୋଟି ଜିଲ୍ଲାରେ ଲକ୍ଷାଧିକ ମାମଲା ବିଋରାଧୀନ ରହିଛି । ବିଋରାଧୀନ ମାମଲା ପ୍ରସଂଗରେ ସବୁଠାରୁ ଆଗରେ ରହିଥିବା ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଦାଲତରେ ୧ ଲକ୍ଷ ୫୭ ହଜାର ୯୬୧ଟି ମାମଲା ବିଋରାଧୀନ ରହିଛି । ଖୋର୍ଦ୍ଧା ତଳକୁ ରହିଥିବା କଟକ ଜିଲ୍ଲାରେ ଏବେ ୧ ଲକ୍ଷ ୩୦ ହଜାର ୮୬ଟି ମାମଲା ଓ ତୃତୀୟ ସ୍ଥାନରେ ଥିବା ବାଲେଶ୍ୱର ଜିଲ୍ଲାରେ ୧ ଲକ୍ଷ ୭ ହଜାର ୫୦୫ଟି ମାମଲା ବିଋରାଧୀନ ଅବସ୍ଥାରେ ରହିଛି । ଗଜପତି ଜିଲ୍ଲାରେ ସବୁ ଠାରୁ କମ୍ ୭ ହଜାର ୯୪୨ଟି ମାମଲା ବିଋରାଧୀନ ରହିଛି । ମାଲକାନଗିରିରେ ୮ ହଜାର ୭୭୯ଟି ମାମଲା ଓ ଦେବଗଡ଼ରେ ୯ହଜାର ୧୬୮ଟି ଓ ବିଋରାଧୀନ ରହିଛି । ସେହିଭଳି ଭାବେ ଅନୁଗୁଳରେ ୬୧୨୬୨, ବଲାଙ୍ଗୀରରେ ୪୩୦୧୦, ବରଗଡ଼ରେ ୪୧୬୯୦, ଭଦ୍ରକରେ ୮୫୫୨୦, ବୌଦ୍ଧରେ ୧୦୬୦୫, ଢେଙ୍କାନାଳରେ ୩୫୧୫୯, ଗଞ୍ଜାମରେ ୬୨୧୧୨, ଜଗତସିଂହପୁରରେ ୩୬୯୯୫, ଯାଜପୁରରେ ୫୫୭୫୮, ଝାରସୁଗୁଡାରେ ୩୫୫୧୧, କଳାହାଣ୍ଡିରେ ୩୩୬୫୩, କନ୍ଧମାଳରେ ୧୪୫୩୩, କେନ୍ଦ୍ରାପଡାରେ ୩୨୯୨୦, କେନ୍ଦୁଝରରେ ୪୬୪୪୯, କୋରାପୁଟରେ ୩୧୮୨୧, ମୟୂରଭଞ୍ଜରେ ୬୨୦୧୮, ନବରଙ୍ଗପୁରରେ ୨୨୪୯୩, ନୟାଗଡରେ ୨୦୮୪୪, ନୂଆପଡ଼ାରେ ୧୧୭୦୩, ପୁରୀରେ ୭୦୨୩୭, ରାୟଗଡାରେ ୧୭୦୩୩, ସମ୍ବଲପୁରରେ ୭୬୯୬୨, ସୋନପୁରରେ ୧୧୨୭୮, ସୁନ୍ଦରଗଡ଼ରେ ୯୨୦୮୧ଟି ମାମଲା ବିଋରାଧୀନ ରହିଛି । ଅଧିକାଂଶ ଜିଲ୍ଲାରେ ଅପରାଧିକ ମାମଲା ସଂଖ୍ୟା ଅପେକ୍ଷାକୃତ ବୃଦ୍ଧି ପାଇଥିବା ଏହି ତଥ୍ୟରୁ ସ୍ପଷ୍ଟ ହୋଇଛି ।

# ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା



**ଭଦ୍ରକ :** "ଭଙ୍ଗାଘରେ ଜୀବନ ବିତୁଛି: ଆବାସ ଯୋଜନା ସାତସପନ"ଶୀର୍ଷକ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାପରେ ଜିଲ୍ଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ବନ୍ତ ବ୍ଲକ ଉନ୍ନୟନ ଅଧିକାରିଣୀ ରେବେକା ବିଲୁଙ୍ଗଙ୍କୁ ଦେଇଥିଲେ । ପରେ ବିଡ଼ିଓ ଏହାର ତଦାରଖ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଇତିମଧ୍ୟରେ ରାଜସ୍ୱ ନିରୀକ୍ଷକ ଏହାର ତଦନ୍ତ କରିଥିବା ଜଣାପଡ଼ିଛି । ଏଠାରେ ପ୍ରକାଶ ଥାଉକି;କେନ୍ଦ୍ର ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ଗରିବ ଲୋକଙ୍କୁ ବିଭିନ୍ନ ଆବାସ ଯୋଜନା ମାଧ୍ୟମରେ ପକ୍କା ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଥିବାର ଡ଼ିଣ୍ଡିମ ପିଟୁଥିବା ବେଳେ ବନ୍ତ ବ୍ଲକ ଋରିଗାଁ ପଂଋୟତବାସୀଙ୍କ ପାଇଁ ଏହି ଯୋଜନା ସାତ ସପନ ପାଲୋଟିଛି । ନୟନା ବେହେରା, ଯମୁନା ବେହେରା, ଡ଼ଲି ବେହେରା, ଝୁନୁରାଣୀ ବେହେର, ରାଧାରାଣୀ ବେହେରା ପ୍ରମୁଖଙ୍କ ପରିବାର ଏହି ଯୋଜନାରୁ ବଂଚିତ ହୋଇଥିବା ଜଣାପଡ଼ିଛି । ଏହି ମହିଳାମାନଙ୍କର କଚ୍ଚା ଘର ବହୁ ପୁରୁଣା ହୋଇଥିବାରୁ ଓ ଆବଶ୍ୟକୀୟ ମରାମତି ହେବାରୁ ଅଦ୍ଧାଧିକ ଅଂଶ ଭାଙ୍ଗିରୁଜି ଗଲାଣି । ବାତ୍ୟା ୟାସ ଯୋଗୁଁ ମଧ୍ୟ ଏହି ଗୃହ ଗୁଡ଼ିକ ନଷ୍ଟ ହେବା ଫଳରେ ବାସୋପଯୋଗୀ ହୋଇପାରି ନାହିଁ । ନୟନାଙ୍କ ଘର ଛପର ଉଡ଼ିଯିବା ସହ କାନ୍ଥ ପଡ଼ିଯାଇଛି । ଯମୁନାଙ୍କ ଘର ସଂପୂର୍ଣ୍ଣ ଭୂଷୁଡ଼ି ପଡ଼ିଛି । ଡ଼ଲିଙ୍କ ଘର ମଧ୍ୟ ସଂପୂର୍ଣ୍ଣ ଭାଙ୍ଗିଯିବାରୁ ତାଙ୍କ ପରିବାର ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି । ଏହିପରି ଅବସ୍ଥାରେ ରହିଥିବା ପରିବାର ପାଇଁ ଏହି ଆବାସ ଯୋଜନା ସାତସପନ ପାଲଟିଛି । ଉପରୋକ୍ତ ପରିବାର ଗୁଡ଼ିକୁ ଆବାସ ଯୋଜନାରେ ସାମିଲ ପାଇଁ ପ୍ରଶାସନ ଦୃଷ୍ଟି ଗୋଚରକୁ ଆଣିଛି ଓ ଆବାସ ଗୁଡ଼ିକ ତୁରନ୍ତ କିପରି ମିଳିପାରିବ ସେଥିପାଇଁ ଚେଷ୍ଟା ଜାରୀ ରଖିଛି ବୋଲି ସ୍ଥାନୀୟ ସରପଂଚ ବନମାଳୀ ବେହେରା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି । ଅନ୍ୟପକ୍ଷରେ ପଂଋୟତ ନିର୍ବାହୀ ଅଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାଁନ୍ତି । ତୁରନ୍ତ ଯଦି ଏହି ପରିବାର ଗୁଡ଼ିକୁ ଆବାସ ଯୋଜନାରେ ସାମିଲ କରା ନଯାଏ , ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ବରିଷ୍ଠ ନାଗରୀକ ତଥା ଶିକ୍ଷାବିତ୍ ରଥ ବେହେରା କହିଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାପରେ ଜିଲ୍ଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ବନ୍ତ ବ୍ଲକ ଉନ୍ନୟନ ଅଧିକାରିଣୀ ରେବେକା ବିଲୁଙ୍ଗଙ୍କୁ ଦେଇଥିଲେ । ପରେ ବିଡ଼ିଓ ଏହାର ତଦାରଖ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଇତିମଧ୍ୟରେ ରାଜସ୍ୱ ନିରୀକ୍ଷକ ଏହାର ତଦନ୍ତ କରିଥିବା ଜଣାପଡ଼ିଛି ।

# ରାଜମିସ୍ତ୍ରୀଙ୍କ ବିୟୋଗରେ ଶୋକ



**ଜଗତ୍‌ସିଂହପୁର :** ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ସୁବାସ ଚନ୍ଦ୍ର ସ୍ୱାଇଁ (ମନିଆ ମିସ୍ତ୍ରୀ) ୬୪ବର୍ଷ ଗୁରୁବାର ବିଳମ୍ବିତ ରାତ୍ରିରେ ଜଗତ୍‌ସିଂହପୁର ଡାକ୍ତରଖାନାରେ ତାଙ୍କର ଅକାଳ ବିୟୋଗ ଘଟିଥିବାରୁ ଗାଁରେ ଶୋକର ଛାୟା ଖେଳିଯାଇଛି । ସେ କିଛି ବର୍ଷ ଧରି ହୃଦରୋଗରେ ପିଡିତ ହୋଇ ରାଜମିସ୍ତ୍ରୀ କାମ ଛାଡି ଚିକିତ୍ସିତ ହେଉଥିଲେ । ସେ ରଘୁନାଥପୁର ଅଞ୍ଚଳରେ ଅତ୍ୟନ୍ତ ପରିଚିତ ଓ ଆଦର୍ଶବାଦୀ ରାଜମିସ୍ତ୍ରୀ ଭାବେ ଜଣାଶୁଣାଥିଲେ । ମନିଆ ମିସ୍ତ୍ରୀଙ୍କ ମୃତ୍ୟୁଖବର ପାଇ ବହୁ ଅଞ୍ଚଳର ରାଜମିସ୍ତ୍ରୀମାନେ ଆସି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଗୁଆଳିପୁର ଗ୍ରାମପଞ୍ଚାୟତର ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ ତାଙ୍କ ଘରେ ପହଞ୍ଚି ହରିଶ୍ଚନ୍ଦ୍ର ସହାୟତା ଯୋଜନା ରାଶି ପ୍ରଦାନ କରିବା ସହିତ ଗଭୀର ଦୁଃଖ ପ୍ରକାଶ କରିଥିଲେ । ମନିଆ ମିସ୍ତ୍ରୀଙ୍କ ବିୟୋଗରେ ଜ୍ଞାନରଞ୍ଜନ ପଟ୍ଟନାୟକ, ବାବାଜୀ ଚରଣ ମହାରଣା, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଅଜିତ କୁମାର ମହାରଣା, ସୁନାକର ନାୟକ, ବିଚିତ୍ରାନନ୍ଦ ସ୍ୱାଇଁ, ବିଜନ ସେଠୀ, ଅତୁଲ୍ୟ କୁମାର ସ୍ୱାଇଁ, ସରୋଜ କୁମାର ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ନିବାସ ଚନ୍ଦ୍ର ଲେଙ୍କା, ଶଙ୍କର୍ଷଣ ସ୍ୱାଇଁ ଓ କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ । ଗୁଆଳିପୁର ଗ୍ରାମର ଡଗରାବର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ବଡ଼ପୁଅ ମହେନ୍ଦ୍ର କୁମାର ସ୍ୱାଇଁ ମୁଖାଗ୍ନି ଦେଇଥିବା ବେଳେ ସାନପୁଅ ଶଶିଭୂଷଣ ସ୍ୱାଇଁ (ମାଉନା) ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋବଂଶ ଓ ପରିବେଶ ସଂରକ୍ଷଣରେ ଗୋକାଷ୍ଠର ଭୂମିକା



ନଳିନୀ କୁମାର ପଣ୍ଡା

ପୂରାତନ କାଳରୁ ଭାରତବର୍ଷରେ କୃଷି ଓ ଗୋ-ପାଳନ କରାଯାଉଥିଲା, ଯାହାର ପ୍ରମାଣ ଆମ୍ଭର ଧର୍ମଗ୍ରନ୍ଥ ମାନଙ୍କରେ ଭଗବାନ ଶ୍ରୀକୃଷ୍ଣ ଏବଂ ବଳରାମ। ଯାହାଙ୍କୁ ଆମ୍ଭେ ଗୋପାଳ ଓ ହଳଧର ନାମରେ ସମ୍ବୋଧିତ କରୁ ଅର୍ଥାତ୍ କୃଷି ଓ ଗୋପାଳନ ସଂଯୁକ୍ତ ରୂପରେ ଅତ୍ୟଧିକ ଲାଭଜନକ ଥିଲା। ଏହା ପ୍ରାଣୀମାତ୍ର ଏବଂ ବାତାବରଣ ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲା। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଗୋପାଳନ ଧୀରେଧୀରେ କମ୍ ହୋଇଗଲା ଓ କୃଷିକ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର, ଚାରଣ ଭୂମିର ହ୍ରାସ, ଗୋତସ୍କରୀ, ଗୋହତ୍ୟା ଆଦି ବୃଦ୍ଧି ପାଇବା ଫଳରେ ଗୋରୁଗାଈଙ୍କ ସଂଖ୍ୟା କମିବାରେ ଲାଗିଲା। ମାତ୍ର ଆଜି ପୁଣିଥରେ ଗୋବଂଶର ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହେଲାଣି। କାରଣ ଗାଈର ଗୋବର ଏବଂ ମୂତ୍ର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷକମାନଙ୍କ ଆୟବୃଦ୍ଧି ସହିତ ପରିବେଶ ସଂରକ୍ଷଣରେ ମଧ୍ୟ ସହାୟକ ହେଉଛି। ଗାଈର ଗୋବରରୁ ବିଭିନ୍ନ ପ୍ରକାର ଉପକରଣ ଯଥା ଦୀପ, ଧୁପ, କ୍ୟାଣ୍ଡେଲ, ପେନଷ୍ଟାଣ୍ଡ ପ୍ରସ୍ତୁତ ହେଉଥିବା ବିଷୟରେ ପ୍ରାୟ ସମସ୍ତଙ୍କୁ ଜଣାଥିବ। ଏବେ ଆସନ୍ତୁଥାଣିବା କାଷ୍ଠ ବା କାଠ ବଦଳରେ ବ୍ୟବହୃତ ହୋଇ ପରିବେଶ ପ୍ରଦୂଷୋଣକୁ କମ୍ କରୁଥିବା ଗୋକାଷ୍ଠ ସମ୍ବନ୍ଧରେ।

***ଗୋକାଷ୍ଠ କଣ ?***

ଗାଈର ଶୁଖିଲା ଗୋବରକୁ ସଂଗ୍ରହ କରି ଏକ ଯନ୍ତ୍ର ବା ମେସିନ୍ ପାଖରେ ଥିବା ଏକ ଯାଗାକୁ ଅଣାଯାଏ। ଏଥିରେ କିଛି ପାଣି ମିଶାଇ ଯନ୍ତ୍ରରେ ପକାଇ ଦିଆଯାଏ ଏବଂ ଯନ୍ତ୍ରକୁ ଚାଲୁ କରିଦିଆଯାଏ। ଯନ୍ତ୍ର ଭିତରେ ଗୋବରକୁ ପକାଇବା ପରେ ଏହି ଯନ୍ତ୍ର ଗୋବରକୁ ବହୁତ ଚାପ ପ୍ରୟୋଗ କରିଥାଏ ଓ ଏକ କାଠ ଆକୃତିର ଛାଂଚଦେଇ ଗୋବର ଖଣ୍ଡ ଗୁଡ଼ିକୁ ବାହାର କରିଥାଏ। ଏହାପରେ ଏହି କାଠ ଆକୃତିର ଗୋବର ଖଣ୍ଡଗୁଡ଼ିକୁ ନେଇ ଖରାରେ ଶୁଖାଇ ଦିଆଯାଏ ଏବଂ ୪ - ୫ ଦିନ ଶୁଖିଲା ପରେ ଏହା କାଠ ଭଳିଆ ଶକ୍ତ ହୋଇଥାଏ। ମୋଟାମୋଟି ଭାବରେ କହିବାକୁ ଗଲେ ଏହି ଗୋବରରୁ ତିଆରି କାଠ ଆକୃତିର ଗୋବରଖଣ୍ଡ ଗୁଡ଼ିକୁ ଗୋକାଷ୍ଠ କୁହାଯାଏ।

***ଗୋକାଷ୍ଠର ବିଶେଷତ୍ୱ:***

ଦିନକୁ ଦିନ ଅବାଧ ଗଛକଟା ଫଳରେ ଜଙ୍ଗଲ ସମ୍ପଦର ହ୍ରାସ ଘଟି ଚାଲିଛି, କିନ୍ତୁ ସେହି ତୁଳନାରେ କାଠର ବ୍ୟବହାର କମିଯାଉ ନାହିଁ। ଆମ ଦୈନନ୍ଦିନ ଜୀବନରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ କାଠର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ। ଯେମିତି ଭାରତରେ ପାଳିତ ହେଉଥିବା ହୋଲିକା ଦହନ, ଲହଡ଼ି ଆଦି ବିଭିନ୍ନ ପର୍ବପର୍ବାଣୀ, ହୋମ, ଯଜ୍ଞରେ ହେଉ କିମ୍ବା ଜାଡ଼ଶୀତରେ ନିଜ ହାତ, ଗୋଡ଼ ଶେଖିବା ପାଇଁ ହେଉ କି ପୁଣି କାହାର ଦାହସଂସ୍କାର ଇତ୍ୟାଦି ବହୁବିଧ କାର୍ଯ୍ୟରେ କାଠର ଆବଶ୍ୟକତା ପଡିଥାଏ। କିନ୍ତୁ ଏହି କାଠ ଯଦି ଗଛ କାଟିବା ବ୍ୟତୀତ ଗାଈର ଗୋବରରୁ ପ୍ରସ୍ତୁତ କରିଦିଆଯାଏ, ତାହାଲେ ଚିନ୍ତା କରନ୍ତୁ କେତେ ଉପାଦେୟ ହେବ। ଗଛ କମ୍ କଟିବ ଏବଂ ଗାଈର ଗୋବର ଆହୁରି ଅନେକ କାର୍ଯ୍ୟରେ ଲାଗିଯିବ, ଗୋଶାଳାର ଲାଭହେବ ଏବଂ ପରିବେଶକୁ ହେଉଥିବା କ୍ଷତି କମ୍ ହୋଇଯିବ, କାଠ କିଣାରେ ହେଉଥିବା ଖର୍ଚ୍ଚ କମିଯିବ ଓ ଗୋଶାଳା ମାନଙ୍କରେ ହେଉଥିବା ଖର୍ଚ୍ଚ ମଧ୍ୟ ଭରଣା ହୋଇପାରିବ। ଏହି ଚିନ୍ତାଧାରାରେ କାର୍ଯ୍ୟ କରୁଛନ୍ତି ଭୋପାଳର ବୈଜ୍ଞାନିକ, ଗୋକାଷ୍ଠ ମ୍ୟାନ୍ ଅଫ ଇଣ୍ଡିଆ ଡାକ୍ତର ଯୋଗେନ୍ଦ୍ର ସାକସେନା। ତାଙ୍କ ମତ ଅନୁସାରେ ଯେଉଁଠାରେ ବି ଜାଳେଣି ଦରକାର ହେଉଛି ସେଠାରେ କାଠ ବଦଳରେ ଗୋକାଷ୍ଠର ଏପଯୋଗ ଆରମ୍ଭ ହୋଇଗଲାଣି । ଏହାଦ୍ୱାରା ହୋଲିକା ଦହନରେ ୪୮,୦୦୦ କ୍ୱିନ୍‌ଟାଲ କାଠ ବଂଚି ସାରିଲାଣି, ୩୬,୦୦୦ ଗଛ କଟିବାରୁ ବଂଚିଲାଣି ଏବଂ ୧୮୦ ଏକର ଜଙ୍ଗଲ ମଧ୍ୟ କଟିବାରୁ ବଂଚିଗଲାଣି।

***ଗୋକାଷ୍ଠର ଉପାଦେୟତା:***

ଗୋଶାଳା ମାନଙ୍କରେ ପାହାଡ଼ ଭଳି ଗଦା ହେଉଥିବା ଗୋବର ଖତ ହେବା ଛଡ଼ା ବିଶେଷ କିଛି କାମରେ ଆସିନଥାଏ। ମାତ୍ର ଗୋକାଷ୍ଠ ପ୍ରସ୍ତୁତି ହେବା ଦ୍ୱାରା ପ୍ରଥମେ ସେହିଭଳି ଗୋବର ଗଦା ଦେଖାଯାଏନି ଏବଂ ପ୍ରଦୂଷୋଣ କମିଯାଏ। ଦ୍ୱିତୀୟରେ ଗୋକାଷ୍ଠ ତିଆରିହୋଇ ଶଂସ୍ମାନ ଘାଟକୁ ଚାଲିଯାଏ, ଯାହା ଫଳରେ ଜଙ୍ଗଲରେ ଗଛ କଟିବା କମିଯାଏ। ତୃତୀୟରେ ଯେଉଁଯେଉଁ ଗୋଶାଳାରେ ଗୋକାଷ୍ଠ ପ୍ରସ୍ତୁତି ପାଇଁ ଏହିଭଳି ଯନ୍ତ୍ରପାତି ଲାଗିଛି, ସେଠାରେ କିଛି ଲୋକଙ୍କୁ ଜୀବନ ଜୀଇଁବା ପାଇଁ ରୋଜଗାର ମିଳିଯାଏ। ଚତୁର୍ଥରେ ଗୋଟିଏ ଗୋଟିଏ ଗାଈ ଦିନକୁ ୧୦ - ୧୫ କିଲୋ ଗୋବର ଦିଅନ୍ତି, ଯାହାକି ଗୋକାଷ୍ଠ ପ୍ରସ୍ତୁତି ପାଇଁ ଆବଶ୍ୟକ ହୋଇଥାଏ। ଏହାଦ୍ୱାରା ରାସ୍ତାରେ ବୁଲୁଥିବା ଗୋରୁଗାଈ ମାନଙ୍କୁ ଗୋଶାଳାରେ ଆଶ୍ରୟ ସହିତ ଖାଦ୍ୟପେୟ ବି ମିଳିଯାଏ।

***ପରିବେଶ ସଂରକ୍ଷଣରେ ଗୋକାଷ୍ଠ:***

ଭୋପାଳର ଏକ ଗୋକାଷ୍ଠ ପ୍ରକଳ୍ପର ତଥ୍ୟ ଅନୁସାରେ ତିନିବର୍ଷ ମଧ୍ୟରେ ପାଖାପାଖି ୯୬,୦୦୦ ଓ ୪୮,୦୦୦ କ୍ୱିନ୍‌ଟାଲ କାଠ ଯଥାକ୍ରମେ ଅନ୍ତିମ ସଂସ୍କାର ଏବଂ ହୋଲିକା ଦହନରେ ବଂଚିଯାଇଛି। ଆହୁରି ମଧ୍ୟ ବାୟୁ ପ୍ରଦୂଷୋଣ ପାଇଁ କରାଯାଇଥିବା ଏକ ପରୀକ୍ଷାରୁ ଜଣାଯାଇଛି ଯେ ନିୟନ୍ତ୍ରିତ ପରିବେଶରେ ଗୋକାଷ୍ଠକୁ ଜଳାଇଲେ୪୩.୯% ପାର୍ଟିକୁଲେଟ ମେଟର, ୫୫.୧୮% ସଲଫର ଡାଇଅକ୍ସାଇଡ୍, ୧୪.୯୬% ନାଇଟ୍ରସ୍ ଅକ୍ସାଇଡ୍ ଓ ୨୪.୮୦% କାର୍ବନ ମନୋକ୍ସାଇଡ୍ କାଷ୍ଠ ଦହନ ତୁଳନାରେ କମ୍ ହୋଇଯାଇଛି। ପ୍ରଦୂଷୋଣ କମ୍ ହେବାର କାରଣ ହେଉଛି ଗୋକାଷ୍ଠ ମଧ୍ୟରେ ପ୍ରତି ୧୦୦ ଗ୍ରାମରେ ୮.୨୯ଗ୍ରାମ ଆର୍ଦ୍ରତା ଥିବାବେଳେ କାଠରେ ପ୍ରତି ୧୦୦ ଗ୍ରାମରେ ୨୨.୭୪ଗ୍ରାମ ଆର୍ଦ୍ରତା ମହଜୁଦ ଥାଏ। କାଠରେ ଆର୍ଦ୍ରତା ବେଶି ଥିବାରୁ ଜାଳେଣିର ସମ୍ପୂର୍ଣ୍ଣ ଦହନ ହୋଇପାରେନାହିଁ ଯାହାଫଳରେ କାର୍ବନ୍ ମନୋକ୍ସାଇଡ୍‌ର ପରିମାଣ ବଢିଥାଏ। ପ୍ରତି ୧୦୦ ଗ୍ରାମ୍ ଗୋକାଷ୍ଠରେ ୮.୬୯ ଗ୍ରାମ୍ ସ୍ଥିର କାର୍ବନ ଥିଲାବେଳେ କାଠରେ ତାହା ୧୨.୯୩ ଗ୍ରାମ୍ ପ୍ରତି ୧୦୦ ଗ୍ରାମ୍ ହିସାବରେ ଥାଏ। ଏକ ତତ୍ୱାତ୍ମକ ବିଶ୍ଳେଷଣରୁ ମଧ୍ୟ ଜଣାଯାଇଛି ଯେ ପ୍ରତି ୧୦୦ ଗ୍ରାମ୍ ଗୋକାଷ୍ଠ ଦହନରେ ୨୫.୬୩ ଗ୍ରାମ୍ କାର୍ବନ୍ ନିର୍ଗତ ହେଉଥିବାବେଳେ ପ୍ରତି ୧୦୦ ଗ୍ରାମ୍ କାଠରୁ ୩୫.୨୫ ଗ୍ରାମ୍ କାର୍ବନ୍ ନିର୍ଗତ ହୋଇଥାଏ। ଗୋକାଷ୍ଠ ଦହନରୁ ୪୦ % ଅମ୍ଳଜାନ ନିର୍ଗତ ହୁଏ ଯାହାକି ପରିବେଶ ସଂରକ୍ଷଣରେ ଅତ୍ୟନ୍ତ ସହାୟକ ହୋଇଥାଏ। ଗୋକାଷ୍ଠ ଦହନ ଦ୍ୱାରା ଶତକଡ଼ା ୩୫ ଭାଗ ବାୟୁ ପ୍ରଦୂଷୋଣ କମ୍ ହୋଇଯାଇଛି।

ସବୁଠାରୁ ବଡ଼କଥା ହେଉଛି ଯେତେବେଳେ ଆମେ ଗୋକାଷ୍ଠରେ ଅନ୍ତିମ ସଂସ୍କାର କରୁ ୪ - ୫ଘଂଟାରେ ପୁରା ଶରୀର ଜଳି ଯାଉଥିବାବେଳେ କାଠ ଦ୍ୱାରା ସମ୍ପୂର୍ଣ୍ଣ ଶରୀର ଜଳିଯିବା ପାଇଁ ୮ - ୯ଘଂଟା ସମୟ ଲାଗିଥାଏ। କାଠ ଦ୍ୱାରା ଅନ୍ତିମ ସଂସ୍କାର କଲେ କେତେବେଳେ ମୁଣ୍ଡପଟୁ ତ କେତେବେଳେ ପାଦପଟୁ ଓ ଆଉ କେତେବେଳେ ମଝିରୁ ନିଆଁ ଲାଗିଥାଏ। କିନ୍ତୁ ଗୋକାଷ୍ଠ ଦ୍ୱାରା ଦାହସଂସ୍କାର କଲେ ପୂରା ଶରୀରରେ ଏକାସାଥେ ନିଆଁଲାଗେ ଓ ପୂରା ଶରୀର ଏକାଥରେ ଜଳିଥାଏ। କାରଣ ଗୋକାଷ୍ଠ ମଧ୍ୟରେ ଏକ କଣା ଥାଏ, ଯେଉଁଥିରେ ବାୟୁଚଳାଚଳ ହୋଇ ଏକସଙ୍ଗେ ସମଗ୍ର ଶରୀରରେ ନିଆଁ ଲାଗିଥାଏ। ଏକ ଅନ୍ତିମ ସଂସ୍କାର ପାଇଁ ୫,୦୦୦ - ୬,୦୦୦ ଟଙ୍କାର ୨ଟି ଗଛ ସମାପ୍ତ ହେଉଥିବାବେଳେ, କେବଳ ୨.୫ - ୩ କ୍ୱିନଟାଲ ଗୋକାଷ୍ଠ ଦରକାର ହୋଇଥାଏ ଯାହାର ମୂଲ୍ୟ ମଧ୍ୟ ମାତ୍ର ୧୬୦୦ ଟଙ୍କା। ଫଳରେ ସମୟ ଏବଂ ଅର୍ଥ ମଧ୍ୟ ବଂଚିଥାଏ। ରାଜସ୍ଥାନର ଏକ ଗୋଶାଳା ସମିତି ଦ୍ୱାରା ଏହାର ସଫଳ ପ୍ରୟୋଗ ଜୟପୁର, କଲିକତା ଓ ଜାମସେଦପୁରରେ ହୋଇସାରିଛି। ଗୋକାଷ୍ଠରେ ଅନ୍ତ୍ୟେଷ୍ଟି ପାଇଁ କଲିକତାରେ ସ୍ୱର୍ଣ୍ଣବିମାନ ନାମକ ଏକ ମେସିନ୍ ତିଆରି ହୋଇଛି। ଏହି ମେସିନରେ ପ୍ରତ୍ୟେକ ଦିନ ୧ ଶବ ସଂସ୍କାର କରି ୧ ମାସରେ ୬୦ଟି ଗଛ ଏବଂ ୧ ବର୍ଷରେ ୭୨୦ଟିରଛ ବଂଚେଇବା ଏକ ଗୋଶାଳା ସମିତିର ଉଦ୍ଦେଶ୍ୟ ରହିଛି ବୋଲି ଅଲବର, ରାଜସ୍ଥାନର ସାର୍ବଜନିକ ଗୋଶାଳାର ଅଧ୍ୟକ୍ଷ ଅଜୟ ଅଗ୍ରବାଲ ମତ ଦେଇଛନ୍ତି। ଏହା ମଧ୍ୟ ଶକ୍ତିର ଏକ ଅନ୍ୟତମ ଉତ୍ସ ଭାବରେ ପରିଗଣିତ ହୁଏ। ଗୋରୁଗାଈ ରାସ୍ତାରେ ବୁଲିବା ଦ୍ୱାରା ଯେଉଁ ଦୁର୍ଘଟଣାର ଆଶଂକା ଥାଏ, ତାହା ମଧ୍ୟ ଗୋଶାଳାର ଗୋକାଷ୍ଠ ପ୍ରସ୍ତୁତି ମାଧ୍ୟମରେ କମ୍ ହୋଇଥାଏ।

ଆଜି ଆମ ଦେଶର ଉତର ପ୍ରଦେଶ, ମଧ୍ୟ ପ୍ରଦେଶ, ଛତିଶଗଡ, ହରିୟାନା, ରାଜସ୍ଥାନ, ଝାରଖଣ୍ଡ ଆଦି ବିଭିନ୍ନ ରାଜ୍ୟର ସରକାରମାନେ ଗୋବଂଶର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ରାଜ୍ୟ ମାନଙ୍କରେ ଗୋକାଷ୍ଠର ବହୁଳ ବ୍ୟବହାର ହେଉଛି। ଏହି ସମୟରେ ଦେଶ ମଧ୍ୟ କରୋନା ମହାମାରୀ ଦେଇ ଗତି କରୁଛି ଓ ପ୍ରତ୍ୟେକ ଦିନ ହଜାର ହଜାର ଲୋକ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁ ବରଣ କରୁଛନ୍ତି, ଯେଉଁମାନଙ୍କର ଦାହସଂସ୍କାର ପାଇଁ ବିପୁଳ ପରିମାଣର କାଠର ଆବଶ୍ୟକତା ପଡୁଛି। ଏହି ସମୟରେ ସରକାର କାଠ ବଦଳରେ ଗୋକାଷ୍ଠକୁ ପ୍ରାଧାନ୍ୟ ଦେଲେ ଅନେକ ଜଙ୍ଗଲ କ୍ଷୟ ହେବାରୁ ବଂଚିବା ସହିତ ପରିବେଶର ମଧ୍ୟ ସଂରକ୍ଷଣ ହୋଇପାରିବ। ଏହା ସହିତ ଲୋକମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ଗୋକାଷ୍ଠ ପ୍ରସ୍ତୁତିକୁ ଏକ ପ୍ରମୁଖ ମାଧ୍ୟମ ଭାବରେ ପ୍ରଚାର ପ୍ରସାର କଲେ ଭାରତ ଭଳିଆ କୃଷି ପ୍ରଧାନ ଦେଶର ଲୋକ ମାନଙ୍କର ଆୟ ବୃଦ୍ଧିହେବା ସହିତ ଗୋବଂଶର ମଧ୍ୟ ସଂରକ୍ଷଣ ହୋଇପାରିବ। ଉତରପ୍ରଦେଶର ଉନ୍ନାଓ ଜିଲ୍ଲାର ରମାକାନ୍ତ ଦୁବେ ନାମକ ଜଣେ କୃଷକ ଓ ପରିବେଶବିତଙ୍କ ଅନୁସାରେ ତାଙ୍କ ଫେକ୍ଟ୍ରିରୁ ଦିନକୁ ପାଖାପାଖି ୨୦୦ କିଲୋଗ୍ରାମ୍ ଗୋକାଷ୍ଠ ନିର୍ମିତ ହେଉଛି ଯାହାର ଆନୁମାନିକ ମୂଲ୍ୟ ୧,୦୦୦ ଟଙ୍କା। ଏହି ଫେକ୍ଟ୍ରି ପ୍ରତିଷ୍ଠା କରିବା ପାଇଁ ପ୍ରାୟ ୭୫,୦୦୦ ରୁ ୧ ଲକ୍ଷ ଟଙ୍କା ଦରକାର ହୁଏ।ଆମ ଓଡ଼ିଶା ସରକାର ମଧ୍ୟ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ଆମ ରାଜ୍ୟର ଅନେକ କୃଷକ ଲାଭାନ୍ୱିତ ହୋଇପାରିବେ।

*ବନ ଗବେଷକ, ସ୍ନାତକତର, ଓ.ୟୁ.ଏ.ଟି.*
*ଦୂରଭାଷ : ୮୦୧୮୧୮୮୧୨୮*



# ଶ୍ରୀକ୍ଷେତ୍ରର ପୁରୁଷୋତ୍ତମ ଓ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁ ଅନୁକୂଳଚନ୍ଦ୍ର



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସର୍ବେନ୍ଦ୍ରିୟ ଗୁଣାଭାସଂ ସର୍ବେନ୍ଦ୍ରିୟ ବିବର୍ଜିତମ୍ ଏହାର Artistic expression ଦେଖିବାକୁ ମିଳେ ଜଗନ୍ନାଥଙ୍କ ମୂର୍ତ୍ତିରେ। ଉପନିଷଦର ଯିଏ ବ୍ରହ୍ମ ଅପାଣି ପାଦୋ ଜବନୋ ଗ୍ରହୀତା ପଶ୍ୟତଚକ୍ଷୁଃ ଶୃତଶ୍ୟତ୍ୟକର୍ଣ୍ଣଃ ତାଦୃଶ୍ୟ ଦାରୁବିଗ୍ରହରେ ଫୁଟିଉଠିଛି। Symbolic Art ଏହାର ଆଶ୍ଚର୍ଯ୍ୟ ନିଦର୍ଶନ। ବ୍ରହ୍ମ କଣ ତାହା ମୁଖରେ କୁହାଯାଇପାରେନା। ତାଙ୍କୁ ଆଗେ ଏକାଧାରରେ ସଗୁଣ ଓ ନିର୍ଗୁଣ କହିଥାଉ। ଏହା ବ୍ୟତୀତ ଆହୁରି ମଧ୍ୟ ସେ ପୁରୁଷୋତ୍ତମ। ଅକ୍ଷର ବ୍ରହ୍ମ ଉପରେ ଆମ୍ଭେମାନେ ଯେଉଁ ଜଗତରେ ଅଛୁ ତାକୁ କୁହାଯାଏ କ୍ଷର ଜଗତ। କ୍ଷର କ'ଣ ନା ସର୍ବଭୂତ The phenomenal existenceକୁ ଛାଡ଼ି ଯିବାକୁ ହେବ। ବିଷୟତୃଷ୍ଣା ତ୍ୟାଗ ପ୍ରଥମେ ବିଷୟତୃର୍ଷ୍ଣା ଉପରେ ଶୋଷତୃର୍ଷ୍ଣାକୁ ଛାଡ଼ିବାକୁ ହେବ। ଏହାପରେ ଏକ ମହାଶୂନ୍ୟତା ବ୍ୟତୀତ କିଛି ନାହିଁ। ଶଙ୍କରଙ୍କ ମତରେ ନବନ୍ଧୋନ ନଯେକ୍ଷଃ ଭାବ, ବୌଦ୍ଧ ମତରେ ନିର୍ବାଣ ଶଙ୍କରଙ୍କ ଭାଷାରେ ଅକ୍ଷର ସମାପିତ। ଭାଗବତ ଭାଷାରେ ସେ ହେଉଛନ୍ତି ଆତ୍ମାରାମ ନିଗ୍ରନ୍ଥ ମୁନୀ। ଏହି ମହାଶୂନ୍ୟତାର ମଧ୍ୟରେ ତାଙ୍କର ଇଛାରେ ହିରଣ୍ମୟ ପୁରୁଷଙ୍କର ଆବିର୍ଭାବ। ଯେପରି ଭୋରରେ ଆକାଶରେ ସୂର୍ଯ୍ୟ ଉଠେ। ସୂର୍ଯ୍ୟ ଉଠିଲେ ଆକାଶ ଥାଏ। ଆକାଶରେ ସୂର୍ଯ୍ୟ ଆକାଶର ହିଁ ସୂର୍ଯ୍ୟ। ଏହି ସୂର୍ଯ୍ୟ ହିଁ ପୁରୁଷୋତ୍ତମ। ସେ ଆକାଶ ଓ ଆଲୋକ ଦୁଇ ଅଟନ୍ତି। ଯେଉଁ ସୂର୍ଯ୍ୟଙ୍କର ଉଦୟାସ୍ତ ହୁଏ, ତାଙ୍କ କଥାନୁହେଁ ଶୃତି କହିଛନ୍ତି ଉଦୟାନ୍ତହୀନ ସୂର୍ଯ୍ୟଙ୍କ ବିଷୟରେ। ସେ ସୂର୍ଯ୍ୟ ଭୂତାକାଶ ନୁହନ୍ତି ମହାକାଶରେ। ମହାକାଶ ଅକ୍ଷରବ୍ରହ୍ମ। ତାହା ନିତ୍ୟ ସୂର୍ଯ୍ୟ ସମ୍ପନ୍ନ। ଆକାଶ ଓ ସୂର୍ଯ୍ୟ ଦୁଇ ମିଶି ପୁରୁଷୋତ୍ତମ। ପରମାତ୍ମା ଈଶ୍ୱର ତ୍ରିଲୋକର ଉର୍ଦ୍ଧ ଏବଂ ତହିଁରେ ଆବିଷ୍ଟ। ତେଣୁ ଅକ୍ଷରାନୁଭବକୁ ଭିତ୍ତିକରି ପୁରୁଷୋତ୍ତମଙ୍କର ଅନୁଭବ ହୋଇଥାଏ। ଏହା deeper realisation । ମହାପ୍ରଭୁ ଗୌରାଙ୍ଗ ଦେବ ପ୍ରଥମେ ସନ୍ନ୍ୟାସ ଗ୍ରହଣ କରି ତାପରେ ପୁରୁଷୋତ୍ତମଙ୍କ ପ୍ରେମରେ ମଜ୍ଜି ହଜି ଯାଇଥିଲେ। ଉପନିଷଦର ଅନୁଭବର ସାର ସର୍ବଂ ଖଲ୍ଲିଦଂ ବ୍ରହ୍ମ, ଭଗବତ ଧର୍ମର ସାର ବାସୁଦେବଃ ସର୍ବମ୍। ଏହା ଅଦୈତୋ ଉପଲଦ୍ଧିର ବିଷୟ। ଏକମାତ୍ର ସେ ଅଛନ୍ତି ଜଗତନାହିଁ। ଜଗତକୁ ଖସି ଆସିଲେ ବେଶ୍ ତାଙ୍କରି ମଧ୍ୟରେ ଏ ସବୁ ଜଗତ। ତାଙ୍କରି ରୂପରେ ଦେଖ। ଭାଗବତରେ ଏକାଧାରରେ ପ୍ରେମ, ଆନନ୍ଦ ଆସ୍ୱାଦନ କରିବାର ମିଳିତ ଧାରା। ଗୀତାରେ ଭଗବାନଙ୍କୁ ତୁମେ ଅର୍ଜୁନ ହୋଇ ପୁରୁଷ ରୂପରେ ପାଅ। ଭାଗବତରେ ନାରୀ ହୋଇପାଅ ବୃନ୍ଦାବତୀ। ଗୀତାରେ ଜ୍ଞାନ, ଭାଗବତର ପ୍ରେମ ଯେତେବେଳେ ଏହି ଦୁଇଟି ଭାବ ମିଳିତ ଭାବରେ ତୁମ ମଧ୍ୟରେ ଫୁଟି ଉଠିବ ସେତେବେଳେ ପାଇବ ପୁରୁଷୋତ୍ତମଙ୍କୁ , ପୁରୁଷୋତ୍ତମଙ୍କୁ ଚିହ୍ନିପାରିବ। ଜୟ ଜଗନ୍ନାଥ।



ଭଗବାନ ଶ୍ରୀକୃଷ୍ଣ ପୁରୀ ନୀଳାଚଳ ଧାମରେ ଶ୍ରୀ ଜଗନ୍ନାଥ ରୂପେ ପ୍ରକଟ। ସାଙ୍ଗରେ ଅଛନ୍ତି ଶ୍ରୀବଳରାମ ଓ ମା'ସୁଭଦ୍ରା। ଶ୍ରୀଜଗନ୍ନାଥଙ୍କର ହାତ ନାହିଁ। ଏହି ତାତ୍ପର୍ଯ୍ୟରେ ଶ୍ରୀ ଶ୍ରୀ ଠାକୁର କହିଲେ - ଶ୍ରୀଜଗନ୍ନାଥଙ୍କର ହାତ ନାହିଁ ମାନେ ସେ କାହାକୁ ଧରନ୍ତି ନାହିଁ। ତାଙ୍କୁ ଧରିବାକୁ ହୁଏ। ତାଙ୍କୁ ଧରିଲେ, ତାଙ୍କର ଆଦେଶ ପାଳନ କରି ଚାଲିଲେ, ମନୁଷ୍ୟ ତ୍ରିତାପଜ୍ୱାଳାକୁ ଏଡ଼ାଇବାକୁ ସକ୍ଷମ ହୁଏ। କୃପାମାନେ କରି ପାଇବା। ଶ୍ରୀ ଶ୍ରୀ ଠାକୁର କହିଲେ - ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ ଅର୍ଥ ଧରିବା ଓ କରିବାର ଦାୟିତ୍ୱ ଭକ୍ତ ମାନଙ୍କର, ପ୍ରଭୁଙ୍କର ନୁହେଁ। ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି। ଭକ୍ତମାନେ କୁହନ୍ତି - ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ। ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ। ବିପଦରୁ ଉଦ୍ଧାର ହୁଏ। ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି - ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ। ଅହେତୁକୀ କୃପା ବୋଲି କିଛି ନାହିଁ। କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି। ଏହା ତୁମେ ବୁଝି ପାର ବା ନପାର। ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି। ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା। ଶ୍ରୀ ଜଗନ୍ନାଥଙ୍କର ପାଖରେ ଅଛନ୍ତି ଶ୍ରୀ ବଳରାମ, ସେ ଶ୍ରୀକୃଷ୍ଣଙ୍କର ଜ୍ୟେଷ୍ଠ ଭ୍ରାତା, ମହାପରାକ୍ରମୀ, ବଳଶାଳୀ, ଯୁଦ୍ଧବିଦ୍ୟାରେ ପାରଦର୍ଶୀ। କିନ୍ତୁ ସାଧାରଣରେ ଶ୍ରୀବଳରାମଙ୍କର ଚିତ୍ରରେ ଦେଖାଯାଏ ତାଙ୍କର କାନ୍ଧରେ ହଳ (ଲଙ୍ଗଳ) ରହିଛି। ଶ୍ରୀ ଶ୍ରୀ ଠାକୁର କହିଲେ - ଶ୍ରୀବଳରାମ ଥିଲେ ଜଣେ ବଡ଼ କୃଷିବିଜ୍ଞାନୀ, କୃଷିକାର୍ଯ୍ୟ ସମ୍ବନ୍ଧରେ ତତ୍କାଳୀନ ଜଣେ ଅଭିଜ୍ଞ ବ୍ୟକ୍ତି। ତେଣୁ ଏହି ବିଶେଷ ଗୁଣର ପ୍ରତୀକ ହିସାବରେ ଶ୍ରୀବଳରାମଙ୍କର ସ୍କନ୍ଧରେ ଆମେ ହଳ ଦେଖିବାକୁ ପାଉ। ଇତି - ଧର୍ମସ୍ୟ ତଥ୍ୟ ନିହିତଃ ଗୁହାୟାଂ, ମହାଜନଯେନ ଗତଃ ସ ପନ୍ଥା। ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ପ୍ରସଙ୍ଗରେ ଭକ୍ତ ମାନଙ୍କ ସମ୍ମୁଖରେ



କହିଥିଲେ - ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ। ଏହି ତାତ୍ପର୍ଯ୍ୟରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଶ୍ରୀଜଗନ୍ନାଥଙ୍କର ହାତ ନାହିଁ, ଅର୍ଥାତ୍ ସେ କାହାକୁ ଧରନ୍ତି ନାହିଁ। ତାଙ୍କୁ ଧରିବାକୁ ହୁଏ। ତାଙ୍କୁ ଧରିଲେ, ତାଙ୍କର ଆଦେଶ ପାଳନ କରିଚାଲିଲେ ମନୁଷ୍ୟ ତ୍ରିତାପଜ୍ୱାଳାକୁ ଏଡ଼ାଇବାକୁ ସକ୍ଷମ ହୁଏ। କୃପାମାନେ କରି ପାଇବା। ଶ୍ରୀ ଶ୍ରୀ ଠାକୁର କହିଲେ - ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ ଅର୍ଥ ଧରିବା ଓ କରିବାର ଦାୟିତ୍ୱ ଭକ୍ତ ମାନଙ୍କର, ପ୍ରଭୁଙ୍କର ନୁହେଁ। ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟର୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧାତ୍ମିକ ଚେତନା ଭିତରେ ସ୍ୱୀକୃତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ। ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ। ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ।

*ସହ-ପ୍ରତିରଦ୍ଧିକ ଓ ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*



# ସେଲ୍‌ର ସମସ୍ତ ହସ୍ପିଟାଲରେ ଏକ୍‌ମୋ ମେସିନ୍ ବ୍ୟବସ୍ଥା କରିବାକୁ ଧର୍ମେନ୍ଦ୍ରଙ୍କ ନିର୍ଦ୍ଦେଶ



**ନୂଆଦିଲ୍ଲୀ/ଭୁବନେଶ୍ୱର :** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଭିଡ଼ିଓ କନଫରେନ୍ସିଂ ଜରିଆରେ ଛତିଶଗଡ଼ରେ ସେଲର ଭିଲାଇ ଇସ୍ପାତ୍ କାରଖାନା ପରିସରରେ ଅକ୍ସିଜେନ୍ ସଂଯୁକ୍ତ ୧୧୪ ବେଡ୍ ବିଶିଷ୍ଟ ଜୁମ୍ବୋ କୋଭିଡ୍ କେୟାର ସେଂଟରର ଲୋକାର୍ପଣ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସେଲ୍ ଦ୍ୱାରା ପରିଚାଳିତ ରାଉରକେଲା ସମେତ ସମସ୍ତ ହସ୍ପିଟାଲ ଗୁଡିକରେ ଏକ୍‌ମୋ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଲୋକାର୍ପିତ ଏହି କୋଭିଡ୍ ହସ୍ପିଟାଲରେ ଆଗାମୀ ଦିନରେ ଦୁଇଟି ପର୍ଯ୍ୟାୟରେ ଅକ୍ସିଜେନ୍ ସଂଯୁକ୍ତ ବେଡ୍ ସଂଖ୍ୟା ୫୦୦କୁ ବଢ଼ାଯିବାର ଯୋଜନା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତମାନର କୋଭିଡ୍ ମହାମାରୀର ସଂକଟ ସମୟରେ ଦେଶର ଇସ୍ପାତ୍ ପ୍ଲାଂଟ୍ ନିକଟରେ କୋଭିଡ୍ ହସ୍ପିଟାଲ ନିର୍ମାଣ କରିବା ପାଇଁ ଆହ୍ୱାନ କରିଛନ୍ତି । କୋଭିଡ୍-୧୯ ମୁକାବିଲାରେ ଭାରତକୁ ମଜବୁତ୍ କରିବା ପାଇଁ 'ଯେଉଁଠି ସମସ୍ୟା, ସେଇଠି ଚିକିତ୍ସା', ଏଭଳି ପରିକଳ୍ପନା ପ୍ରଧାନମନ୍ତ୍ରୀ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଛତିଶଗଡ଼ ଭିଲାଇ ଇସ୍ପାତ୍ କାରଖାନା ନିକଟରେ ଆରମ୍ଭ ହୋଇଥିବା ଏହି ଅତିରିକ୍ତ ମେଡ଼ିକାଲ ସୁବିଧା କୋଭିଡ୍-୧୯ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବାରେ ସହାୟକ ହେବ । ଏହି ଅବସରରେ ଶ୍ରୀ ପ୍ରଧାନ ଛତିଶଗଡର ଲୋକପ୍ରତିନିଧିଙ୍କ ଅନୁରୋଧକୁ ରଖି ଭିଲାଇରେ ୫୦ଟି ଆଇସିୟୁ ବେଡର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଦେଶରେ ଇସ୍ପାତ୍ କାରଖାନାମାନେ ଇସ୍ପାତ୍ ଉତ୍ପାଦନ କମ୍ କରି ଅକ୍ସିଜେନ୍ ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ମେଡ଼ିକାଲ ପର୍ଯ୍ୟନ୍ତ ଅକ୍ସିଜେନ୍ ପହଁଚାଇ ଉଦାହରଣ ତିଆରି କରିଛନ୍ତି । ଦେଶକୁ ଅକ୍ସିଜେନ୍ ଯୋଗାଇବା ଦିଗରେ ଭିଲାଇ ଇସ୍ପାତ୍ କାରଖାନାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଶା ହେଉ କିମ୍ବା ଛତିଶଗଡ଼ ଏ ଦୁଇଟି ରାଜ୍ୟରେ ଥିବା ସବୁ ଇସ୍ପାତ୍ କାରଖାନାମାନେ କୋଭିଡ୍-୧୯ ସମୟରେ ନିଜର ଦାୟିତ୍ୱକୁ ପାଳନ କରିଛନ୍ତି । ଭିଲାଇ ଇସ୍ପାତ୍ କାରଖାନା ଚଳିତବର୍ଷ ଏପ୍ରିଲ ଏବଂ ମେ ମାସରେ ୨୦ ହଜାର ଲିକ୍ୟୁଇଡ୍ ମେଡ଼ିକାଲ ଅକ୍ସିଜେନ୍ ଉତ୍ପାଦନ କରିଛି । ସମସ୍ତଙ୍କ ସହଯୋଗରେ ଲୋକଙ୍କୁ ଅକ୍ସିଜେନ୍ ଯୋଗାଯାଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ସମସ୍ତଙ୍କୁ ମାଗଣାରେ ଟିକା ଦେବାକୁ ଘୋଷଣା କରିଥିବା ବେଳେ ଏହି ଟିକାକରଣକୁ ତ୍ୱରାନ୍ୱିତ କରିବା ପାଇଁ ଛତିଶଗଡ ସରକାରଙ୍କ ସହ କର୍ପୋରେଟ୍ ଅନୁଷ୍ଠାନ ଗୁଡିକ ମିଳିତ ଭାବେ କାମ କରିବାକୁ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଦେଶର କର୍ପୋରେଟ୍ ଅନୁଷ୍ଠାନ ଯଥା ତୈଳ ପିଏସୟୁ ଏବଂ ଇସ୍ପାତ୍ ମନ୍ତ୍ରଣାଳୟର କର୍ପୋରେଟ୍ ଅନୁଷ୍ଠାନ ଗୁଡିକ ନିଜର ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଟିକା ଲଗାଉଛନ୍ତି । ସେହିପରି ଛତିଶଗଡରେ ସେଲ୍ ଭଳି ଅନ୍ୟାନ୍ୟ କର୍ପୋରେଟ୍ ଅନୁଷ୍ଠାନ ଗୁଡିକ ମଧ୍ୟ ଛତିଶଗଡରେ କମରୁ କମ୍ ସମୟ ମଧ୍ୟରେ ଟିକାକରଣକୁ ବଢାଇବା ପାଇଁ ଛତିଶଗଡ ସରକାରଙ୍କ ସହ ମିଶି କରି କାମ କରନ୍ତୁ । ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ କେନ୍ଦ୍ର ଇସ୍ପାତ୍ ରାଷ୍ଟ୍ର ମନ୍ତ୍ରୀ ଫଗନ ସିଂହ କୁଲସ୍ତେ, ଛତିଶଗଡ଼ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଟି.ଏସ.ସିଂହ ଦେବ, ଛତିଶଗଡ଼ ଲୋକ ନିର୍ମାଣ ବିଭାଗ ମନ୍ତ୍ରୀ ତାମ୍ରଧ୍ୱଜ ସାହୁ, ସେଲ୍ ଅଧକ୍ଷା ସୋମା ମଣ୍ଡଳ ଭିସି ଜରିଆରେ ଉପସ୍ଥିତ ଥିଲେ ।

# ୨୦୩୫ ୱାର୍ଡରେ ହେବ ବର୍ଷା ଜଳ ଅମଳ ବ୍ୟବସ୍ଥା




**ଭୁବନେଶ୍ୱର :** ରାଜ୍ୟର ଅଧିକାଂଶ ଅଞ୍ଚଳରେ ଭୂତଳ ଜଳସ୍ତର କମିଯାଉଥିବାରୁ ବର୍ଷା ଜଳ ସଂରକ୍ଷଣ/ଅମଳ ବ୍ୟବସ୍ଥାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ଯେପରି ସହରାଞ୍ଚଳରେ ଭୂତଳ ଜଳସ୍ତର କମିବନି ଏବଂ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବନି ତାହାକୁ ନଜରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୧୪ଟି ପୌରାଞ୍ଚଳରେ ୨୦୩୫ଟି ୱାର୍ଡରେ ୧୮ହଜାର ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ୧୨୯୯୬ଟି ପ୍ରକଳ୍ପ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବାବେଳେ ଏଥିପାଇଁ ୭୦କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ହୋଇଛି । ନଗର ଉନ୍ନୟନ ବିଭାଗ ପକ୍ଷରୁ ଏନ୍ଏସି ସ୍ତରରୁ ଆରମ୍ଭ କରି ମହାନଗର ନିଗମ ପର୍ଯ୍ୟନ୍ତ ସବୁ ସ୍ତରରେ ଏହି ବର୍ଷା ଜଳ ଅମଳ ବ୍ୟବସ୍ଥା କରାଯାଉଛି । ପ୍ରତି ଏନ୍ଏସିରେ ପ୍ରତି ୱାର୍ଡରେ ୫ଟି, ମ୍ୟୁନିସପାଲଟିରେ ୧୦ଟି, ମହାନଗର ନିଗମରେ ପ୍ରତି ୱାର୍ଡରେ ୨୦ଟି ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା କରାଯାଉଛି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୪ହଜାର ପ୍ରକଳ୍ପ ସରିଥିବାବେଳେ ବାକି ପ୍ରକଳ୍ପଗୁଡ଼ିକୁ ତୁରନ୍ତ ଶେଷ କରିବା ପାଇଁ କାର୍ଯ୍ୟାଦେଶ ଦେବାକୁ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥିଭାଥନନ୍ ସମସ୍ତ ପୌରସଂସ୍ଥା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏବେ ସୁଦ୍ଧା ୧୩୦୬୦ଟି ସ୍ଥାନ ଚିହ୍ନଟ ହୋଇଥିବାବେଳେ ୧୨୯୯୬ଟି ପାଇଁ ଯୋଜନା ଓ ଖର୍ଚ୍ଚ ଆକଳନ ସରି କାମ ଚାଲିଛି । ଏଥିରୁ ୧୧୬୬୦ଟି କାମ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ୬୬୭୬ଟି ମିସନ୍ ଶକ୍ତି ଗ୍ରୁପ୍ ଏବଂ ଏସ୍ଡବ୍ଲ୍ୟୁଏ ଗ୍ରୁପଙ୍କୁ ସହରୀ ବେତନ ନିଯୁକ୍ତି ପଦକ୍ଷେପରେ କାର୍ଯ୍ୟାଦେଶ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୧୦୧୫୨ଟିର କାମ ଆରମ୍ଭ ହୋଇଯାଇଥିବାବେଳେ ୪୧୯୬ଟିର କାମ ସରିଛି ।

# ପାଣି ନିଷ୍କାସନ ହେଉନି;୫୦ ହେକ୍ଟର ମୁଗଚାଷ ନଷ୍ଟ

## କ୍ଷେତ୍ର ପରିଦର୍ଶନ କଲେ ବିଭାଗୀୟ ଅଧିକାରୀ



**ଭଦ୍ରକ :** ଆଗରପଡ଼ା ସ୍ଥିତ ନିର୍ମଳପୁର , ରଇଁତିରା ଓ ଧାନଘର ଗ୍ରାମର କିଛି ଚାଷୀଙ୍କର ମିଳିତ ଉଦ୍ୟମରେ ୫୦ ହେକ୍ଟର ଜମିରେ ମୁଗ ଚାଷ କରାଯାଇଥିଲା । ମାତ୍ର ବାତ୍ୟା ୟାସ ପ୍ରଭାବରେ ପ୍ରବଳ ବର୍ଷ ହେବା ଫଳରେ ଏହି ଜମିରୁ ପାଣି ନିଷ୍କାସନ ହୋଇ ପାରି ନ ଥିଲା । ଯଦ୍ୱାରା ଏହି ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଥିବାର ଚାଷୀମାନେ ପ୍ରକାଶ କରିଛନ୍ତି । ଚାଷୀମାନେ ଧାର ଉଧାର କରିଏହି ଚାଷ ଆରମ୍ଭ କରିଥିଲେ । ମାତ୍ର ଲାଭ ପାଇବା ଦୂରେ ଥାଉ, ମୂଳ ମଧ ବୁଡ଼ିଯାଇଛି । ତେଣୁ ଏହି ଚାଷୀମାନେ ଚିନ୍ତିତ ଅବସ୍ଥାରେ ରହିଛନ୍ତି । ସୂଚନା ଯୋଗ୍ୟ; ଚଳିତ ରବିଋତୁରେ ସ୍ଥାନୀୟ କୃଷି ଅଧିକାରୀ, ସରପଂଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ରହି ମୁଗଚାଷ ସମ୍ବନ୍ଧୀୟ ଏକ ଡ଼େମୋ ପ୍ରଦର୍ଶନ କରି ଏହାର ସୁବିଧା, ଲାଭ ଆଦି ସଂପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ । ଏଥିରେ ଉତ୍ସାହିତ ହୋଇ ଚାଷୀମାନେ ଏହି ଚାଷ କରିବାକୁ ମନ ବଳାଇଥିଲେ । ଚାଷ ଆରମ୍ଭରୁ ମଧ ବିଭାଗୀୟ ଅଧିକାରୀମାନେ ଚାଷୀମାନଙ୍କୁ ସହଯୋଗ ଠିକ୍ ଭାବେ କରି ନଥିଲେ । ବିଭାଗ ପକ୍ଷରୁ ପ୍ରଦତ୍ତ ଔଷଧରେ ଘାସ ମରି ନଥିଲା , ଯଦ୍ୱାରା ମୁଗ ଗଛରେ ପତ୍ରକଣା ହେବା ସହ ପୋକ ଲାଗିଥିଲା । ମୁଗ ଗଜା ହେବା ଦିନ ଠାରୁ ୭୫ ଦିନ ମଧରେ ଅମଳକ୍ଷମ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିବା ସ୍ଥଳେ ଏହି ସମୟରେ ଛୁଇଁ ଆସିଥିଲା । ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ପରେ ୟାସ ସଂପୂର୍ଣ୍ଣ ଚାଷକୁ ଉଜାଡ଼ି ଦେଇଥିବାରୁ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇଛନ୍ତି । ଏହି ସୂଚନା ମିଳିବା ପରେ ଶୁକ୍ରବାର କୃଷି ବିଭାଗ ଧାମନଗର ଏଡ଼ିଓ ରମେଶ ଚନ୍ଦ୍ର ରାୟ, ଧାମନଗର ଏଏଓ ରାଧାମୋହନ ମହନ୍ତ, ସିଡ଼ିଏଓ ଡ଼ିପିଡ଼ି ସରୋଜ ଗିରି, ଆଗରପଡ଼ା ଏଏଓ ତୁଷାରକାନ୍ତ ପତି ଏବଂ ପୁରୁଷର୍ଣ୍ଣ ଭିଏଡ଼ବ୍ଲ୍ୟୁ ରାମଚନ୍ଦ୍ର ମୁର୍ମୁ ପ୍ରମୁଖ ଘଟଣା ସ୍ଥଳକୁ ଆସି କ୍ଷେତ୍ର ପରିଦର୍ଶନ କରିବା ସହ କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡ଼ିଛି ।

# ପଶ୍ଚିମ ଓଡ଼ିଶା ପାଇଁ ମୁଖ୍ୟମନ୍ତ୍ରୀଙ୍କ ୨୫ କୋଟି



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍‌ଲାରେ କୋଭିଡ୍ ପରିଚାଳନା ପାଇଁ ଆହୁରି ୨୫ କୋଟି ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ଗତ ମାସରେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲା ପାଇଁ ୨୫ କୋଟି ଟଙ୍କାର ସହାୟତା ଘୋଷଣା କରାଯାଇଥିଲା । ଏହି ସହାୟତା ରାଶିରେ କିଣା ଯାଇଥିବା ଜରୁରୀକାଳୀନ କୋଭିଡ୍ ଉପକରଣକୁ ମୁଖ୍ୟମନ୍ତ୍ରୀ ଆଜି ଲୋକଙ୍କ ସେବାରେ ଉତ୍ସର୍ଗ କରିଛନ୍ତି । ଏହି ଅର୍ଥ ଦ୍ୱାରା ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲା ବରଗଡ, ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ, ନୂଆପଡା, ଝାରସୁଗୁଡା, ବୌଦ୍ଧ, ସୁବର୍ଣ୍ଣପୁର, ଦେବଗଡ ଓ ଅନୁଗୁଳରେ ସମସ୍ତ ଜରୁରୀକାଳୀନ କୋଭିଡ୍ ଉପକରଣ କିଣାଯାଇଛି । ଭେଣ୍ଟିଲେଟର, ଅକ୍ସିଜେନ୍ ପାଇପ ଲାଇନ, ଅଟୋଆନାଲାଇଜର, ସିବିସି ମେସିନ୍, ଅକ୍ସିମିଟର ଆଦି ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଅତିରିକ୍ତ ଅର୍ଥ ବ୍ୟବସ୍ଥା ଦ୍ୱାରା ଏହି ଜିଲ୍ଲା ଗୁଡିକରେ କୋଭିଡ୍ ଭିତ୍ତିଭୂମି ଆହୁରି ସୁଦୃଢ଼ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ପ୍ରକଟ କରି କହିଛନ୍ତି ଯେ, ସମସ୍ତଙ୍କ ମିଳିତ ଉଦ୍ୟମରେ ଆମେ ଖୁବ୍‌ଶୀଘ୍ର ଏ ସଙ୍କଟରୁ ମୁକ୍ତ ହେବୁ । ପଶ୍ଚିମ ଓଡ଼ିଶାରେ କୋଭିଡ୍ ସ୍ଥିତିରେ ଉନ୍ନତି ଆସିଥିବାରୁ ମୁଖ୍ୟମନ୍ତ୍ରୀ ଏହାର ସବୁ ଶ୍ରେୟ ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କୁ ଦେଇଛନ୍ତି । ଆଗଧାଡିରେ ରହି କାମ କରୁଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି ଓ ଆଶାକର୍ମୀ ସମସ୍ତଙ୍କୁ ଦେଇ ସେମାନଙ୍କ ତ୍ୟାଗ ଓ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି । ଆଗକୁ ପରିସ୍ଥିତିରେ ଆହୁରି ଉନ୍ନତି ଆସିବ ବୋଲି ସେ ଆଶାପ୍ରକାଶ କରିଛନ୍ତି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ଆଗେଇ ଆସିଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇ କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ବିକାଶ ପରିଷଦ ଯେପରି ଅଧିକ ବିକାଶ କାମ କାର୍ଯ୍ୟକାରୀ କରିପାରିବ, ସେଥିପାଇଁ ଅଧିକ ପାଣ୍ଠି ଦିଆଯାଉଛି । ବିକାଶ ପରିଷଦ ଏହାର ଦାୟିତ୍ୱ ସଫଳ ଭାବରେ ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୋଭିଡ୍ ମୁକାବିଲା ପାଇଁ ରାଜ୍ୟ ସରକାର ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି । ଅକ୍ସିଜେନ ଯୋଗାଣରେ ଓଡ଼ିଶା ନୂଆ ପରିଚୟ ସୃଷ୍ଟି କରି ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇ ପାରିଛି । ଏ ସଙ୍କଟ ସମୟରେ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' - ଏହା ଆମର ସିଦ୍ଧାନ୍ତ ବୋଲି ପ୍ରକାଶ କରି ପ୍ରତ୍ୟେକ ଲୋକ ଯେପରି ଉତ୍ତମ ଚିକିତ୍ସା ସେବା ପାଇପାରିବ, ସେଥିପାଇଁ ଆମର ଉଦ୍ୟମ ଜାରି ରହିଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

# ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ପରଲୋକ



ଭୁବନେଶ୍ୱର: ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ପରଲୋକ । ୭୮ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଛି । ୨୦୨୦ରେ ରାଧାମୋହନ ଓ ତାଙ୍କ ଝିଅଙ୍କୁ ପଦ୍ମଶ୍ରୀ ପୁରସ୍କାର ମିଳିଥିଲା । ନୟାଗଡ଼ରେ ଖାଲି ପଡ଼ିଥିବା ଜମିରେ ଜୈବିକ ଚାଷ କରି ପରିବର୍ତନ ଆଣିଥିଲେ ରାଧାମୋହନ । ପୂର୍ବରୁ ଓଡ଼ିଶାର ସୂଚନା କମିସନର ଥିଲେ ରାଧାମୋହନ । ରାଧାମୋହନ ପୁରୀ ଏସସିଏସ କଲେଜରେ ଅଧକ୍ଷ ପଦରୁ ଅବସର ନେବା ପରେ ସେ ସୂଚନା କମିସନର ଥିଲେ । ରାଧାମୋହନଙ୍କ ପରଲୋକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେପଟେ, ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ ଶୋକ ପ୍ରକାଶ କରିଛନ୍ତି ୟ ସେ କହିଛନ୍ତି , ରାଧାମୋହନଙ୍କ ବିୟୋଗ ଓଡ଼ିଶାର ଜୈବିକ କୃଷିକ୍ଷେତ୍ରରେ ଅପୂରଣୀୟ କ୍ଷତି । ସେ ଜଣେ ବିଶିଷ୍ଟ ଗାନ୍ଧୀବାଦୀ ନେତା, ସମାଜସେବୀ, ସ୍ତମ୍ଭକାର ଓ ବୈପ୍ଲବିକ ଋଷି । ସେ ରାଜ୍ୟର ସୂଚନା କମିସନର ଦାୟିତ୍ୱ ତୁଲାଉଥିଲେ ଏବଂ ଭାରତର ପଦ୍ମଶ୍ରୀ ଉପାଧି ଅଳଙ୍କୃତ କରିଥିଲେ । ସେ ଜଣେ ଭଲ ମଣିଷ ଓ ପରିବେଶବିତ୍ ଭାବରେ ସାରା ରାଜ୍ୟରେ ଲୋକପ୍ରିୟ ଥିଲେ । ଜୈବିକ କୃଷି କ୍ଷେତ୍ରରେ ରାଧାମୋହନଙ୍କ ବୈପ୍ଲବିକ ଅବଦାନ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ । ଏଇ ଦୁଃଖଦ ମୁହୂର୍ତ୍ତରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତ ଆତ୍ମାର ସଦ୍ଗତି ନିମନ୍ତେ ପ୍ରାର୍ଥନା କରୁଛି ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ।

# ଖଣି ଓ ଇସ୍ପାତ ବିଭାଗ ଅଧିନକୁ ଯିବ 'ଇଡକଲ୍'

**ଭୁବନେଶ୍ୱର :** ରାଜ୍ୟରେ ଶିଳ୍ପ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହନ, ସ୍ଥାପନ ଓ ପରିଚାଳନା ନିମନ୍ତେ ୧୯୬୨ ମସିହାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ ଲିଃ(ଇଡକଲ) ଏଣିକି ଖଣି ଓ ଇସ୍ପାତ ବିଭାଗ ଅଧୀନରେ କାର୍ଯ୍ୟ କରିବ । ଓଡ଼ିଶା ସରକାରୀ କାର୍ଯ୍ୟ ନିୟମାବଳୀରେ ସଂଶୋଧନ କରି 'ଇଡ୍କଲ'କୁ ଶିଳ୍ପ ବିଭାଗରୁ କାଢ଼ି ଆଣି ଇସ୍ପାତ ଓ ଖଣି ବିଭାଗ ଅଧୀନରେ ରଖିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛନ୍ତି । ଖୁବଶୀଘ୍ର 'ଇଡକଲ' ବିଧିବଦ୍ଧ ଭାବେ ଖଣି ଓ ଇସ୍ପାତ ବିଭାଗ ଅଧୀନକୁ ଆସିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଭିଡିଓ କନଫରେନ୍ସିଂ ମାଧମରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୧୧ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଇଡକଲକୁ ଖଣି ଓ ଇସ୍ପାତ ବିଭାଗ ଅଧୀନକୁ ସ୍ଥାନାନ୍ତର କରିବା ନିମନ୍ତେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ପ୍ରସ୍ତାବ ରାଜ୍ୟ କ୍ୟାବିନେଟରେ ଆସିଥିଲା । ଇଡକଲର କାର୍ଯ୍ୟକଳାପ ଏବେ ମୁଖ୍ୟତଃ ଖଣିଭିତ୍ତିକ ସ କିଛି ମାତ୍ରାରେ ଶିଳ୍ପଭିତ୍ତିକ ରହିଛି । ବିଗତ କିଛି ବର୍ଷ ଧରି ଇଡକଲ ଚୂନପଥର ଖଣି, ଲୁହାପଥର ଖଣି, ମାଙ୍ଗାନିଜ୍ ଖଣି ଓ କ୍ରୋମାଇଟ୍ ଖଣି କାର୍ଯ୍ୟ ସମ୍ପାଦନ କରିଆସୁଛି । ଇଡକଲ ଏବେ ଖଣିଜଭିତ୍ତିକ ଶିଳ୍ପଗୁଡ଼ିକର ମୂଳ କାର୍ଯ୍ୟକଳାପକୁ ଏକୀଭୂତ କରିବା ଉପରେ ଗୁରୁତ୍ୱ ଦେଉଛି । ଯେହେତୁ ଇଡକଲର ମୂଳ ଉଦ୍ଦେଶ୍ୟ ଏବେ ଖଣି କ୍ଷେତ୍ରକୁ ପରିବର୍ତ୍ତିତ ହୋଇଛି, ତେଣୁ ଏହାକୁ ଖଣି ଓ ଇସ୍ପାତ ବିଭାଗକୁ ସ୍ଥାନାନ୍ତର କରାଯିବା ଆବଶ୍ୟକତା ପଡ଼ିଛି । ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଧରି ରାଜ୍ୟରେ ଶିଳ୍ପାୟନ ଓ ପରିଚାଳନାରେ ଏହା ନିଜର ଉତ୍କର୍ଷ ପ୍ରତିପାଦିତ କରିପାରିଛି । ପରିବର୍ତ୍ତିତ ସମୟରେ ରାଜ୍ୟରେ ଶିଳ୍ପଭିତ୍ତିକ ଅର୍ଥନୀତି ସହିତ ତାଳଦେଇ ଆବଶ୍ୟକତା ଅନୁସାରେ ଇଡକଲ ଏହାର ମାନବ ସମ୍ବଳ, ବ୍ୟବସାୟ ଓ କାର୍ଯ୍ୟାନ୍ୱୟନକୁ ପୁନର୍ବିନ୍ୟାସ କରିଛି ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି